

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୨୯ ଭୁବନେଶ୍ୱର ଶନିବାର, ମଇ ୧୦.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.228 Bhubaneswar, Saturday, May 10, 2025

ଅପରେସନ୍ ସିନ୍ଦୂର-୨

# ଭାରତ-ପାକ୍ ମୁହାଁମୁହିଁ, ଗୁଳିବର୍ଷା, ଡ୍ରୋନ୍ ମାଡ଼



- ଉତ୍ତର ଭାରତରେ ଡ୍ରୋନ୍ ଆକ୍ରମଣ
- ଜମ୍ମୁ, ଶ୍ରୀନଗର, ପଠାନକୋଟ ବ୍ଲାକ୍ଆଉଟ୍
- ଆକ୍ରମଣ ବିଫଳ କରୁଛି ଭାରତୀୟ ସେନା
- ଅମୃତସରରେ ଲଗାତାର ବିସ୍ଫୋରଣ
- ପୋଖରାନ୍‌ରେ ଡ୍ରୋନ୍ ଆକ୍ରମଣ ପଣ୍ଡ

ନୂଆଦିଲ୍ଲୀ,୯/୫: ଭାରତ-ପାକ୍ ନିୟନ୍ତ୍ରଣ ରେଖା ଅଞ୍ଚଳରେ ଅତି ଗମ୍ଭୀର ସ୍ଥିତି ଉପୁଜିଛି ଏବଂ ଉତ୍ତର ଭାରତରେ ବିଭିନ୍ନ ସହର ଓ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ୍ କରି ପାକିସ୍ତାନ ଆଜି ରାତିରେ ପୁଣି ଡ୍ରୋନ୍ ଆକ୍ରମଣ କରିଛି। ଭାରୀ ଯୁଦ୍ଧାସ୍ତ୍ରରୁ ଗୁଳିଗୋଳା ମାଡ଼ ଓ ଡ୍ରୋନ୍ ଆକ୍ରମଣ ଯୋଗୁ ଜମ୍ମୁ କାଶ୍ମୀର ଓ ପଞ୍ଜାବର ବିଭିନ୍ନ ସୀମାବର୍ତ୍ତୀ ଅଞ୍ଚଳରେ ଆତଙ୍କ ଲାଗି ରହିଛି। ଭାରତୀୟ ସେନା ପାକ୍ ଡ୍ରୋନ୍ ଆକ୍ରମଣର ସଫଳ ମୁକାବିଲା କରୁଛି। ଜମ୍ମୁ, ସାମ୍ବା, ଉରି, କୁପଓ୍ୱାଡ଼ା, ହନ୍ଦଓ୍ୱାଡ଼ା, ପୁଞ୍ଚରେ ପାକିସ୍ତାନ ପଟୁ ଜୋରଦାର ଗୋଳାମାଡ଼ ହୋଇଛି। ଜମ୍ମୁ, ସାମ୍ବା, ପଞ୍ଜାବର ପଠାନକୋଟ, ରାଜସ୍ଥାନର ପୋଖରାନ, ଜୈସଲମେର ଓ ବାର୍ମେରରେ ପାକିସ୍ତାନ ପୁଣିଥରେ ଡ୍ରୋନ୍ ଆକ୍ରମଣ ଉଦ୍ୟମ କରିଥିବା ବେଳେ ସବୁ ଆକ୍ରମଣ ପଣ୍ଡ ହୋଇଛି। ସାମ୍ବା ସେକ୍ଟରରେ ପ୍ରବଳ ଗୋଳାମାଡ଼ ସାଙ୍ଗକୁ ଡ୍ରୋନ୍ ଆକ୍ରମଣ ଜାରି ରହିଛି। ଭାରତୀୟ ସେନା ୭ଟି ସ୍ଥାନରେ ପାକ୍ ଆକ୍ରମଣ ଉଦ୍ୟମର ଜବାବ ଦେଉଥିବା ଜଣାପଡ଼ିଛି। ସମସ୍ତ ସହରାଞ୍ଚଳରେ ପାକିସ୍ତାନୀ ଡ୍ରୋନ୍‌କୁ ଭାରତୀୟ ଇଣ୍ଟରସେପ୍ଟର ଖସାଉଛି। ଅମୃତସରରେ ମଧ୍ୟ ୪ ଥର ବିସ୍ଫୋରଣ ହୋଇଛି। ରାଜସ୍ଥାନର ପୋଖରାନରେ ଏକ ସାମରିକ ଜୋନ୍ ନିକଟରେ ଡ୍ରୋନ୍ ଆକ୍ରମଣକୁ ବିଫଳ କରାଯାଇଛି। ଏଲ୍‌ଓସିରେ ପାକ୍‌ର ଘନଘନ ଗୋଳାମାଡ଼ ଯୋଗୁଁ କମାଲକୋଟ, କାଲ୍‌ଗାଇ ଏବଂ ସଲାମବାଦ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ସୀମାନ୍ତ ଜିଲ୍ଲାରେ ଗୋଳାମାଡ଼ ଜାରି ରହିଥିବାବେଳେ ଜମ୍ମୁ, ଶ୍ରୀନଗର ଏବଂ ପଠାନକୋଟ ସମେତ ପ୍ରମୁଖ ସହର ବ୍ଲାକଆଉଟ୍ ରହିଛି। ତୀବ୍ର ଉତ୍ତେଜନା ମଧ୍ୟରେ ଶ୍ରୀନଗର ବିମାନବନ୍ଦରକୁ ମେ' ୧୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ବାରମୂଳା ଓ ସାମ୍ବା ସେକ୍ଟରରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଶୁକ୍ରବାର ଭୋର ସମୟରେ ପାକିସ୍ତାନ ସେନା ଦ୍ୱାରା ପ୍ରବଳ ଗୁଳିଗୋଳା ମାଡ଼ ହେବାରୁ ଜଣେ ୪୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଛି ଏବଂ ୫ ଜଣ ଆହତ ହୋଇଛନ୍ତି। ଉରି ଓ ସାମ୍ବା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଉରିରେ ନର୍ଗିସ ବେଗମ ନାମକ ଜଣେ ମହିଳାଙ୍କର ପାକିସ୍ତାନ ଗୋଳାମାଡ଼ରେ ମୃତ୍ୟୁ ହୋଇଛି। ଜମ୍ମୁ ବିମାନବନ୍ଦର ନିକଟରେ ଆଜି ପୁଣିଥରେ ଏୟାର ରେଡ୍ ସାଇରନ୍ ବାଜିଛି।

## ୩ ସେନା ମୁଖ୍ୟଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା



ନୂଆଦିଲ୍ଲୀ,୯/୫: ଭାରତ-ପାକିସ୍ତାନ ମଧ୍ୟରେ ପ୍ରବଳ ଉତ୍ତେଜନା ଲାଗି ରହିଛି। ଯେକୌଣସି ସମୟରେ ଯୁଦ୍ଧ ବ୍ୟାପକ ରୂପ ନେଇପାରେ। ତେଣୁ ଜରୁରୀ ସ୍ଥିତିର ମୁକାବିଲା ପାଇଁ ସବୁପ୍ରକାର ପ୍ରସ୍ତୁତି ଚାଲିଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରତିରକ୍ଷା, ଗୃହ, ସ୍ୱାସ୍ଥ୍ୟ, ଅର୍ଥ, ସଡ଼କ ପରିବହନ ଆଦି ବିଭାଗର ମନ୍ତ୍ରୀମାନେ ଏକାଧିକ ସମୀକ୍ଷା ବୈଠକ କରିଛନ୍ତି। ଏସବୁ ବୈଠକରେ ଏନ୍‌ଏସ୍‌ଏ, ସିଡିଏସ୍, ସେନାମୁଖ୍ୟ, ବିଭାଗୀୟ ସଚିବ, ବରିଷ୍ଠ ଅଧିକାରୀ, ସିଆରପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍ ସମେତ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀର ମୁଖ୍ୟମାନେ ଯୋଗ ଦେଇଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ନର୍ଥ ବ୍ଲକ୍ ଏବଂ ସାଉଥ୍ ବ୍ଲକ୍ ଚଳଚଞ୍ଚଳ ଥିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୩ ସେନା ମୁଖ୍ୟଙ୍କ ସହ ବୈଠକ କରି ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବୈଠକରେ ଏନ୍‌ଏସ୍‌ଏ ଅଜିତ ଡୋଭାଲ ଏବଂ ସିଡିଏସ୍ ଅନୀଲ ଚୌହାନ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଶୀର୍ଷ ସାମରିକ ପଦାଧିକାରୀଙ୍କ ସହ ଜାତୀୟ ସୁରକ୍ଷା ସ୍ଥିତି ନେଇ ବିସ୍ତୃତ ସମୀକ୍ଷା ବୈଠକ କରିଛନ୍ତି। ସିଡିଏସ୍ ଅନୀଲ ଚୌହାନ, ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ମାର୍ଶାଲ ଅମରପ୍ରୀତ ସିଂହ, ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କୁମାର ତ୍ରିପାଠୀ ଏବଂ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ସହ ସେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ସୀମା ସ୍ଥିତି ଏବଂ ବିମାନବନ୍ଦରର ସୁରକ୍ଷା ଆଦିର ସମୀକ୍ଷା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ମଧ୍ୟାହ୍ନ ୧୨ଟା ୩୦ରେ ଗୃହମନ୍ତ୍ରୀ ଶାହ ବିଏସ୍‌ଏଫ୍, ସିଆଇଏସ୍‌ଏଫ୍ ଏବଂ ବିସିଏଏସ୍ ଡିଜିମାନଙ୍କ ସହ ବୈଠକ କରିଥିଲେ। ଶାହଙ୍କ ବାସଭବନରେ ପ୍ରାୟ ୧ଘଣ୍ଟା ଧରି ଏହି ବୈଠକ ଚାଲିଥିଲା। ଏଥିରେ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଆଇବି ନିର୍ଦ୍ଦେଶକ ତପନ ଡେକା, ବିଏସ୍‌ଏଫ୍ ଡିଜି ଦଲଜିତ ଚୌଧୁରୀ, ସିଆଇଏସ୍‌ଏଫ୍ ଡିଜି ଆରଏସ୍ ଭଟି, ବିସିଏଏସ୍ (ବେସାମରିକ ବିମାନଚଳାଚଳ ବ୍ୟୁରୋର ମହାନିର୍ଦ୍ଦେଶକ) ରାଜେଶ ନିରଞ୍ଜନ ଉପସ୍ଥିତ ଥିଲେ। ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନେ ଶାହଙ୍କୁ ସୁରକ୍ଷା ପ୍ରସ୍ତୁତି ଏବଂ ବାସ୍ତବ ସ୍ଥିତି ସଂକ୍ରାନ୍ତରେ ଅବଗତ କରିଥିଲେ। ଗୃହମନ୍ତ୍ରୀ ମଧ୍ୟ ଗୁରୁବାର ରାତିରେ ସମସ୍ତ ସୀମା ସୁରକ୍ଷା ବାହିନୀ ଡିଜିଙ୍କ ସହ ଆଲୋଚନା କରି ଭାରତୀୟ ସୀମାରେ ସାଂପ୍ରତିକ ସୁରକ୍ଷା ସ୍ଥିତି ସଂକ୍ରାନ୍ତରେ ଅବଗତ ହୋଇଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଆଜି ଦେଶରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ନେଇ ଜରୁରୀ ବୈଠକ କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗଦେଇଥିଲେ। ଯେକୌଣସି ପ୍ରକାର ଜରୁରୀ ସ୍ଥିତିର ମୁକାବିଲା ପାଇଁ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରସ୍ତୁତ ଅଛନ୍ତି, ସେ ନେଇ ନଡ୍ଡାଙ୍କୁ ଅବଗତ କରାଯାଇଛି। ହସ୍ପିଟାଲ୍‌ଗୁଡ଼ିକରେ ଆବଶ୍ୟକ ପରିମାଣର ଔଷଧ ମହଜୁଦ ରଖିବା ସହିତ ପର୍ଯ୍ୟାପ୍ତ ରକ୍ତ ଓ ଟ୍ରମା କେୟାର କିଟ୍ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନୂଆଦିଲ୍ଲୀ ଏମ୍ସ ଏବଂ ଅନ୍ୟ ସରକାରୀ ହସ୍ପିଟାଲ୍‌ଗୁଡ଼ିକରେ ଡାକ୍ତର ଏବଂ ନର୍ସମାନେ ଜରୁରୀ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସବୁ ସରକାରୀ, ଘରୋଇ ବ୍ୟାଙ୍କ, ବୀମା କମ୍ପାନିର ଏମ୍‌ଡି ଏବଂ ସିଇଓମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ସମସ୍ତ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ସତର୍କ ରହିବା ଏବଂ ଯେକୌଣସି ପ୍ରକାର ସଙ୍କଟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସୀତାରମଣ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ତାଙ୍କ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ମଧ୍ୟ ଆଜି ଜରୁରୀ ବୈଠକ କରିଛନ୍ତି। ଦେଶର ସଡ଼କ ଭିତ୍ତିଭୂମିଗୁଡ଼ିକ କିଭଳି ସୁରକ୍ଷିତ ରହିବ ତାହା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟର ସଡ଼କ ସ୍ଥିତି ମନ୍ତ୍ରୀ ସମୀକ୍ଷା କରିଛନ୍ତି।

## ସ୍ଥଗିତ ରହିଲା ଆଇପିଏଲ-୨୦୨୫

ନୂଆଦିଲ୍ଲୀ,୯/୫: ଭାରତ-ପାକିସ୍ତାନ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ମଧ୍ୟରେ ଆଇପିଏଲ ୨୦୨୫କୁ ସ୍ଥଗିତ ରଖାଯାଇଛି। ଏନେଇ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପକ୍ଷରୁ ସୂଚନା ଦିଆଯାଇଛି। ବିସିସିଆଇ କହିଛି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ବିଦେଶୀ ଖେଳାଳିମାନଙ୍କୁ ସେମାନଙ୍କ ଦେଶକୁ ପଠାଇ ଦିଆଯାଉଛି। ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଆଇପିଏଲ ୨୦୨୫କୁ ସ୍ଥଗିତ ରଖାଯାଇଛି। ନୂତନ ତାରିଖ ଏବଂ ସ୍ଥାନ ନେଇ ସମୀକ୍ଷା କରାଯାଉଛି। ବାକି ମ୍ୟାଚ୍ ଗୁଡ଼ିକ କେବେ ଏବଂ କେଉଁଠି ହେବ ଏହା ବିସିସିଆଇ ଆଗକୁ ଘୋଷଣା କରିବ। ବିସିସିଆଇର ଜଣେ ଅଧିକାରୀ କହିଛନ୍ତି "ଆମେ ଦେଶ ସହିତ ଠିଆ ହେଉଛୁ। ଆମର ପ୍ରାଥମିକତା ହେଉଛି ଦେଶ। ଖେଳାଳିଙ୍କ ସୁରକ୍ଷା ସର୍ବୋପରି। କ୍ରିକେଟ୍ ଦେଶଠାରୁ ଊର୍ଦ୍ଧ୍ୱରେ ନୁହେଁ। ସୂଚନାଯୋଗ୍ୟ ଜାମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦ ଆକ୍ରମଣ ପରେ ଭାରତର ପ୍ରତିଶୋଧ ଓ ପାକିସ୍ତାନର ପ୍ରତ୍ୟାକ୍ରମଣ ପରେ ଗୁରୁବାର ଆନୁଷ୍ଠାନିକ ଯୁଦ୍ଧ ଆରମ୍ଭ ହୋଇଛି। ଏହି ଯୁଦ୍ଧର ପ୍ରଭାବ ଯୋଗୁଁ ଗତକାଲି ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଚାଲିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୫୮ତମ ଲିଗ୍ ମ୍ୟାଚ୍‌କୁ ଅଧାରୁ ବାତିଲ କରିଦିଆଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଗତକାଲିର ମ୍ୟାଚ୍ ବାତିଲ କରାଯିବା ପରେ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।

## ସେନାକୁ ସହଯୋଗ କରିବାକୁ ସାମିଲ ହେବ ଟେରିଟୋରିଆଲ୍ ଆର୍ମି

ନୂଆଦିଲ୍ଲୀ ,୯/୫: ଭାରତ-ପାକିସ୍ତାନ ଉତ୍ତେଜନା ସ୍ଥିତି ମଧ୍ୟରେ ଟେରିଟୋରିଆଲ୍ ଆର୍ମିକୁ ଡକରା ହୋଇଛି। ଭାରତ ସରକାର ଏ ନେଇ ସ୍ଥଳସେନା ମୁଖ୍ୟଙ୍କୁ ଦାୟିତ୍ୱ ଦେଇଛନ୍ତି। ଟେରିଟୋରିଆଲ୍ ଆର୍ମିର ଅଧିକାରୀ ଓ ଯବାନମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେନାକୁ ସହଯୋଗ କରିବାକୁ ସାମିଲ ହେବ ଟେରିଟୋରିଆଲ୍ ଆର୍ମି। ୩୨ଟି ବାଟାଲିୟନରୁ ୧୪ଟି ଟେରିଟୋରିଆଲ୍ ଆର୍ମି ବାଟାଲିୟନ ବିଭିନ୍ନ କମାଣ୍ଡରେ ମୁତୟନ ହେବେ ବୋଲି ସୂଚନା ମିଳିଛି। ଭାରତ-ପାକ୍ ଉତ୍ତେଜନା ମଧ୍ୟରେ ଟେରିଟୋରିଆଲ୍ ଆର୍ମିକୁ ଡାକିବା ପାଇଁ କେନ୍ଦ୍ର ସେନା ମୁଖ୍ୟଙ୍କୁ ଦାୟିତ୍ୱ ଦେଇଛି। ନିୟମିତ ସେନାର ଦ୍ୱିତୀୟ ବାହିନୀ ଭାବରେ ଏହାର ଭୂମିକା ପାଇଁ ଜଣାଶୁଣା ଟେରିଟୋରିଆଲ୍ ଆର୍ମି ଇନଫାଣ୍ଟ୍ରି ବାଟାଲିୟନ ଯବାନ ସାମିଲ ହୋଇଥାନ୍ତି ଯେଉଁମାନେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ପାଇଁ ସାମରିକ ତାଲିମ ଗ୍ରହଣ କରନ୍ତି। କେନ୍ଦ୍ର ସରକାର ପାକିସ୍ତାନ ସହିତ ଉତ୍ତେଜନା ବୃଦ୍ଧି ପାଇବା ସହିତ ଟେରିଟୋରିଆଲ୍ ଆର୍ମିର ଯବାନମାନଙ୍କୁ ଡାକିବା ପାଇଁ ସେନା ମୁଖ୍ୟଙ୍କୁ ଅଧିକାର ଦେଇଛନ୍ତି। ଟେରିଟୋରିଆଲ୍ ଆର୍ମି ନିୟମ, ୧୯୪୮ର ନିୟମ ୩୩ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିଆଯାଇଥିବା ଏହି ନିଷ୍ପତ୍ତି ନିଆଯାଇଛି। ଏହ ବହୁ କମାଣ୍ଡ ମଧ୍ୟରେ ଭାରତୀୟ ସେନାର ନିୟମିତ ବାହିନୀକୁ ପରିପୂରକ ଏବଂ ସମର୍ଥନ କରିବାକୁ ଚେଷ୍ଟା କରିବ ବୋଲି କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଘୋଷଣା କରିଛି ଯେ ଏହି କାର୍ଯ୍ୟ ବର୍ତ୍ତମାନର ୩୨ଟି ଟେରିଟୋରିଆଲ୍ ଆର୍ମି ପଦାତିକ ବାଟାଲିଅନରୁ ନିଆଯିବ। ସେନାରେ ସହଯୋଗ ପାଇଁ ଡକାଯାଇଥିବା ଟେରିଟୋରିଆଲ୍ ? ଆର୍ମି ୟୁନିଟଗୁଡ଼ିକୁ ଦକ୍ଷିଣ, ପୂର୍ବ, ପଶ୍ଚିମ, କେନ୍ଦ୍ରୀୟ, ଉତ୍ତର ଏବଂ ଦକ୍ଷିଣ ପଶ୍ଚିମ କମାଣ୍ଡ ସହିତ ଆଣ୍ଡାମାନ ଏବଂ ନିକୋବର କମାଣ୍ଡ ଏବଂ ସେନା ତାଲିମ କମାଣ୍ଡ ସମେତ ବିଭିନ୍ନ ପ୍ରମୁଖ ସାମରିକ ଜୋନରେ ନିୟୋଜିତ କରାଯିବ। ନିୟମିତ ସେନାର ଦ୍ୱିତୀୟ ବାହିନୀ ଭାବରେ ଏହାର ଭୂମିକା ପାଇଁ ଜଣାଶୁଣା ଟେରିଟୋରିଆଲ୍ ଆର୍ମି ଯବାନମାନେ ସାମିଲ ଅଛନ୍ତି ଯେଉଁମାନେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଏବଂ ଆଭ୍ୟନ୍ତରୀଣ ସୁରକ୍ଷା କର୍ତ୍ତବ୍ୟ ପାଇଁ ସାମରିକ ତାଲିମ ଗ୍ରହଣ କରନ୍ତି। ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସଶସ୍ତ୍ର ବାହିନୀ ବୁଧବାର ସକାଳେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଲକ୍ଷ୍ୟସ୍ଥଳ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିବା ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏଥିରେ ବାହାବଲପୁରର ଜୈଶ-ଏ-ମହମ୍ମଦର ଗଡ଼ ଏବଂ ମୁରିଦକେରେ ଲସ୍କର-ଏ-ତୈବାର ଘାଟି ସାମିଲ ଅଛି।

## ପୁଣି ମେ' ମାସରେ ବାତ୍ୟା ଆଶଙ୍କା

### ୧୬ରେ ଲଘୁଚାପ, ନେଇପାରେ ବାତ୍ୟାର ରୂପ

ଭୁବନେଶ୍ୱର,୯/୫: ରାଜ୍ୟରେ ଆରମ୍ଭ ହୋଇଛି ଅସହ୍ୟ ଗୁଳୁଗୁଳି। ଉପକୂଳ ଓଡ଼ିଶାରେ ବାୟୁମଣ୍ଡଳରେ ଆର୍ଦ୍ରତା ଗୁଳୁଗୁଳିକୁ ବୃଦ୍ଧି କରିଛି। ତାପମାତ୍ରା ୪୦ ଡିଗ୍ରୀ ତଳେ ରହୁଥିଲେ ମଧ୍ୟ ଅନୁଭବ ତାପମାତ୍ରା (ଫିଲ୍‌ଲାଇକ୍ ଟେମ୍ପରେଚର) ୪୫ରୁ ୪୮ ଡିଗ୍ରୀ ରହିଛି। ଉପକୂଳ ଓଡ଼ିଶାରେ ଏହି ସ୍ଥିତି ଆସନ୍ତା ୬ ଦିନ ପର୍ଯ୍ୟନ୍ତ ଜାରି ରହିବ ଓ ଆସନ୍ତା ୧୦ ତାରିଖରୁ ତାପମାତ୍ରା ବୃଦ୍ଧି ପରେ ଗ୍ରୀଷ୍ମଲହରୀ ପରିସ୍ଥିତି ସୃଷ୍ଟି ହେବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅପରପକ୍ଷରେ ଆସନ୍ତା ୧୬ ରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଉତ୍ତର ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଅଧିକ ଘନୀଭୂତ ହୋଇପାରେ ବୋଲି ଅଧିକାଂଶ ମଡେଲ୍ ଆକଳନ କରୁଛନ୍ତି। ଯେହେତୁ ବର୍ତ୍ତମାନ ପ୍ରାକ୍ ମୌସୁମୀ ବାତ୍ୟା ଋତୁ ଜାରି ରହିଛି, ସେଥିପାଇଁ ଏହି ପାଣିପାଗ ଜନିତ ସ୍ଥିତି ଉପରେ ଆଇଏମ୍‌ଡି ନଜର ରଖିଛି। ୨୦୨୧ ମସିହା ମେ' ମାସ ୨୩ରେ ସାମୁଦ୍ରିକ ଝଡ଼ 'ୟସ' ଘନୀଭୂତ ହୋଇ ୨୬ରେ ଓଡ଼ିଶାରେ ସ୍ଥଳଭାଗ ଅତିକ୍ରମ କରିଥିଲା। ଏଥିପାଇଁ ସମ୍ଭାବ୍ୟ ଲଘୁଚାପ ଅଧିକ ଘନୀଭୂତ ହେଲେ ବାତ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଯଦିଓ ବର୍ତ୍ତମାନ ସୁଦ୍ଧା ସମ୍ଭାବ୍ୟ ଲଘୁଚାପ ସମ୍ପର୍କରେ ଆଇଏମ୍‌ଡି କୌଣସି ଆକଳନ କରି ନାହିଁ, ହେଲେ ଗୁରୁବାର ବିଭାଗ ପକ୍ଷରୁ ଜାରି ହୋଇଥିବା ବିସ୍ତାରିତ ପରିସର ଆକଳନରେ ବିଭିନ୍ନ ମଡେଲ୍‌ର ଆକଳନ ନେଇ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଏଥିରେ କିଛି ମଡେଲ୍ ଏହି ଲଘୁଚାପ ସୃଷ୍ଟି ପରେ ବାତ୍ୟା ହେବା ନେଇ ଆକଳନ କରୁଥିବା ବେଳେ କିଛି ମଡେଲ୍ ଏହା ବାତ୍ୟା ହୋଇ ଦିଗ ପରିବର୍ତ୍ତନ କରି ପାରେ ବୋଲି ଆକଳନ କରୁଛନ୍ତି।



## ଭିଜନ ଡକୁମେଣ୍ଟର ଚୂଡାନ୍ତ ପ୍ରସ୍ତୁତି ପାଇଁ ବିଶେଷଜ୍ଞ ମାନଙ୍କର ପରାମର୍ଶ ଗ୍ରହଣ କଲେ ରାଜ୍ୟ ସରକାର




ଭୁବନେଶ୍ୱର,୯/୫: ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ହେବ। ଏଥିପାଇଁ ୩୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଓଡିଶାକୁ ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରାଯିବ। ୨୦୩୬ ସୁଦ୍ଧା ସମାଜର ଶେଷ ସ୍ତରରେ ଥିବା ଲୋକମାନେ ଯେପରି ସବୁ ପ୍ରକାରର ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ। ଆଜି ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍ ଠାରେ 'ଭିଜନ ଓଡିଶା ୨୦୩୬ ଓ ୨୦୪୭' ପାଇଁ ଆୟୋଜିତ ରାଜ୍ୟସ୍ତରୀୟ 'ପରାମର୍ଶ କର୍ମଶାଳା'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡମ୍ୟାପ୍ । ଏହା ଆମ ଭବିଷ୍ୟତର ପିଢ଼ିଙ୍କ ପାଇଁ ଏକ ପ୍ରତିଶ୍ରୁତି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଭିଜନ ଡକୁମେଣ୍ଟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ଏକ ଡ୍ରାଫ୍ଟ ଡକୁମେଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷଜ୍ଞ ମାନଙ୍କ ପରାମର୍ଶ ପରେ ଚୂଡାନ୍ତ ଡକୁମେଣ୍ଟ ପ୍ରସ୍ତୁତ କରାଯିବ। ଆଜି ଏକ ରାଜ୍ୟ ସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ କରାଗଲା। ଏହା ପରେ ସମ୍ବଲପୁର, ବାଲେଶ୍ୱର ଓ ଜୟପୁରରେ ଆହୁରି ତିନୋଟି ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହେବବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜିର ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ଅଭିଜ୍ଞ ପ୍ରଶାସକ, ଶିକ୍ଷାବିତ୍, ଜନପ୍ରତିନିଧି, ଶିଳ୍ପ ଏବଂ ନାଗରିକ ସମାଜର ପ୍ରତିନିଧି, ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମାନେ ଯୋଗଦେଇ ନିଜନିଜର ଚିନ୍ତାଧାରା ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ସେ କହିଲେ ଯେ, ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରାଯାଇଛି। ଏହା ଏକ ରଣନୈତିକ ପଦକ୍ଷେପ (Strategic Initiative)। ଏହି ପଦକ୍ଷେପ ହେଉଛି '୩୬ ଲକ୍ଷ୍ୟ ୩୬' । ଏହି ପଦକ୍ଷେପ ଓଡ଼ିଶାର ଅଭିବୃଦ୍ଧିର ଯାତ୍ରାକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଭିଜନ ହାସଲ ପାଇଁ ସମ୍ପୂର୍ଣ୍ଣ ସରକାର (Whole of Government) ଆଭିମୁଖ୍ୟରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଅର୍ଥନୀତି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ପର୍ଯ୍ୟଟନ, ବିଜ୍ଞାନ ଓ ଗବେଷଣା, ଅଭିନବ ଚିନ୍ତାଧାରା(Innovation), ମହିଳା ସଶକ୍ତିକରଣ, ଗ୍ରାମ ବିକାଶ, ଆଦିବାସୀ କଲ୍ୟାଣ, ଓଡିଆ ଭାଷା, ସଂସ୍କୃତି ଓ ଅସ୍ମିତାର ପ୍ରସାର ଆଦି ୩୬ଟି କ୍ଷେତ୍ରରେ ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ପଦକ୍ଷେପ ମାନ ଗ୍ରହଣ କରାଯିବ। ସେ ପୁଣି କହିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପ୍ରେରଣାଦାୟୀ ନେତୃତ୍ୱରେ ଦେଶ ଏକ ବିକଶିତ ଭାରତ ହେବା ଲକ୍ଷ୍ୟରେ ଅଗ୍ରସର ହେଉଛି। ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ, ଆମ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି । ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ସେ ପୁଣି କହିଲେ ଯେ, ଆମର ଭିଜନ ୨୦୩୬ ଏବଂ ୨୦୪୭ ଡକୁମେଣ୍ଟ ହେଉଛି ଏକ ସମୃଦ୍ଧ, ବିକଶିତ ଏବଂ ଗର୍ବିତ ଓଡ଼ିଶା ଗଠନ ପାଇଁ ଆମର ମହତ୍ୱାକାଂକ୍ଷୀ ସଂକଳ୍ପ – ଏକ 'ବିକଶିତ ଓଡ଼ିଶା' ଯାହା 'ବିକଶିତ ଭାରତ' ମଧ୍ୟରେ ଏକ ଉଜ୍ଜ୍ୱଳ ତାରକା ଭାବରେ ଉଦୀୟମାନ ହେବ। ଡକୁମେଣ୍ଟ ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ପ୍ରଧାନମନ୍ତ୍ରୀଙ୍କ 'ଜନ ଭାଗିଦାରୀ' ଦର୍ଶନକୁ ସମର୍ଥନ କରି ଆମେ ପରାମର୍ଶ ପାଇଁ ଦ୍ୱାର ଖୋଲିଥିଲୁ ଏବଂ ଓଡ଼ିଶାର ନାଗରିକ ଓ ପ୍ରବାସୀ ଓଡ଼ିଆଙ୍କ ଠାରୁ ୩.୨ ଲକ୍ଷରୁ ଅଧିକ ପ୍ରସ୍ତାବ ମିଳିସାରିଛି । ଆମର ଭିଜନ ଡକ୍ୟୁମେଣ୍ଟ ଲୋକଙ୍କ ପାଇଁ ଏବଂ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଏହି ଡକୁମେଣ୍ଟ ପ୍ରସ୍ତୁତ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସର ବ୍ୟବହାର କରାଯାଇଛି ବୋଲି ମତଦେଇ ସେ କହିଲେ ଯେ, ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ, ଯାହା କୃତ୍ରିମ ବୁଦ୍ଧିମତ୍ତାର ସହାୟତାରେ ଜନସାଧାରଣ ଦେଇଥିବା ତଥ୍ୟ ଏବଂ ପରାମର୍ଶଗୁଡ଼ିକୁ ବିଶ୍ଳେଷଣ କରି, ଏହି ଦସ୍ତାବିଜ ପ୍ରସ୍ତୁତ କରୁଛନ୍ତି। ବିଧାୟକ ଓ ସାଂସଦ ମାନଙ୍କ ଠାରୁ ମଧ୍ୟ ସେମାନଙ୍କର ଦୀର୍ଘ ଦିନର ଅଭିଜ୍ଞତା ଦୃଷ୍ଟିରୁ, ତାଙ୍କର ମୂଲ୍ୟବାନ ମତାମତ ଦେବାପାଇଁ ପତ୍ର ଜରିଆରେ ଅନୁରୋଧ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଲେ ଯେ, ଆମର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ଲକ୍ଷ୍ୟ, ଏ ଦୁଇଟି ବିଷୟକୁ ନେଇ ଆମର କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ପଡିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଦେଶ ଏବେ ଆତ୍ମ ନିର୍ଭର ଭାରତ ହେବା ଦିଗରେ ଅଗ୍ରସର ହୋଇ ଚାଲିଛି। ୨୦୩୬ରେ ଓଡିଶାରେ ମହିଳା ସଶକ୍ତି କରଣ କିପରି ହେବ ସେ ବିଷୟରେ ମଧ୍ୟ ସ୍ପଷ୍ଟ ଦିଗ ନିର୍ଦ୍ଧାରଣ କରାଯାଇଛି। ମହିଳା ମାନଙ୍କୁ ସବୁ କ୍ଷେତ୍ରରେ ସମାନ ଅଧିକାର ମିଳିବା ଆବଶ୍ୟକ। ସବୁ କ୍ଷେତ୍ରରେ ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯିବା ଆବଶ୍ୟକ। ଓଡିଶାରେ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡିଶା ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ସଫଳତା ହାସଲ କରିଛି ବୋଲି ପ୍ରକାଶ କରି ସେ କହିଲେ ଯେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂହ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଧାମନଗର ରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ



ଧାମନଗର ଧାମନଗର ଠାରେ ସି.ଆଇ.ଟି.ୟୁ ଶ୍ରମିକ ସଂଗଠନ ପକ୍ଷରୁ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଛି। ମଇ ୧ତାରିଖ ସକାଳ ୮ଟା ୩୦ ମିନିଟ ସମୟରେ ସି ପି ଆଇ ଏମ ର ବ୍ଲକ ସ୍ତରୀୟ ନେତା ସାଥୀ ଏମଡି ଜୟନୁଲ ଆବେଦିନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସି ପି ଆଇ ଏମ ନେତା ସାଥୀ ଚନ୍ଦ୍ରଶେଖର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି ଶ୍ରମିକଙ୍କ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ସହ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରିଥିଲେ। ଏଥିରେ ଧାମନଗର ସି.ଆଇ.ଟି.ୟୁ ର ବ୍ଲକ ସଭାପତି ସାଥୀ ଗୟାଧର ସାହୁ ଯୋଗ ଦେଇ ଶ୍ରମିକ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ବୁଲାରାମ ସେଠୀ,ବିପ୍ଳବ ଯେନା,ଲକ୍ଷ୍ମୀପ୍ରିୟା ନାୟକ,ସୂର୍ଯ୍ୟମଣି ବାରିକ,ଭିମସେନ ବେହେରା, ଶ୍ରୀମତୀ ଯେନା,ସୁନିତା ଦାସ,ସନ୍ତୋଷ ଯେନା,ଜଗବନ୍ଧୁ ନାୟକ,ଖିରୋଦ କୁମାର ଦାସ, ପପୁ ଯେନା ପ୍ରମୁଖ ଯୋଗ ଦେଇଥିଲେ।(ଫଟୋ)

# ଜରାଜୀର୍ଣ୍ଣ ଅବସ୍ଥାରେ ୪୫ କୋଟି ଟଙ୍କାର ଜିଲ୍ଲା ଜରାନିବାସ



ଧାମନଗର ଧାମନଗର ଏନ ଏ ସି ଅନ୍ତର୍ଗତ ଦକ୍ଷିଣବାଡ଼ ନିକଟରେ ନିର୍ମାଣ ହୋଇଥିବା ଜିଲ୍ଲାସ୍ତରୀୟ ଜାରାନିବାସ ଏବେ ଜରାଜୀର୍ଣ ଅବସ୍ଥାରେ। ୨୦୧୯ ମସିହା ଅକ୍ଟୋବର ମାସ କେନ୍ଦ୍ର ସରକାରଙ୍କ ବିଜ ଏଣ୍ଡ ଗ୍ରୁପ୍ ସଂସ୍ଥା ଏହି ପ୍ରକଳ୍ପ ୪୫କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିଥିଲେ । ଉକ୍ତ ପ୍ରକଳ୍ପର ୮୦ଭାଗ ସମ୍ପୂର୍ଣ୍ଣ ହୋଇଥିବା ବେଳେ ତାହା ଏବେ ଜରାଜୀର୍ଣ ଅବସ୍ଥାରେ। ଧାମନଗର ବିଜ୍ଞାପିତ ଅଞ୍ଚଳ ଧାମନଗର ମହାବିଦ୍ୟାଳୟ ନିକଟରେ ପ୍ରାୟ ୧୫ ଏକର ଜମିରେ ତତ୍କାଳୀନ ସରକାର ଏଇ ଜିଲ୍ଲା ଜରାନିବାସ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ତତ୍କାଳୀନ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସହିତ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବିଧାୟକଙ୍କ ଉପସ୍ଥିତିରେ ୨୦୧୯ ମସିହା ଫେବୃଆରୀ ୪ତାରିଖ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ନିର୍ମାଣର ୧୮ ମାସ ଭିତରେ ୮୦ ଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଆଜିଯାଏ ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏବେ ସେଠାରେ କେତେକ ଭିନ୍ନକ୍ଷମ ବ୍ୟକ୍ତି ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି। ୨୦୧୯ ମସିହାରେ ଯେବେ ଏଠାରେ କର୍ଯ୍ୟ ଆରମ୍ଭ ହୋଇଥିଲା ସେ ସମୟରେ ସ୍ଥାନୀୟ ଲୋକେ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ବାରମ୍ବାର ଅଭିଯୋଗ ଆଣିଥିଲେ। ବିଭିନ୍ନ ଖବରକାଗଜରେ ଠିକାଦାର ମନମୁଖୀ ଓ ନିମ୍ନମାନର କାର୍ଯ୍ୟ କରୁଛି ବୋଲି ଖବର ପ୍ରକାଶ ପାଇଥିଲେ ମଧ କୈଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଯଦି ପୂର୍ବ ସରକାର ତଦନ୍ତ କରି ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ ତେବେ ଏବେ କମଦିନରେ କାନ୍ଥ ଫାଟିବା,ଡ୍ରେନ,ରାସ୍ତା ଓ ପାଚେରୀ ଭାଙ୍ଗି ନଥାନ୍ତା ଏବଂ ଏଠାରେ ରହୁଥିବା ଅନ୍ତେବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା। ଏନେଇ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଏହାର ତଦନ୍ତ ପାଇଁ ସେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୁବଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି। ତେବେ ୪୫କୋଟି ଟଙ୍କାର ଏତେବଡ଼ ପ୍ରକଳ୍ପ ବହୁତ କମଦିନରେ ଜରାଜୀର୍ଣ୍ଣ ହୋଇଛି ଏଥିପାଇଁ ଦାୟୀ କିଏ ତତ୍କାଳୀନ ସରକାର ନା ଠିକାଦାର ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନଦୀବନ୍ଧ ସୁରକ୍ଷା ପାଇଁ ବୃକ୍ଷରୋପଣ ଅନୁଷ୍ଠିତ



ବାରିପଦା ବାରିପଦା ମୁନିସିପାଲିଟି ଅଂଚଳସ୍ଥିତ ସ୍ଥାନୀୟ ୱାର୍ଡ ନମ୍ବର ୧୬, କାଳିମନ୍ଦିର ସାହି ଅଞ୍ଚଳରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୁକଯୋଡ଼ା ନଦୀ ଶଯ୍ୟା ଅଞ୍ଚଳରେ ନଦୀବନ୍ଧକୁ ସୁରକ୍ଷା ଯୋଗାଇବା ପାଇଁ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାରିପଦା ପୌରପାଳିକା ଅଞ୍ଚଳରେ ପ୍ରବାହିତ ଜରାଳି, ସରାଳି ଓ ସୁକଯୋଡ଼ା ନଦୀର ଉଭୟ ପାର୍ଶ୍ୱରେ ପ୍ରତ୍ୟେକ ବର୍ଷ ମୃତ୍ତିକ କ୍ଷୟ ଯୋଗୁଁ ନଦୀବନ୍ଧ ଅନେକ ସ୍ଥାନରେ ଭାଙ୍ଗି ଯାଉଛି। ଏହା ସୁରକ୍ଷା ଯୋଗାଇବାକୁ ଦୃଷ୍ଟିରେ ରଖି ୱାର୍ଡ ନମ୍ବର ୧୬ କାଉନସିଲର ଦୀପ୍ତିରେଖା ପଟ୍ଟନାୟକଙ୍କ ପୋ ?ରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାଉନସିଲର ସୁକେସିନୀ ସେଠି, ରୀନା ଶର୍ମା, ଅନନ୍ତ ଦାସ, ଦିଗବିଜୟ ହାଁସଦା, ପ୍ରଭାତୀ ପୃଷ୍ଟି, ସୁଧୀର ବାରିକ, ଜିତା ସିଂ, ସୁଜିତ ମହାନ୍ତି, ସନ୍ତୋଷ ପଟ୍ଟନାୟକ, ସନ୍ତୋଷ ଗୋପ, ଜଗନ୍ନାଥ ମହାପାତ୍ର, ସୁରେନ ଗୋପ, ସୁବୋଧ ଦାସ, ଜୟଦେବ ମହାପାତ୍ର, ଅକ୍ଷୟ ପାତ୍ର, ସୁକାନ୍ତି ମହାପାତ୍ର, ଅମୀୟ କୁମାର ମହାପାତ୍ର, ଚିନ୍ମୟ ବାରିକ, ସଞ୍ଜୟ ସାହୁ, ମୁନା ବାରିକ, ଦାମୋଦର ଆଚାର୍ଯ୍ୟ, ଅମୀୟ ଘୋଷ ପ୍ରମୁଖ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଆସନ୍ତା ଶନିବାର ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫ ଅନୁଷ୍ଠିତ ହେବ




ଫୁଲବାଣୀ : ଫୁଲବାଣୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆସନ୍ତା ତା ୧୦.୦୫.୨୦୨୫ ରିଖ ଶନିବାର ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମକଦ୍ଦମା ଯଥା ଫୌଜଦାରି (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରଧିନ ମକଦ୍ଦମା ନୁହେଁ, ପ୍ରାକ-ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇନଥିବା) ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ଭରଣ ପୋଷଣ ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫଉଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡାନ୍ତ ଏବଂ ଅମଳଯୋଗ୍ୟ । ଯଦି କୌଣସି ବିଚାରଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ଫୁଲବାଣୀ ତରଫରୁ ଅନୁରୋଧ କରାଯାଇଛି ।ସବିଶେଷ ବିବରଣୀ ତଥା ଏହି ବିଷୟରେ ଅଧିକ ଜାଣିବା ନିମନ୍ତେ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତାଲୁକ ଆଇନସେବା କାର୍ଯ୍ୟ।ଳୟ ସହ ଦୁରଭାଷ ନଂ ୦୬୮୪୨-୨୫୪୦୩୧ ରେ ଯୋଗାଯୋଗ କରାଯାଇପାରିବ ।

# ଧାମନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୪ତମ ବାର୍ଷିକ ଉତ୍ସବ-୨୦୨୫ ପାଳନ



ଧାମନଗର ଧାମନଗର ଏନ ଏ ସି ଅନ୍ତର୍ଗତ ଦମକଳ ଅଫିସ ନିକଟସ୍ଥ ବହୁ ପୁରାତନ ଘରୋଇ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୩୪ ତମ ବାର୍ଷିକ ଉତ୍ସବ ୨୦୨୫ ମହା ସମାରୋହରେ ପାଳିତ ହୋଇଯାଇଛି। ରବିବାର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶରତ ଚନ୍ଦ୍ର ମହାନ୍ତି ପ୍ରତିଷ୍ଠାତା ତଥା ଉପଦେଷ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧାମନଗରଙ୍କ ସଭା ପରିଚାଳନାରେ ଉକ୍ତ ଉତ୍ସବରେ ଉଦ୍ ?ଘାଟକ ଭାବେ ସୂର୍ଯ୍ୟବଂଶୀ ସୂରଜ ମାନ୍ୟବର ମନ୍ତ୍ରୀ ଉଚ୍ଚଶିକ୍ଷା, କ୍ରୀଡା,ସଂସ୍କୃତି ଯୁବ ବ୍ୟାପାର ବିଭାଗ,ଓଡ଼ିଶା ସରକାର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ସହ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରି ପିଲା ଓ ଅଭିଭାବକ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଅଭିମନ୍ୟୁ ସେଠୀ ମାନ୍ୟବର ସାଂସଦ, ଭଦ୍ରକ ଲୋକସଭା,ମୁଖ୍ୟ ବକ୍ତା ଭାବେ ଡ଼ା. ଏ.ପି. ଜେନା ( ଏମ୍.ଡି) ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଜି.ଆଇ.ଏଣ୍ଡୋସ୍କୋପିଷ୍ଟ ଡାକ୍ତର ଅଜିତ ପ୍ରସାଦ ଜେନା କଟକ,ସମ୍ମାନିତ ଅତିଥି ସମୀର କୁମାର ଗୋସ୍ୱାମୀ ସହକାରୀ ଶିକ୍ଷକ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରମୁଖ ଯୋଗ ଦେଇ ବାର୍ଷିକ ଉତ୍ସବ ଓ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢିବା ସମ୍ପର୍କରେ ପରାମର୍ଶ ସହ ବକ୍ତବ୍ୟ ପ୍ରଦାନ କରି ବିଭିନ୍ନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିରେ ଗୁରୁଜୀ ଗୁରୁ ମା ପରିଚାଳନା ସମିତିର ସଦସ୍ୟ ବୃନ୍ଦ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ପରିବାରବର୍ଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ ଓ ନୃତ୍ୟ ପରିବେଷଣ ହୋଇଥିବା ବେଳେ ରଚନା ଓ ନାଟ୍ୟ ପରିଚାଳନା ଜୟନ୍ତ କୁମାର ମଲ୍ଲିକ(ଗୁମୁଗଡ଼)ଙ୍କ ନିର୍ଦ୍ଦେଶନାରେ "ସ୍ୱଚ୍ଛ ଭାରତ" ମଞ୍ଚସ୍ଥ ନାଟକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ,ବୁଦ୍ଧିଜୀବୀ,ଆଇନଜୀବୀ,ଶିକ୍ଷକ ଶିକ୍ଷୟିତ୍ରୀ ଓ ସାମ୍ବାଦିକ ବନ୍ଧୁ ଯୋଗ ଦେଇଥିଲେ।

# ରାୟଗଡା ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା (ଦିଶା) କମିଟି ବୈଠକ




ରାୟଗଡା : ରାୟଗଡା ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା(ଦିଶା)କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧକ୍ଷ ତଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକାଙ୍କ ଅଧକ୍ଷତାରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାନ୍ୟବର ବିଧାୟକ ଗୁଣୁପୁର ଶ୍ରୀ ସ୍ୱାତ୍ୟଜିତ ଗମାଙ୍ଗ,ରାୟଗଡ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଆପଲସ୍ୱାମୀ କାଡ୍ରାକଙ୍କ ପ୍ରତିନିଧି ଶ୍ରୀ ଦୁର୍ଗା ପ୍ରସାଦ ପଣ୍ଡା, ମାନ୍ୟବର ଗୁଣୁପୁର ବିଧାୟକ, ଜିଲ୍ଲାପାଳ ପାରୁଲ ପଟାୱରୀ ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଆରୋକ୍ଷୀ ଅଧିକ୍ଷକ ରାୟଗଡ଼ ସ୍ୱାତୀ ଏସ କୁମାର, ରେଳମଣ୍ଡଳ ଅଧିକାରୀ ଶ୍ରୀ ଅମିତାଭ ସିଂଘଳ,ନଗର ପାଳ ପି ମହେଶ ପଟ୍ଟନାୟକ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ବୈଠକରେ ପ୍ରାରମ୍ଭରେ ପୂର୍ବ ବୈଠକରେ ଆଲୋଚିତ ବିଷୟ ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ କ୍ଷ ଏହାପରେ ଆଜିର ବୈଠକରେ ଆଲୋଚନା ହେବାକୁ ଥିବା କାର୍ଯ୍ୟ ସୂଚି ଅନୁଯାୟୀ ବିଶେଷ କରି ପୂର୍ବତଟ ରେଳ ବିଭାଗ ଦ୍ୱାରା କରାଯାଉଥିବା ଗୁଣୁପୁର ଥେରୁବାଲି ନୂତନ ରେଳ ଲାଇନର ଆଗ୍ରତି ଓ ବିଭିନ୍ନ ସମସ୍ୟା, ନୂତନ ରେଳ ମଣ୍ଡଳ, କୋରାପୁଟ ସିଙ୍ଗାପୁର ରେଳ ଲାଇନର ଦୋହରୀକରଣ, ନିମନ୍ତେ ପଦକ୍ଷେପ ନେବାକୁ ରେଲବାଇ କର୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ ଏବଂ ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ଜମି ଅଧିଗ୍ରହଣ କରିବା ନିମନ୍ତେ ଅନୁରୋଧ କରିଥିଲେ । ସେହିପରି ରାୟଗଡାଠାରେ ରେଳମଣ୍ଡଳ ନୂତନ ଗୃହ ନିର୍ମାଣ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଗୃହରେ ଅବଗତ କରାଇଥିଲେ । ସେହିଭଳି ଗ୍ରାମ୍ୟ ନିର୍ମାଣ ବିଭାଗ ରାୟଗଡା ଏବଂ ଗୁଣୁପୁର ତରଫରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ ସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା ବିଶେଷକରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ୧,୨,୩ ଏବଂ ପ୍ରଧାନମନ୍ତ୍ରୀ ଜନମନ ପରି ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ରାୟଗଡା ଗ୍ରାମ୍ୟ ନିର୍ମାଣ ବିଭାଗରେ ଏହିସବୁ ଯୋଜନାରେ ୪୪୯ଟି ହାତକୁ ନିଆଯାଇଥିବା ବେଳେ ୪୩୬ଟି ସଂପୂର୍ଣ୍ଣ ହୋଇଯାଇଛି ଓ ୧୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି କ୍ଷ ସେଥିରୁ ୧୯୮୭ କିମି ସମ୍ପୂର୍ଣହୋଇ ଥିବା ବେଳେ ୩୬କିମି ବାକି ରହିଛି । ସେହିପରି ଗୁଣୁପୁର ଗ୍ରାମ୍ୟ ନିର୍ମାଣ ବିଭାଜନରେ ୨୧୬ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା ସେଥିରୁ ୨୦୮ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୮ଟି ରେ ଅଗ୍ରଗତି ଚାଲିଛି । ବଡନାଲା ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ଉପରେ ଆଲୋଚନା କରିଥିଲେ କ୍ଷବର୍ଷା ଦିନ ପୂର୍ବରୁ ନିର୍ମାଣ କାର୍ଯ୍ୟ ସାରିବାକୁ କହିଥିଲେ କ୍ଷ ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା କରି ଡାକ୍ତର ମମତା ସାହୁ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ବିଷୟରେ ଉପସ୍ଥାପନା କରିଥିଲେ କ୍ଷ ଜିଲ୍ଲା ଶିକ୍ଷା ଅଧିକାରୀ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ କ୍ଷ ଜିଲ୍ଲା ମଙ୍ଗଳ ବିଭଷଗ,ମୋବାଇଲ ଯୋଗାଯୋଗ, ଉଦ୍ୟାନ ବିଭାଗ, ଜଳଜୀବନ ମିଶନ ଯୋଜନାରେ ହର ଘର କି ଜଳ, ମେଗା ଜଳ ଯୋଗାଣ ପ୍ରକଳ୍ପ ଓ ଗ୍ରାମ୍ୟ ଗୃହ ଯୋଜନା ଉପରେ ଆଲୋଚନା କରାଯାଇଥିଲା କ୍ଷ

# ହାଇୱା ଧକ୍କାରେ ଜଣେ ମୃତ, କ୍ଷତିପୂରଣ ଦାବୀରେ ରାସ୍ତାରୋକ



ଫୁଲବାଣୀ : କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ଗୁଡ୍ରିଗାଁ ଠାରେ ଏକ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି।ମୃତକ ଜଣକ ଗୁଡାରୀ ସାହିର ଯକ୍ଷ (ପାକଲି) ମୂଖୀ । ଏହି ଘଟଣା ପରେ ଉତ୍ତେଜନା ଦେଖା ଦେଇଛି। କ୍ଷତିପୂରଣ ଦାବୀରେ ଲୋକମାନେ ରାସ୍ତାରୋକ କରିଛନ୍ତି।ପ୍ରାପ୍ତ ସୂଚନା ଅନୁସାରେ ମଙ୍ଗଳବାର ଅପରାହ୍ନରେ ଗୁଡାରୀ ସାହିର ଯକ୍ଷ୍ୟ (ପାକିଲି) ମୂଖୀ କୌଣସି କାମରେ ଶଙ୍କରାଖୋଲ ଯାଇ ଫେରୁଥିଲେ। ଏହି ସମୟରେ ବ୍ରହ୍ମପୁର ପଟୁ ଦ୍ରୁତଗତିରେ ଫୁଲବାଣୀ ଆଡକୁ ଯାଉଥିବା ଏକ ହାଇୱା ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା କ୍ଷ ଏହାର ପ୍ରତିବାଦରେ ରାସ୍ତା ଉପରେ ମୃତଦେହ ରଖି ସ୍ଥାନୀୟ ଲୋକେ ବିଜୟବାଡା- ରାଞ୍ଚି କରିଡର ଅବରୋଧ କରିଥିଲେ। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ଲୋକେ ରାସ୍ତାରୁ ହଟିବେ ନାହିଁ ବୋଲି ଜିଦ ଧରିଥିଲେ କ୍ଷ ଖବର ପାଇ ଟିକାବାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିବା ପରେ ମଧ ହଟି ନଥିଲେ । ସଙ୍ଗେ ସଙ୍ଗେ ଚକାପାଦ ବ୍ଲକର ତହସିଲଦାର ରାକେଶ ପ୍ରଧାନ ଘଟଣା ସ୍ଥଳରେ ପହଂଚି ଶବ ସଂସ୍କାର ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୁ ହଟିଥିଲେ କ୍ଷ ପୋଲିସ ହାଇୱାକୁ ଜବତ କରିବା ସହ ଏନେଇ ଟିକାବାଲି ଥାନାରେ ୮୬/୨୫ ରେ ମାମଲା ରଜୁ କରିବା ସହ ଶବ ବ୍ୟବଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି କ୍ଷ

# ଉମରକୋଟରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ଉପରେ ଆଲୋଚନା

ଉମରକୋଟରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷକ ଏବଂ ବ୍ୟବସାୟୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଏକ ସମନ୍ୱିତ ନିର୍ବାଚନ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୃଥକ ନିର୍ବାଚନ ମାନବ ସମ୍ବଳର ଅପଚୟ ଏବଂ ଆର୍ଥିକ କ୍ଷତି ଘଟାଇଥାଏ। 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ଖର୍ଚ୍ଚ ହ୍ରାସ କରିବ, ଦକ୍ଷତା ବୃଦ୍ଧି କରିବ ଏବଂ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବ। ମୁଖ୍ୟ ଅତିଥି: ମାନ୍ୟବର ମନ୍ତ୍ରୀ, ଓଡ଼ିଶା ସରକାର, ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ବକ୍ତା: ସ୍ୱମେନ୍ଦ୍ର ଜେନା - ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧିକାରୀ ଏବଂ ବୁଦ୍ଧିଜୀବୀମାନେ ସାମିଲ ଥିଲେ।ଆଲୋଚନା କାର୍ଯ୍ୟ ପାଇଁ ଆହ୍ୱାନ ସହିତ ଶେଷ ହୋଇଥିଲା, ଏକ ଅଧିକ ଦକ୍ଷ ଏବଂ ପ୍ରତିକ୍ରିୟାଶୀଳ ନିର୍ବାଚନ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ପାଇଁ ସାମୂହିକ ସଚେତନତା ଏବଂ ସମର୍ଥନକୁ ଆହ୍ୱାନ କରାଯାଇଥିଲା।

# ପୋଷଣ ଅଭିଯାନ,ପ୍ରୋଟିନ ବଣ୍ଟନ କାର୍ଯ୍ୟକ୍ରମ




ଦଶରଥପୁର )ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଚଷାଖଣ୍ଡ ଗ୍ରାମ ରେ ରବିବାର ପୋଷଣ ଅଭିଯାନ ଓ ପ୍ରୋଟିନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଞ୍ଜୁମର ୱେଲଫେୟାର ଆଣ୍ଡ ଲିଗାଲ କାମ୍ପ୍ଲଏନ୍ସ କମିଶନ ଅଫ ଇଣ୍ଡିଆ ର ରାଜ୍ୟ ନିର୍ଦ୍ଦେଶିକା ନିଳୀମା ପାତ୍ର ଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ଦାସଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମହେନ୍ଦ୍ର ଧଳ , ମାନସ ଦାସ, ମାନସ ରଞ୍ଜନ ମହାନ୍ତି, ପ୍ରମୁଖ ଯୋଗଦେଇ ପୋଷଣ କାର୍ଯ୍ୟକ୍ରମ ଦ୍ୱାରା ସମାଜରୁ କୁପୋଷଣ ଦୂର କରାଯାଇ ସୁସ୍ଥ ଓ ରୋଗ ମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ ବିକେ ସସ୍ମିତା ସାହୁ, ଗୋଷ୍ଠୀ ସହାୟିକା ସଂଯୁକ୍ତା ରାଉତ, ଅରୁନ୍ଧତୀ ରାଉତ, ପୁଷ୍ପଲତା ମହଲ,ଗୌରିବାଳା ସାମଲ, ସସ୍ମିତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ସରକାରୀ କର୍ମଚାରୀଙ୍କ ବଦଳି ରେ ସ୍ୱଚ୍ଛତା ଆସିବା ଆବଶ୍ୟକ

ରଘୁନାଥପୁର (ବି ପ୍ର ) ଏକ ଦୁର୍ନୀତିମୁକ୍ତ ଶାସନରେ ସରକାରୀ କର୍ମଚାରୀଙ୍କ ବଦଳି ରେ ସ୍ୱଚ୍ଛତା ଆସିବା ଦରକାର ବୋଲି ରଘୁନାଥପୁର ଦୁର୍ନୀତି ହଟାଅ ଅଭିଯାନ ସଂଗଠନ ପକ୍ଷରୁ ଦାବୀ କରାଯାଇଛି। ପ୍ରକାଶ ଥାଉକି, ପୂର୍ବ ସରକାର ସମୟରେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଜିଏସଟି ଠକେଇକୁ ନେଇ ସାମାଜିକ କର୍ମୀ ଗୋବିନ୍ଦ ଓଝା ସ୍ୱର ଉତ୍ତୋଳନ କରିବା ପରେ ଏହି ବ୍ଲକର ସହକାରୀ ଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀ ମାନଙ୍କ ଦୁର୍ନୀତିର ପେଡ଼ି ସାରା ରାଜ୍ୟରେ ଚର୍ଚ୍ଚା ହୋଇଥିଲା। କେତେକ କନିଷ୍ଠ ଯନ୍ତ୍ରୀ ଆଗୁଆ ଜାମିନରେ ଆସିଥିବା ବେଳେ ବିଚରା ସହକାରୀ ଯନ୍ତ୍ରୀ ଜଣକ ଗିରଫ ହେଇଥିଲେ। ତେବେ ରାଜ୍ୟରେ ବିଜେପି ସରକାର ଆସିବା ପରେ ବିଳମ୍ବରେ ହେଉ ପଛେ ଏହି ବ୍ଲକ କାର୍ଯ୍ୟାଳୟରୁ ୫ଜଣ କନିଷ୍ଠ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳିକୁ ଜନସାଧାରଣଙ୍କ ମନରେ କିଛିଟା ଆଶ୍ୱାସନା ଭରି ଦେଇଥିଲା। କିନ୍ତୁ ଏହି ସ୍ଥାନରେ ପୂର୍ବରୁ ଏହି ବ୍ଲକରେ କାର୍ଯ୍ୟ କରି ଦୁର୍ନୀତିରେ ଉବୁଟୁବୁ ହୋଇଥିବା ଜନୈକା ମହିଳା କନିଷ୍ଠଯନ୍ତ୍ରୀ ଙ୍କୁ ପୁନର୍ବାର କିପରି ଅବସ୍ଥାପିତ କରାଗଲା ଏବଂ ଉକ୍ତ ମହିଳା ଯନ୍ତ୍ରୀଙ୍କ ଜନ୍ମସ୍ଥାନ ବ୍ଲକ କାର୍ଯ୍ୟାଳୟର ଠାରୁ ମାତ୍ର ୩୦୦ମିଟର ଦୁର ହୋଇଥିବାରୁ ସରକାରୀ ଆଇନର କିପରି ଉଲଙ୍ଘନ କରାଗଲା ବୋଲି ସଂଗଠନର କର୍ମକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ସେହିପରି ରଘୁନାଥପୁର ତହସିଲଦାରଙ୍କ ବ୍ୟବହାର, କାର୍ଯ୍ୟ କଳାପ,ଦବଙ୍ଗଗିରି,ବାବୁଆନି ଆଦାପ କାଇଦାରେ ଅତିଷ୍ଠ ଜନସାଧାରଣଙ୍କ ଅଭିଯୋଗ ପରେ ତାଙ୍କର ଇତି ମଧ୍ୟରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ତହସିଲକୁ ବଦଳି କରାଯାଇଛି। କିନ୍ତୁ ବଦଳି ଆଦେଶ ନାମା ର ୫ଦିନ ବିତି ଯାଇଥିଲେ ମଧ୍ୟ କାହା ଛତ୍ରଛାୟାରେ ତାଙ୍କୁ ଏଠାରୁ ରିଲିଭ କରା ଯାଇନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥି ସହିତ ସରକାରୀ କର୍ମଚାରୀଙ୍କ ବଦଳିରେ ସ୍ୱଚ୍ଛତା ଆଣିବା ଓ ରଘୁନାଥପୁର ବ୍ଲକ ଅଂଚଳରେ ଦିର୍ଘ ଦିନରୁ ରହି ବିଭିନ୍ନ ଦୁର୍ନୀତିରେ ସଂଶ୍ଲିଷ୍ଟ ହେବା ସହ ରାଜନୀତିରେ ସଂପୃକ୍ତ ଥିବା ସରକାରୀ କର୍ମଚାରୀଙ୍କୁ ତୁରନ୍ତ ବଦଳି କରିବାକୁ ରଘୁନାଥପୁର ଦୁର୍ନୀତି ହଟାଅ ଅଭିଯାନ ସଂଗଠନ ପକ୍ଷରୁ ଦାବୀ କରାଯାଇଛି।

# ସୁଧୁରିବ ଜଳେଶ୍ୱର ଅଞ୍ଚଳର ଚିକିତ୍ସା ବ୍ୟବସ୍ଥା, ଜୁନ ସୁଦ୍ଧା ସମସ୍ତ ପଦବୀ ପୂରଣ ହେବ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପ୍ରତିଶ୍ରୁତି



ଜଳେଶ୍ୱର, -(ନିପ୍ର):ଓଡ଼ିଶା ଲୋକ ସେବା ଭବନ ଭୁବନେଶ୍ୱର ଠାରେ ଓଡ଼ିଶାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗଙ୍କୁ ଜଳେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଗତକାଲି ସାକ୍ଷାତ କରି ଜଳେଶ୍ୱର ଅଞ୍ଚଳବାସୀ ଙ୍କ ଚିକିତ୍ସାରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇବା ସହିତ ଆଗାମୀ ଦିନରେ ଏହାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ଜଣାଇ ଥିଲେ ।ଜଳେଶ୍ୱର ଅଞ୍ଚଳର ମୁଖ୍ୟ ଡାକ୍ତରଖାନା ଜି.କେ ଭଟ୍ଟର ହୋଇଥିଲେ ମଧ୍ୟ ଏଥିରେ ସବୁବେଳେ ଡ଼ାକ୍ତର ଅଭାବ ରୁହନ୍ତି ।ଏହି ଡାକ୍ତରଖାନାରେ ଜଳେଶ୍ୱର ସମେତ ସୀମାନ୍ତ ପଶ୍ଚିମବଙ୍ଗ ଅଞ୍ଚଳର ରୋଗୀ ନିର୍ଭର କରିଥାନ୍ତି ।ବିଭିନ୍ନ ବିଭାଗର ଡାକ୍ତର ନ ଥିବାରୁ ରୋଗୀ ସେବା ପାଇବାରୁ ବଞ୍ଚିତ ହେବା ସହିତ ବହୁ ଦୂର ଦୁରାନ୍ତକୁ ଯାଇ ନିଜର ଚିକିତ୍ସା କରାଇ ଥାନ୍ତି ।ଜଳେଶ୍ୱରକୁ ପାଖକୁ ଲାଗି ପଶ୍ଚିମବଙ୍ଗ ରାଜ୍ୟ ଥିବାରୁ ଅନେକ ପଶ୍ଚିମବଙ୍ଗର ରୋଗୀ ଏହି ହସ୍ପିଟାଲ ଉପରେ ନିର୍ଭର କରନ୍ତି ।ମାତ୍ର ବିଭିନ୍ନ ବିଭାଗର ବିଶେଷଜ୍ଞ ନ ଥିବାରୁ ଚିକିତ୍ସା ନ ପାଇ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ଅନେକ ସମୟରେ ଚିକିତ୍ସାକୁ ନେଇ ହସ୍ପିଟାଲରେ ଉତ୍ତେଜନା ମଧ୍ୟ ଦେଖିବା ପାଇଁ ମିଳିଥାଏ, ଏହାର ସ୍ଥାୟୀ ସମାଧାନ ନିମନ୍ତେ ଜଳେଶ୍ୱରର ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ଓଡ଼ିଶା ଲୋକସେବା ଭବନରେ ରାଜ୍ୟର ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ମୁକେଶ ମହାଲିଙ୍ଗଙ୍କ ସହିତ ସାକ୍ଷାତ କରି ଜି.କେ ଭଟ୍ଟର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଆଇ.ସି.ୟୁ, ବ୍ଲଡ଼ ବ୍ୟାଙ୍କ, ଅନ୍ୟାନ୍ୟ ପଦବୀ ପୂରଣ ଓ ଭିତ୍ତିଭୂମି ବିକାଶ ପାଇଁ ସବିଶେଷ ଆଲୋଚନା କରିଥିଲେ ।ଜୁନ ମାସ ଶେଷ ସୁଦ୍ଧା ବିଶେଷଜ୍ଞ, ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ମହାଲିଙ୍ଗ ପ୍ରତିଶୃତି ଦେଇଥିଲେ ।

# ସ୍ୱାତୀ ଦ୍ୱାରା ପାରମ୍ପରିକ ପଶୁ ଚିକିତ୍ସା ସମ୍ପର୍କିତ କର୍ମଶାଳା



ଫୁଲବାଣୀ : ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ପ୍ରଦାନ ଓ ଏନ.ସି.ଏନ.ଏଫ୍. କନ୍ଧମାଳ ଚାପ୍ଟର ଙ୍କ ମିଳିତ ଉଦ୍ୟମରେ ପାରମ୍ପରିକ ପଶୁ ଚିକିତ୍ସା ସମ୍ପର୍କିତ ଏକ ଏକଦିବସିୟ କର୍ମଶାଳା ସ୍ୱାତୀ, ବନ୍ଧଗଡ ଠାରେ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମର ମୁଖ୍ୟ ପ୍ରଶିକ୍ଷକ ଡା.ବଳରାମ ସାହୁ ( ପ୍ରାଣୀ ଚିକିତ୍ସା ବିଶାରଦ) ଯେଉଁଠାରେ ପଶୁ ଡାକ୍ତର ନାହାଁନ୍ତି ସେଠାରେ କିଭଳି ସହଜ , ସରଳ, ମିତବ୍ୟୟ ଓ ଦେଶୀୟ ଉପଚାର ମାଧ୍ୟମରେ ପଶୁ, ପକ୍ଷୀ ବିଶେଶ କରି ଛେଳି, ଗାଇ ଓ କୁକୁଡା ଇତ୍ୟାଦି ଙ୍କର ଚିକିତ୍ସା, ଯତ୍ନ ଓ ବିକାଶ କରାଯାଇପାରିବ ତାହା ଅତି ସରଳ ଓ ଆଂଚଳିକ ଭାଷା ରେ ଅଂଶଗ୍ରହଣ କାରୀ ଙ୍କୁ ବୁଝାଇଥିଲେ । ଡା.ମହମ୍ମଦ ଇମ୍ରାନ ଅଲ୍ଲି , ଏନ.ସି.ଏନ.ଏଫ୍. ରାଜ୍ୟ ସଂଯୋଜକ ପାରମ୍ପରିକ କୃଷି ଓ ପଶୁ ସମ୍ପଦର ସାମଞ୍ଜସ୍ୟ ଏବଂ ପ୍ରାକୃତିକ କୃଷିର ଉପାଦେୟତା ବିଷୟରେ ଲୋକ ମାନଙ୍କୁ ବୁଝାଇ ଥିଲେ । ସ୍ୱାତୀ ସଂପାଦକ ଙ୍ଗ ହରିଶଙ୍କର ରାଉତ ଆଗାମୀ ଦିନ ମାନଙ୍କରେ ଯୁବ ଚାଷୀ ମାନେ ପଶୁ ପାଳନ କରି ସ୍ୱାବଲମ୍ବି ହେବା ସହିତ ପାରମ୍ପରିକ ପଶୁ ଚିକିତ୍ସାକୁ ଜନାଦୃତ କରିବାରେ ମୁଖ୍ୟ ଭୁମିକା ତୁଲାଇବେ ବୋଲି କହିଥିଲେ । ସମ୍ବନିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ପ୍ରକଳ୍ପ ପରିଚାଳକ ପି.ମୁରଲି ମୋହନ ସରକାର ଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପଶୁ ପାଳନ ପ୍ରୋତ୍ସାହନକୁ ଏହି ପ୍ରଶିକ୍ଷଣ ମାଧ୍ୟମରେ ଚାଷୀ ମାନେ ଆଗାମି ଦିନରେ ଲାଭବାନ ହେବା ସହିତ, ପଶୁ ସମ୍ପଦର ସମୃଦ୍ଧିରେ ସହଯୋଗ କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ପ୍ରାଏ ୭୦ ଜଣ ପୁରୁଷ ଓ ମହିଳା ପଶୁ ପାଳକ, ପଶୁ ସମ୍ପଦ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ବିନା ବା କମ୍ ଖର୍ଚ୍ଚ ରେ ଘରୋଇ ଉପଚାର ସମ୍ବନ୍ଧିୟ ପଶୁ ରୋଗ ଚିକିତ୍ସା ଜ୍ଞାନ ଅଂଶଗ୍ରହଣକାରୀଙ୍କୁ ଆଗାମି ଦିନ ମାନଙ୍କରେ ପଶୁ ସମ୍ପଦ ପରିଚାଳନା ରେ ସହାୟକ ହେବା ନିଜ ନିଜ ଗ୍ରାମ ସ୍ତରରେ ଅନ୍ୟ ଚାଷି ମାନଙ୍କୁ ସହଯୋଗ କରିବେ ବୋଲି ସ୍ୱାତୀର କୋଷାଧକ୍ଷ ଶାନ୍ତନୁ କୁମାର ମିଶ୍ର କହିଥିଲେ । ଡା.ସାହୁ ଙ୍କ ନିରନ୍ତର ପଶୁ ସମ୍ପଦ ବିକାଶ କ୍ଷେତ୍ରରେ ଅବଦାନ ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ୱାତୀର ବରିଷ୍ଠ କର୍ମୀ ତଥା ଏନ.ସି.ଏନ.ଏଫ୍. କନ୍ଧମାଳ ଚାପ୍ଟର ଉପଦେଷ୍ଟା ଗିରିଶ ଚନ୍ଦ୍ର ସାମଲ ସଂଯୋଜନା କରିଥିବା ବେଳେ ପ୍ରଦୀପ କୁମାର ସ୍ୱାଇଁ, ଉମାକାନ୍ତ ସାହୁ, ବିଶ୍ୱରଞ୍ଜନ ଦଳ ବେହେରା, ଶ୍ରିପତି ପାତ୍ର, ସଦାଶିବ ଚୌଧୁରି ଓ ଦିପେଷ ମହାକୁଡ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା କ୍ୟାଡର ପୁନର୍ଗଠନ ଦାବି

କେନ୍ଦ୍ରାପଡ଼ା, : ଓଡିଶା ରାଜସ୍ୱ ଅମଲା ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କ କେନ୍ଦ୍ରାପଡା ଜିଲ୍ଲାଗସ୍ତ ପରିପ୍ରେକ୍ଷୀରେ ଓଡିଶା ରାଜସ୍ୱ ଅମଲା ସଂଘର କେତେକ ପୂରଣ ଅପେକ୍ଷାରେ ଥିବା ନାର୍ଯ୍ୟ ଦାବି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ଜିଲ୍ଲା ପ□ାୟତ କାର୍ଯ୍ୟାଳୟ, ବେସାମରିକ ଯୋଗାଣ କାର୍ଯ୍ୟାଳୟ, ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଜିଲ୍ଲା ଯୋଜନା ଓ ସମନ୍ୱୟ ଏକକ କାର୍ଯ୍ୟାଳୟ, ଆ□ଳିକ ପରିବହନ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପ□ାୟତ ସମିତି କାର୍ଯ୍ୟାଳୟ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଓ ଅନ୍ୟ କେତେକ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ, ଦୈବୀ ଦୁର୍ବିପାକ, ବନ୍ୟା, ବାତ୍ୟା, ମହାମାରୀ, ନିର୍ବାଚନ ଓ ଜନଗଣନା ଭଳି ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ଏଥିସହିତ ବିଭିନ୍ନ ପ୍ରକାର ସରକାରୀ ପ୍ରଣୀତ ଜନ ହିତକାରୀ ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ଉପରୋକ୍ତ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଅମଲାମାନେ ଅହୋରାତ୍ର ସେବା ପ୍ରଦାନ କରିଥାନ୍ତି । ଓଡିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ବିଗତ ବର୍ଷମାନଙ୍କରେ ସରକାରଙ୍କୁ ବିଭିନ୍ନ ଦାବି ସଂକ୍ରାନ୍ତରେ ଲିଖିତ ମେମୋରାଣ୍ଡମ ଓ ବିଭିନ୍ନ ସମୟରେ ସମୂହ ଛୁଟି ଓ ଆନ୍ଦୋଳନ ଭଳି ପନ୍ଥା ଅବଲମ୍ବନ କରାଯାଇଥିଲେ ବି କନିଷ୍ଠ ରାଜସ୍ୱ ସହାୟକମାନଙ୍କ ଦରମା ବୃଦ୍ଧି ପ୍ରତି ଉଦାସୀନ ରହି ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା କ୍ୟାଡର ପୁନର୍ଗଠନ ନିମି□ ଜିଏ ଆଣ୍ଡ ପିଜି ଡିଇପିଟିଟି. ରିସଲୁସନ୍ ନଂ-୮୮୯୮ ତା୧୫।୦୩।୨୦୨୪ ରିଖରେ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ କରାଯାଇନାହିଁ ।

# ୩୦ରେ ଶ୍ରୀକ୍ଷେତ୍ର ପୁରୀ ନକଲ ଦୀଘା ଜଗନ୍ନାଥ ମନ୍ଦିର ଉଦ୍‌ଘାଟନ

## ଟ୍ରାଫିକ୍ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ୨୦ଏକର ଜାଗାରେ ୨୫୦କୋଟି ବ୍ୟୟ



ଭୋଗରାଇ, : ଜଗନ୍ନାଥ ମନ୍ଦିରର ଉଦ୍ ?ଘାଟନ ପରେ ଦୀଘା ଆହୁରି ଉନ୍ନତି କରିବ। ରୋଜଗାର ବୃଦ୍ଧି ପାଇବ। ଆୟ ମଧ୍ୟ ବୃଦ୍ଧି ପାଇବ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅକ୍ଷୟ ତୃତୀୟାରେ ପୁରୀ ପରି ଦୀଘାରେ ଜଗନ୍ନାଥ ମନ୍ଦିରର ଉଦ୍ ?ଘାଟନ କରିବେ। ଆଉ ଏହି ପ୍ରତିଷ୍ଠା କାର୍ଯ୍ୟରେ ପୁରୀ ଶ୍ରୀମନ୍ଦିରର କିଛି ସେବାୟତ ସାମିଲ ହେବା ନେଇ ସୂଚନା ମିଳିଛି । ପୁରୀ ଭଳି ଚଳିତ ଥର ଏଠାରେ ରଥଯାତ୍ରା ହେବ । ଏବଂ ଛେରା ପହଁରା ପାଇଁ ନିଜ ପାଣ୍ଠିରୁ ଟଙ୍କା ଦେଇ ସୁନା ଝାଡୁ ଦେବେ ବୋଲି ପୂର୍ବରୁ କହିଥିଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ସେପଟେ କିନ୍ତୁ ଆଜି ପୁରୀରେ ସେବାୟତଙ୍କ ପକ୍ଷରୁ ଏନେଇ ବିରୋଧର ସ୍ୱର ଦେଖିବାକୁ ମିଳିଛି । ତେବେ ପୁରୀରେ ସୁଆର ମହାସୁଆର ନିଯୋଗର ନିର୍ଦ୍ଦେଶନାମାକୁ ନେଇ ଚର୍ଚ୍ଚା ଚାଲିଥିବା ଶୁଣାଯାଉଛି । ଏପରିକି ଶ୍ରୀମନ୍ଦିର ଚାରିଦ୍ୱାର ସମେତ ଶ୍ରୀମନ୍ଦିର ପରିସରରେ ଥିବା ରୋଷ ଘର ସାମ୍ନାରେ ଲାଗିଛି ଏହି ନିର୍ଦ୍ଦେଶନାମା । ଯେଉଁଥିରେ କୁହାଯାଇଛି ଯେ, ଦୀଘାରେ ନୂତନ ଭାବେ ହେଉଥିବା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ଘାଟନ ଦିନ ସେଠାକାର ରୋଷ କାର୍ଯ୍ୟରେ କୌଣସି ସଭ୍ୟ କିମ୍ବା କର୍ମଚାରୀ ରୋଷ ରନ୍ଧନ କଲେ କିମ୍ବା ସାହାଯ୍ୟ କଲେ, ସମ୍ପୃକ୍ତ ସୁପକାର ସଭ୍ୟଙ୍କୁ ରୋଷ ବାସନ୍ଦ ସହିତ ନିଯୋଗରୁ ବାସନ୍ଦ କରାଯିବ । ଏଥି ସହ କର୍ମଚାରୀମାନଙ୍କୁ ରୋଷ କାର୍ଯ୍ୟରୁ ସବୁଦିନ ପାଇଁ ନିଲମ୍ବିତ କରାଯିବ । ବିଶ୍ୱ ମାନଚିତ୍ରରେ ଏକ ନୂତନ ପ୍ରତିଷ୍ଠିତ ସ୍ଥାନ ଦୀଘା ବର୍ତ୍ତମାନ ନୂତନ କର୍ମକ୍ଷେତ୍ର, ଧର୍ମକ୍ଷେତ୍ର ରେ ପରିଣତ ହେବ । ଆସନ୍ତା ୨୯ ତାରିଖରେ ଯଜ୍ଞ ଓ ତହିଁ ପରଦିନ ୩୦ ପବିତ୍ର ଅକ୍ଷୟ ତୃତୀୟା ଦିନ ପ୍ରାଣ ପ୍ରତିଷ୍ଠା । ।ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିରକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦ୍ ?ଘାଟନ କରିବା ର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟାପ୍ତ ବନ୍ଦୋବସ୍ତକୁ ନେଇ ଯଥେଷ୍ଟ ସତର୍କ ମମତା । ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି । ଏଥିପାଇଁ ନୋଡାଲ ଅଧିକାରୀମାନଙ୍କୁ ଏହା ଉପରେ ନଜର ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଏଥି ପାଇଁ ଦୀଘା ବୋର୍ଡ଼ରରୁ ଆରମ୍ଭ କରି ରାମନଗର ପର୍ଯ୍ୟନ୍ତ ପ୍ରତି ୫୦ମିଟର ଦୂରତାରେ ଏଲଇଡି ବ୍ୟବସ୍ଥା କରାଯାଉଛି । ପୁରୀ ଭଳି ଠିକ୍ ସମୁଦ୍ର କୂଳରେ ଦୀଘା ଜଗନ୍ନାଥ ମନ୍ଦିର ନିର୍ମାଣ ଶେଷ ହୋଇଛି । ଦୀଘା ବିଶ୍ୱ ମାନଚିତ୍ରରେ ଏକ ନୂତନ ଯୋଗ । ଅକ୍ଷୟ ତୃତୀୟାର ପୁଣ୍ୟ ତିଥିରେ ଏହାର ଶୁଭ ଉଦଘାଟନ । ପରେ ମନ୍ଦିରର ଦାୟିତ୍ୱ ଇସ୍କନ୍ ?କୁ ଦିଆଯିବ । ମନ୍ଦିର ଉଦ୍ ?ଘାଟନ ବେଳେ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ଗହଳି ହେବାର ସମ୍ଭାବନା ରହିଛି । ମନ୍ଦିର ଉଦ୍ ?ଘାଟନ ପରେ ଦୀଘା ଆହୁରି ଉନ୍ନତି କରିବ । ଲୋକଙ୍କ ରୋଜଗାର ବୃଦ୍ଧି ପାଇବ । ପୁରୀ ଜଗନ୍ନାଥ ମନ୍ଦିର, କାଳୀଘାଟ ମନ୍ଦିର, ସାରଦା ମଠ, ରାମକୃଷ୍ଣ ମିଶନ, ଇସ୍କନ, ଦୀଘା ମାଉସୀଘର, ସନାତନ ସଂଘର ପ୍ରତିନିଧି, ସିଏ ଫାର୍ମ ଏବଂ ଲୋକ ସମ୍ପର୍କ ଅଧିକାରୀଙ୍କୁ ନେଇ ଟ୍ରଷ୍ଟ ଗଠନ ହୋଇ ସାରିଛି। ଏଥପାଇଁ ବାଲେଶ୍ୱର ଜିଲ୍ଲା ଭୋଗରାଇର ତାଳସାରୀରେ ଥ ?ିବା ହେଟେଲ ମାନଙ୍କରେ ଘର ବୁକିଂ ସରିଲାଣି। ମନ୍ଦିର ବିଗ୍ରହଙ୍କୁ ଦର୍ଶନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ, ଉତ୍ସାହ ଦେଖିବାକୁ ମିଳୁଛି । ସୂଚନା ଯୋଗ୍ୟ; ଦୀଘା ରେଳ ଷ୍ଟେସନ ପାଖରେ ପ୍ରାୟ ୨୦ଏକର ଜାଗାରେ ୨୫୦ କୋଟି ବ୍ୟୟ ଅଟକଳରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହୋଇଛି ।ଦୀଘାରେ ପଶ୍ଚିମବଙ୍ଗ ସରକାରଙ୍କ ଜଗନ୍ନାଥ ମନ୍ଦିର ନିର୍ମାଣ ଓ ଏହାର ପ୍ରତିଷ୍ଠା ଉତ୍ସବ ସହ ବିଭିନ୍ନ ବ୍ୟବସ୍ଥା ପଛରେ ପୁରୀ ଶ୍ରୀମନ୍ଦିରର କିଛି ବରିଷ୍ଠ ସେବାୟତଙ୍କ ପ୍ରୋତ୍ସାହନ ରହିଥିବା ଚର୍ଚ୍ଚା ହେଉଛି । ଏମିତିରେ ଯେତେବେଳେ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ନିର୍ଦ୍ଦେଶନାମା ସାମ୍ନାକୁ ଆସିଛି ସେତେବେଳେ ଏହି ଚର୍ଚ୍ଚା ଆହୁରି ଜୋର୍ ଧରିଛି ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇ ମୋଟ ୧୬୯ଗୋଟି ଅଭିଯୋଗର ହେଲା ଶୁଣାଣି



ବାରିପଦା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସକାଳ ୭ଘଟିକା ସମୟରେ ମୟୂରଭଞ୍ଜ ଜ୍ିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ ଭା.ପ୍ର. ସେଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିଲା .! ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ,ଭା.ପୋ.ସେ., ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୬୯ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୬୯ଗୋଟି ଅଭିଯୋଗ ମଧ୍ୟରୁ ୧୫୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୧୧ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୫ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା ।ଅଭିଯୋଗ ର ଗୁରୁତ୍ୱ କୁ ବିଚାର କରି ଜିଲ୍ଲାପାଳ ୫ଜଣ ଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫,୦୦୦/-ଟଙ୍କା ମଂଜୁର କରିଛନ୍ତି ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଆଜି ଜନ ଶୁଣାଣି ଶିବିରକୁ ଆସିଥିବା ଆବେଦନକାରି ମାନଙ୍କ ପାଇଁ ଶେଡ଼ ବ୍ୟବସ୍ଥା କରାଯିବା ସହ ଲୋକମାନଙ୍କୁ ପିଇବା ପାଇଁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା ।ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ !

# ଦର୍ଶକଙ୍କ ମନମୋହିଲା ରୂପାନ୍ତର ପ୍ରଯୋଜିତ ନାଟକ 'ଅପଦାର୍ଥ'



ବାରିପଦା ( ସ୍ଥାନିୟ ଶହୀଦଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ବସନ୍ତଉତ୍ସ୍ୱ - ୨୦୨୫ ଅନୁଷ୍ଠିତ ହୋଇଯାଇଛି ଓ ଉତ୍ସବର ପ୍ରାରମ୍ଭରେ ଓଡିଶାର ପ୍ରତିଷ୍ଠିତ ନାଟ୍ୟକାର ତଥା ମଂଚ ଅଭିନେତା ଏବଂ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ଗୀତିକାର ଦିବଂଗତ ସଂଗ୍ରାମ ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ତଥା ପରେଶ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ଅପଦାର୍ଥ' ମଞ୍ଚସ୍ଥ ହୋଇଯାଇଛି ଓ ସହ ନିର୍ଦ୍ଦେଶନାରେ ସତ୍ୟନାରାୟଣ ଦାସ ଓ ସଂଗୀତ ନିର୍ଦ୍ଦେଶନାରେ ଗୁରୁ ନନ୍ଦକିଶୋର ଦାସ ସହଯୋଗ କରିଥିଲେ । ନାଟକରେ ସତ୍ୟ, ସପନ, ମଦନ, ରବିନ୍ଦ୍ର, ଆଲୋକ, ଦିନେଶ,ପ୍ରଦୀପ, ପିଣ୍ଟୁ, ପଦ୍ମିନୀ ଏବଂ ଅପୂର୍ବା ଅଭିନୟ କରିଥିବାବେଳେ ବୈଦ୍ୟୁତିକ ଶବ୍ଦ ସଂଯୋଜନାରେ ଶୁଭେନ୍ଦୁ ସାହୁ, ମଂଚସଜ୍ଜାରେ ସନ୍ତୋଷ କମିଲା, ଦଳ ପରିଚାଳନାରେ ନାରାୟଣ ମଣ୍ଡଳ ଓ ମଂଚ ପରିଚାଳନାରେ ମନୋଜ କୁମାର ଜେନା ସାହାଯ୍ୟ କରିଥିଲେ ଓ ଉକ୍ତ ଉତ୍ସବକୁ ଆନୁଷ୍ଠାନିକଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରୂପାନ୍ତରର ଅଧକ୍ଷ ବିରେନ୍ଦ୍ର ନାଥ ସାହୁ, ଉପାଧକ୍ଷା ଡକ୍ଟର ଦମୟନ୍ତୀ ବେଶ୍ରା, ନିର୍ଦ୍ଦେଶକ ପରେଶ ସାହୁ, ନୃତ୍ୟ ନିର୍ଦ୍ଦେଶିକା ବର୍ନରୂପା ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ନାଟକଟି ଏତେ ଜୀବନ୍ତ ହୋଇଥିଲା ଯେ ଭରପୁର ପ୍ରେକ୍ଷାଳୟରେ ଦର୍ଶକ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା ।

# ଜିଲ୍ଲା ପରିଷଦ, କନ୍ଧମାଳ ର ଷଷ୍ଠ ଅଧିବେଶନ ଅନୁଷ୍ଠିତ




ଫୁଲବାଣୀ: ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପରିଷଦ, କନ୍ଧମାଳ ର ଷଷ୍ଠ ଅଧିବେଶନ ଅଧକ୍ଷା, ଜିଲ୍ଲା ପରିଷଦ, କନ୍ଧମାଳ ସୁଶ୍ରୀ ନନ୍ଦିନୀ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ବିଧାୟକ, ଫୁଲବାଣୀ ଶ୍ରୀ ଉମା ଚରଣ ମଲ୍ଲିକ ଓ ମାନ୍ୟବର ବିଧାୟକ, ବାଲିଗୁଡା ଶ୍ରୀ ଚକ୍ରମଣି କହଁର ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ସଡ଼କ, ପାନୀୟ ଜଳ, ଭିନ୍ନକ୍ଷମ ଭତ୍ତା, ଆୟୁଷ୍ମାନ ଯୋଜନା ଆଦି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡିକର ସମୀକ୍ଷା କରିଥିଲେ ଏବଂ ଅଧାରେ ଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମାପ୍ତ କରିବାକୁ କହିଥିଲେ । ସେହିପରି ଭାବରେ ଉପସ୍ଥିତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ଓ ପଞ୍ଚାୟତ ସମିତି ଅଧକ୍ଷ ଅଧକ୍ଷା ନିଜ ଅଞ୍ଚଳର ବିଭିନ୍ନ ସମସ୍ୟାମାନ ଅଧିକାରୀମାନଙ୍କୁ ଅବଗତ କରାଇବା ସହିତ ଏହାର ଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଥିଲେ । ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ଅମ୍ରିତ୍ ଋତୁରାଜ୍ ପ୍ରାରମ୍ଭିକ ଭାଷଣରେ ଜିଲ୍ଲାରେ ଚାଲିଥିବା ଏବଂ ଆଗକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଏହି ଅଧିବେଶନକୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ପ୍ରତିନିଧି ଶ୍ରୀ ଦୂର୍ଗା ମାଧବ ଆଚାର୍ଯ୍ୟ, ଉପାଧକ୍ଷ, ଜିଲ୍ଲାପରିଷଦ,କନ୍ଧମାଳ ଶ୍ରୀମତୀ ସାଧବାଣୀ ନାଏକ, ଏ.ପି.ଡି. ତଥା ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ନରେନ୍ଦ୍ର ନାୟକ, ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ତିର୍ତ୍ତୋଲ ରେ ଶିକ୍ଷକ ଙ୍କ ତାଲିମ ଶିବିରରେ ଅବହେଳା

ତିର୍ତ୍ତୋଲ:ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ମଣ୍ଡଳ ଶିକ୍ଷା ? ଅଧିକାରୀ ଙ୍କ ଦ୍ୱାରା ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ତାଲିମ ଶିବିରରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଏକଶହରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପାଇଁ ଏକ ଲକ୍ଷ ପଚାଶ ହଜାର ରୁ ଉର୍ଦ୍ଧ୍ୱ ଟଙ୍କା ଟିଫିନ୍ ଓ ମଧ୍ୟାହ୍ନ ଭୋଜନ ଏବଂ ତାଲିମ ସମ୍ପର୍କିତ ଖର୍ଚ୍ଚ କରିବା ପାଇଁ ବ୍ୟୟବରାଦ ହୋଇଛି। ଏହି ଟଙ୍କା ଅତିରିକ୍ତ ମଣ୍ଡଳ ଶିକ୍ଷା ? ଅଧିକାରୀଣୀ ବିଷ୍ଣୁପ୍ରିୟା ଦେବୀ ଙ୍କ ଆକାଉଣ୍ଟ କୁ ପଠାଯିବା ସହିତ ତାଙ୍କ ଦ୍ୱାଇତ୍ୱରେ ଏହି ତାଲିମ ଶିବିରଟି ସଠିକ୍ ଭାବେ ପରିଚାଳନା କରିବା ପାଇଁ ମଣ୍ଡଳ ଶିକ୍ଷା ? ଅଧିକାରୀ ଅକ୍ଷୟ କୁମାର ବେହେରା ଦ୍ୱାଇତ୍ୱ ଦେଇଥିବା ସୂଚନା ମିଳିଛି। କିନ୍ତୁ ସେ ଅନେକ ସମୟରେ ଅନୁପସ୍ଥିତ ରହିବା ସହିତ ଆବଶ୍ୟକ ଖର୍ଚ୍ଚ ପାଇଁ ଅର୍ଥ ଦେଉନଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଭିଯୋଗ କରିଛନ୍ତି। ଯାହା ଫଳରେ ତାଲିମ ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଟିଫିନ୍ ଓ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହେଉଥିବା ଜଣାପଡିଛି ।ଚା' ବିସ୍କୁଟ ସହିତ ନିମ୍ନ ମାନର ମଧ୍ୟାହ୍ନ ଭୋଜନ ଓ ତାହା ପୁଣି ସଠିକ୍ ଭାବେ ରନ୍ଧା ଯାଉନଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଭିଯୋଗ କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ସରକାର ଙ୍କ ଟଙ୍କା କୁ ଆତ୍ମସାତ କରୁଥିବା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀଣୀ ବିଷ୍ଣୁପ୍ରିୟା ଦେବୀ ଙ୍କ ଏଭଳି କାର୍ଯ୍ୟ କଳାପ ପାଇଁ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଉ ନାହିଁ। ଏହାର ତଦନ୍ତ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦାବି କରିଛନ୍ତି।

## ସଂପାଦକୀୟ

# ସମ୍ଭାବ୍ୟ ଯୁଦ୍ଧ ପୂର୍ବ ଆତ୍ମସୁରକ୍ଷା ପ୍ରସ୍ତୁତି

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ତୀବ୍ର ରୂପ ନେଇଛି। ଏହି ପରିପ୍ରେକ୍ଷୀରେ ପାକିସ୍ତାନ ସହ ସମ୍ଭାବ୍ୟ ଯୁଦ୍ଧକୁ ନଜରରେ ରଖି ଭାରତର କେନ୍ଦ୍ର ସରକାର ନାଗରିକ ପ୍ରତିରକ୍ଷା ପ୍ରସ୍ତୁତିକୁ ମଜବୁତ କରିବା ନିମନ୍ତେ ବିଭିନ୍ନ ରାଜ୍ୟକୁ ମେ ୭ରେ ମକ୍ ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭ୍ୟାସ ଗ୍ରାମସ୍ତର ପର୍ଯ୍ୟନ୍ତ ହେବ ବୋଲି ଯୋଜନା କରାଯାଇଛି। ଏଥିରେ ଦେଶର ୨୪୪ଟି ବର୍ଗୀକୃତ ବେସାମରିକ ପ୍ରତିରକ୍ଷା ଜିଲ୍ଲାଗୁଡ଼ିକରେ ଅଭ୍ୟାସ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। 'ମକ୍ ଡ୍ରିଲ'ର ଅର୍ଥ ହେଉଛି ଜରୁରୀକାଳୀନ ପ୍ରତିକ୍ରିୟା ଓ ପ୍ରକ୍ରିୟାଗୁଡ଼ିକୁ ପରୀକ୍ଷା ଏବଂ ଅଭ୍ୟାସ କରିବା, ପ୍ରସ୍ତୁତିର ମୂଲ୍ୟାଙ୍କନ ଏବଂ ସଙ୍କଟକାଳୀନ ପରିସ୍ଥିତିରେ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବା ନିମନ୍ତେ ବ୍ୟକ୍ତିମାନଙ୍କର ପ୍ରସ୍ତୁତିକୁ ବୃଦ୍ଧି କରିବା। ବିମାନ ଆକ୍ରମଣ ଚେତାବନୀ ପ୍ରଣାଳୀର ପ୍ରଭାବ ମୂଲ୍ୟାଙ୍କନ, ହଟଲାଇନ୍ କାର୍ଯ୍ୟକ୍ଷମ କରିବା, ଆଇଏଏଫ୍ ସହିତ ରେଡିଓ ଯୋଗାଯୋଗ ସଂଯୋଗ, ନିୟନ୍ତ୍ରଣ କକ୍ଷ ଏବଂ ଛାୟା କକ୍ଷର କାର୍ଯ୍ୟକାରିତା ପରୀକ୍ଷା କରିବା, ଶତ୍ରୁ ଆକ୍ରମଣ ଘଟଣାରେ ନିଜକୁ ରକ୍ଷା କରିବା ପାଇଁ ଛାତ୍ରମାନଙ୍କ ସମେତ ସାଧାରଣ ନାଗରିକଙ୍କୁ ପ୍ରତିରକ୍ଷା ଦିଗ ସମ୍ପର୍କରେ ତାଲିମ ଦେବା, ଯେକୌଣସି ଆକ୍ରମଣ ହେଲେ ନାଗରିକ ଏବଂ ପୁଲିସ ବାହିନୀ ଏକ ସ୍ଥାନାନ୍ତର ଯୋଜନା ପାଇଁ ତାଲିମ ନେବାର ବ୍ୟବସ୍ଥା ଏବଂ କ୍ରାସ୍ ବ୍ଲାକଆଉଟ୍ ପଦକ୍ଷେପ ପ୍ରଦାନ କରିବା ଏଥିରେ ଅନ୍ତର୍ଭୁକ୍ତ। ଏହାର ଲକ୍ଷ୍ୟ ହେଉଛି ଆତଙ୍କକୁ ହ୍ରାସ କରିବା, ଦ୍ୱନ୍ଦ୍ୱକୁ ଏଡ଼ାଇବା ଏବଂ ସଚେତନତା ଓ ପ୍ରସ୍ତୁତି ବୃଦ୍ଧି କରି ଜୀବନ ବଞ୍ଚାଇବା।

୧୯୭୧ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ଏୟାର ରେଡ୍ ଚେତାବନୀ ସାଇରନ୍ ବାଜିବା ବ୍ୟବସ୍ଥିତ ହୋଇଛି। ଯେତେବେଳେ ହମାସ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା ସେତେବେଳେ ଏହିପରି ସାଇରନ୍ ବାଜିବା ଜ୍ଞାତସାରକୁ ଆସିଥିଲା। ଉକ୍ତ ସାଇରନ୍ ମୂଳତଃ ସାଧାରଣ ନାଗରିକମାନଙ୍କୁ ବୋମା ମାଡ଼ ତଥା କ୍ଷେପଣାସ୍ତ୍ର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏକ ନିରାପଦ ସ୍ଥାନରେ ଆଶ୍ରୟ ନେବା ନିମନ୍ତେ ଏକ ଚେତାବନୀ ଅଟେ। ଏତଦ୍ ବ୍ୟତୀତ ଶତ୍ରୁପକ୍ଷର ବିମାନ ଆକ୍ରମଣରୁ ସୁରକ୍ଷା ପାଇଁ ଯୁଦ୍ଧ ସମୟରେ ସହରଗୁଡ଼ିକରେ ଲାଇଟ୍ ବନ୍ଦ କରିବାର ପ୍ରକ୍ରିୟାକୁ 'ବ୍ଲାକଆଉଟ୍' କୁହାଯାଏ। ଏହା ଜରୁରିକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ହେବା ନିମନ୍ତେ ସ୍ଥାନକୁ ଅନ୍ଧାର କରାଯିବା। ଗୁରୁତ୍ୱପୂର୍ଣ୍ଣ ଶିଳ୍ପାଞ୍ଚଳ, ଅନୁଷ୍ଠାନ ଅବା କୋଠାଗୁଡ଼ିକର ପ୍ରାରମ୍ଭିକ ଆବରଣ ପାଇଁ ବ୍ୟବସ୍ଥା କରାଯିବା ତଥା ଉକ୍ତ ପ୍ରତିଷ୍ଠାନଗୁଡ଼ିକରୁ ଦୃଶ୍ୟମାନ ଆଲୋକ ଏବଂ ଅନ୍ୟାନ୍ୟ ଚିହ୍ନଟଯୋଗ୍ୟ ସଙ୍କେତଗୁଡ଼ିକୁ ତୁରନ୍ତ ହ୍ରାସ କିମ୍ବା ଦୂର କରିବା ପାଇଁ ଅଭ୍ୟାସ କରାଯାଏ। ସାଧାରଣତଃ, ରାତ୍ର ସମୟରେ ଶତ୍ରୁମାନଙ୍କ ଦ୍ୱାରା ବିମାନ ଆକ୍ରମଣରୁ ସୁରକ୍ଷା ଏହାର ଉଦ୍ଦେଶ୍ୟ। ନିକଟ ଅତୀତରେ, କ୍ୟାଣ୍ଟନମେଣ୍ଟ ବୋର୍ଡ ଏବଂ ଷ୍ଟେସନ କମାଣ୍ଡରଙ୍କ ତତ୍ତ୍ୱାବଧାନରେ ଫିରୋଜପୁର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ୩୦ ମିନିଟର ବ୍ଲାକଆଉଟ୍ ଅଭ୍ୟାସ କରାଯାଇଥିଲା। ନିର୍ଦ୍ଦେଶ ଅନୁଯାୟୀ ରାତି ୯ଟାରେ ସାଇରନ୍ ? ? ବାଜିବା ପରେ ଅଞ୍ଚଳର ସମସ୍ତ ଲାଇଟ୍ ବନ୍ଦ କରିଦିଆଯାଇଥିଲା। ଲାଇଟ୍ ଜଳୁଥିବା ଯାନଗୁଡ଼ିକୁ ମଧ୍ୟ ବନ୍ଦ କରିବାକୁ କୁହାଯାଇଥିଲା।

ସରକାରଙ୍କର ଏହି ମକ୍‌ଡ୍ରିଲ୍‌ର ଔପଚାରିକ ଘୋଷଣା ପରେ ସାମାଜିକ ଗଣମାଧ୍ୟମରେ ସାଧାରଣ ଲୋକମାନେ ସାମାନ୍ୟ ଭୟଭୀତ ହେବାର କିଛି ଭିଡିଓ ନଜରକୁ ଆସୁଛି। ବାସ୍ତବରେ ଏହା ଆତଙ୍କର ସଙ୍କେତ ନୁହେଁ। ସରକାର ଚାହାନ୍ତି ଯେ ଲୋକମାନେ ଏହାକୁ ଏକ ପ୍ରସ୍ତୁତି ଅଭ୍ୟାସ ଭାବରେ ଗ୍ରହଣ କରନ୍ତୁ। ଏହି ଡ୍ରିଲ୍ କର୍ତ୍ତୃପକ୍ଷ ଏବଂ ଜନସାଧାରଣ ଉଭୟଙ୍କୁ ସେମାନଙ୍କର ଭୂମିକାକୁ ଭଲ ଭାବରେ ବୁଝିବାକୁ ସୁଯୋଗ ପ୍ରଦାନ କରିଥାଏ। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମର ଫଳାଫଳର ମୂଲ୍ୟାଙ୍କନ କରିବା ଏବଂ ଆବଶ୍ୟକ ହେଲେ ଏଥିରେ ଉନ୍ନତି ଆଣିବାର ଏହା ଏକ ପ୍ରକ୍ରିୟା।

ଉକ୍ତ ଡ୍ରିଲ୍ କିମ୍ବା ବ୍ଲାକ୍‌ଆଉଟ୍ ସମୟରେ ସାଧାରଣ ନାଗରିକ ଶାନ୍ତ ରହିବା ସହ ସ୍ଥାନୀୟ ନିର୍ଦ୍ଦେଶାବଳୀ ପାଳନ କରିବା, ନିକଟରେ ପାଣି, ଔଷଧ ଓ ଟର୍ଚ୍ଚଲାଇଟ୍ ଭଳି ମୌଳିକ ଉପକରଣ ପ୍ରସ୍ତୁତ ରଖିବା ଉଚିତ। ସାମାଜିଜ ଗଣମାଧ୍ୟମରେ ଗୁଜବ କିମ୍ବା ଅସମ୍ପୂର୍ଣ୍ଣ ଖବରକୁ ଗ୍ରହଣ ଏବଂ ବିତରଣ କରିବାରୁ ଦୂରେଇ ରହିବା ଜରୁରୀ। ଏଥିସହ ବିଦ୍ୟୁତ୍ କିମ୍ବା ଇଣ୍ଟରନେଟ୍ କିଛିସମୟ ପାଇଁ ବନ୍ଦ ହୋଇଗଲେ ଭୟଭୀତ ନହେବା ଏବଂ ପରିସ୍ଥିତି ସମ୍ବନ୍ଧରେ ଅଧିକ ସୂଚନା ପ୍ରାପ୍ତି ନିମନ୍ତେ ରେଡିଓ କିମ୍ବା ସରକାରୀ ଚ୍ୟାନେଲଗୁଡ଼ିକ ଶୁଣିବା, ସ୍ଥାନୀୟ ପ୍ରଶାସନିକ ଅଧିକାରୀ କିମ୍ବା ସେମାନଙ୍କ କାର୍ଯ୍ୟାଳୟ ଦ୍ୱାରା ଜନତାଙ୍କ ଉଦ୍ଦେଶ୍ୟରେ ହେଉଥିବା ଔପଚାରିକ ଘୋଷଣାକୁ ଗୁରୁତ୍ୱ ଦେବା ଏବଂ ସେଗୁଡ଼ିକୁ ସଠିକ ପାଳନ କରିବା, ସରକାରଙ୍କର ସମସ୍ତ ପଦକ୍ଷେପକୁ ନିଜର ସମର୍ଥନ ପ୍ରଦାନ କରିବା ସହ ତାଙ୍କର ପଦକ୍ଷେପ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ। ଏହାଦ୍ୱାରା ଶତ୍ରୁ ଆକ୍ରମଣରେ ଦେଶ କୌଣସି ଜଣେ ମଧ୍ୟ ନାଗରିକଙ୍କର କ୍ଷତି ହେବ ନାହିଁ ଏବଂ ସମସ୍ତେ ସୁରକ୍ଷିତ ରହିବେ।

# ଚାରିଧାମ ଓ ପବିତ୍ର ଜଗନ୍ନାଥ ପୁରୀଧାମ '

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଦିଘାରେ ଜଗନ୍ନାଥ ଧାମକୁ ନେଇ ଚର୍ଚ୍ଚା ବଢିଥିବା ବେଳେ ପୁଣି ମନ୍ଦିର ସମ୍ମୁଖରେ ବଡ ବଡ ଅକ୍ଷରରେ ପ୍ରସ୍ତୁତ କରି ମରାଯାଇଛି ଜଗନ୍ନାଥ ଧାମ । ଅମିତ ମାଲବ୍ୟ ଏକ୍ସରେ ପୋଷ୍ଟ କରିବା ପରେ ଏବେ ଦିଦି ପୋଷ୍ଟକୁ ଭୁଲ ପ୍ରମାଣ ଓ ଜିଦ ପାଇଁ ପୁଣି ରାତାରାତି ଜଗନ୍ନାଥ ଧାମ ଲେଖିବା ସହ ପୂର୍ବ ସେଲ୍ଫି ପଏଣ୍ଟ କରୁଛନ୍ତି। ଦିଘା ଜଗନ୍ନାଥ ମନ୍ଦିର ଉଦ୍ଘାଟନ ସମୟରେ ଯେଉଁ ଅସ୍ଥାୟୀ କାଗଜ ଓ ଥର୍ମାକୋଲରେ ସେଲ୍ଫି ପଏଣ୍ଟ କରାଯାଇଥିଲା ସେଥିରେ ଦିଘା ଜଗନ୍ନାଥ ଧାମ ବୋଲି କରାଯାଇଥିଲା। ଯାହା ୩୦ ତାରିଖ ଉଦଘାଟନ ସରିବା ପରେ ୧ ତାରିଖ ଦିନ ଟେଣ୍ଟ ମାଲିକ ଖୋଲି ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜଗନ୍ନାଥ ଧାମ ଶବ୍ଦକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଜୋରଦାର ପ୍ରତିବାଦ ଓଡ଼ିଶାରେ ଦେଖିବାକୁ ମିଳିଛି । ଏହା ସ୍ୱାଭାବିକ୍ କ୍ଷ କାରଣ ଚାରି ଧାମ ମଧ୍ୟରୁ ପୁରୀ ଜଗନ୍ନାଥ ଧାମ ଅନ୍ୟତମ କ୍ଷ ଅନ୍ୟ କେଉଁଟି ଆଉ ଜଗନ୍ନାଥ ଧାମ ହୋଇପାରିବ ନାହିଁ କ୍ଷ ଅଲଗା ଆଡ଼େ ହଜାର ହଜାର ମନ୍ଦିର ଜଗନ୍ନାଥଙ୍କର ହେଉ ସେଥିରେ କିଛି ଆପତ୍ତି ନାହିଁ କିନ୍ତି ଜଗନ୍ନାଥ ଧାମ କେବଳ ପୁରୀ ।

ଏବେ ଆସନ୍ତୁ ଜାଣିବା ପୁରୀ ଧାମ ଜଗନ୍ନାଥ ମନ୍ଦିର ବିଷୟରେ ଓ ଚାରି ଧାମ ବିଷୟରେ କ୍ଷ ଆର୍ଯ୍ୟାବର୍ତ୍ତ ଭାରତ ବର୍ଷର ପ୍ରତ୍ୟେକ ଭାରତୀୟ ଚତୁର୍ଦ୍ଧାମ ରାମେଶ୍ୱର, ପୁରୀ, ବଦ୍ରୀନାଥ ଓ ଦ୍ୱାରକା ଦର୍ଶନର କାମନା କରିଥାନ୍ତି । ଚାରୋଟି ସ୍ଥାନ – ଚାରିଧାମ ପରମ ପବିତ୍ର । ଏଥିମଧ୍ୟରୁ ତିନୋଟି ଧାମ ପୁରୀ, ରାମେଶ୍ୱର ଏବଂ ଦ୍ୱାରକା ସାଗର କୂଳରେ ଓ ବଦ୍ରୀନାଥ ଧାମ ହିମାଳୟ ପର୍ବତରେ ଅବସ୍ଥିତ । କଥିତ ଅଛି ଯେ ମନୁଷ୍ୟ ପରି ଭଗବାନ ମଧ୍ୟ ରାମେଶ୍ୱରରେ ସ୍ନାନ କରି ଆଭୂଷଣ ବିମଣ୍ଡିତ ହୁଅନ୍ତି ଦ୍ୱାରକାରେ, ଶ୍ରୀକ୍ଷେତ୍ରରେ ଷାଠିଏ ପଉଟି ଭୋଜନ କରି ବଦ୍ରିକାର ନିଶ୍ଚଳ ଅଞ୍ଚଳରେ ସୁଖ ନିଦ୍ରା ଯାଇଥାନ୍ତି । କାର୍ତ୍ତିକଠାରୁ ବୈଶାଖ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଛଅମାସ କାଳ ବଦ୍ରୀନାଥ ମନ୍ଦିର ଦ୍ୱାର ବନ୍ଦ ରହେ ।

ଅଦ୍ୱୈତ ମତବାଦର ପ୍ରଣେତା ଆଦି ଶଙ୍କରାଚାର୍ଯ୍ୟ ସ୍ୱପ୍ରତିଷ୍ଠିତ ସନ୍ନ୍ୟାସୀ ସଂପ୍ରଦାୟକୁ ଦଶ ଭାଗରେ ଯଥା– ତୀର୍ଥ, ଆଶ୍ରମ, ବନ, ଅରଣ୍ୟ, ଗିରି, ପର୍ବତ, ସାଗର, ପୁରୀ, ଭାରତୀ ଓ ସରସ୍ୱତୀ, ବିଭକ୍ତ କରି ସେମାନଙ୍କ ବ୍ୟବହାର ପାଇଁ ଭାରତର ଚତୁର୍ଦ୍ଦିଗରେ ଚାରିଟି ମଠ ତାଙ୍କର ଚାରିଜଣ ଶିଷ୍ୟଙ୍କ ଅଧିନରେ ସ୍ଥାପନ କରିଥିଲେ ଓ ପ୍ରତ୍ୟେକ ମଠରେ ଦେବ, ଆଚାର୍ଯ୍ୟ ଏବଂ ମଠ ସେବକ ବ୍ରହ୍ମଚାରୀ ନିଯୁକ୍ତ କରିଥିଲେ । ସେହି ଚାରିଗୋଟି ମଠ ଆଜି ପର୍ଯ୍ୟନ୍ତ ଶିଷ୍ୟ ପ୍ରଶିଷ୍ୟାନୁକ୍ରମେ ମଠଧାରୀ ମାନଙ୍କଦ୍ୱାରା ପରିଚାଳିତ ହୋଇ ଆସୁଅଛି । ପଶ୍ଚିମରେ ଦ୍ୱାରକାସ୍ଥିତ ଶାରଦା ମଠରେ ପୀଠାଧିକାରୀଙ୍କ ନାମ ହସ୍ତାମଳକାଚାର୍ଯ୍ୟ । ଦଶନାମୀ ସନ୍ନ୍ୟାସୀ ମାନଙ୍କ ମଧ୍ୟରୁ ତୀର୍ଥ ଓ ଆଶ୍ରମ ନାମଧାରୀ ସନ୍ନ୍ୟାସୀ ମାନଙ୍କ ବାସ ନିମିତ୍ତ ଏହି ମଠଟି ଉତ୍କୃଷ୍ଟ । ପୂର୍ବରେ ପୁରୀସ୍ଥିତ ଗୋବର୍ଦ୍ଧନ ମଠରେ ପୀଠାଧିକାରୀଙ୍କ ନାମ ପଦ୍ମପାଦାଚାର୍ଯ୍ୟ । ବନ ଓ ଅରଣ୍ୟ ନାମଧାରୀ ସନ୍ନ୍ୟାସୀ ମାନଙ୍କ ନିମିତ୍ତ ଏହି ମଠଟି ଉତ୍କୃଷ୍ଟ । ଉତ୍ତରରେ ବଦରିକାଶ୍ରମସ୍ଥିତ ଯୋଶୀ ମଠ ବା ଜ୍ୟୋତିଃ ମଠରେ ପୀଠାଧିକାରୀଙ୍କ ନାମ ତ୍ରୋକଟାଚାର୍ଯ୍ୟ । ଗିରି, ପର୍ବତ ଓ ସାଗର ନାମଧାରୀ ସନ୍ନ୍ୟାସୀମାନଙ୍କ ବାସ ନିମିତ୍ତ ଏହି ମଠଟି ଉତ୍କୃଷ୍ଟ । ଦକ୍ଷିଣରେ ଶୃଙ୍ଗେରୀ ଯଥା ଋଶ୍ୟଶୃଙ୍ଗାଶ୍ରମ ମଠରେ ପୀଠାଧିକାରୀଙ୍କ ନାମ ସୁରେଶ୍ୱରାଚାର୍ଯ୍ୟ । ପୁରୀ, ଭାରତୀ ଓ ସରସ୍ୱତୀ ନାମଧାରୀ ସନ୍ନ୍ୟାସୀ ମାନଙ୍କ ବାସାର୍ଥେ ଏହା ଉତ୍କୃଷ୍ଟ ।

ଜଗନ୍ନାଥ ମନ୍ଦିର ଯାହା ବଡ଼ଦେଉଳ, ଶ୍ରୀମନ୍ଦିର ନାମରେ ମଧ୍ୟ ଜଣା ଓଡ଼ିଶାର ପୁରୀ ସହରର ମଧ୍ୟଭାଗରେ ଅବସ୍ଥିତ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ପୂଜିତ ହେଉଥିବା ଏକ ପୁରାତନ ଦେଉଳ । ଓଡ଼ିଶାର ସଂସ୍କୃତି ଏବଂ ଜୀବନ ଶୈଳୀ ଉପରେ ଏହି ମନ୍ଦିରର ସବିଶେଷ ସ୍ଥାନ ରହିଛି । କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ଏହି ଦେଉଳ ବିଶ୍ୱର ପୂର୍ବ–ଦକ୍ଷିଣ ଯାହାକୁ ଅଗ୍ନିକୋଣରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ, ପୁରୀର ଅଗ୍ନିକୋଣରେ ଶ୍ରୀବସ୍ତ୍ରଖଣ୍ଡଶାଳ ରୀତିରେ ନିର୍ମିତ ବଡ଼ଦେଉଳ ଏବଂ ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ । ଏହା ମହୋଦଧିତୀରେ ଥିଲେ ହେଁ ଏଠାରେ କୂଅ ଖୋଳିଲେ ଲୁଣପାଣି ନ ଝରି ମଧୁରଜଳ ଝରିଥାଏ। ୧୯୭୫ ମସିହାରେ ଶ୍ରୀମନ୍ଦିରକୁ ଜାତୀୟ କୀର୍ତ୍ତି ରୂପେ ଘୋଷଣା କରାଯାଇଛି । ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ଅନଙ୍ଗବର୍ମା ଚୋଡ଼ଗଙ୍ଗ ଦେବ ବର୍ତ୍ତମାନ ବଡ଼ଦାଣ୍ଡ ପତନଠାରୁ ୨୧୪ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅନଙ୍ଗ ଭୀମଦେବ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ। ଏହା ଦଶ ଏକର ଆୟତନ ବିଶିଷ୍ଟ ଜମି ଉପରେ ଅବସ୍ଥିତ । ୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ । ଏହାର ଦୈର୍ଘ୍ୟ ୬୬୫ ଫୁଟ ଓ ପ୍ରସ୍ଥ ୬୪୦ ଫୁଟ, ଉଚ୍ଚତା ୨୨ ଫୁଟ ଓ ସ୍ଥାନେ ସ୍ଥାନେ ୨୦ରୁ ୨୪ ଫୁଟ ଉଚ୍ଚତା ମଧ୍ୟ ରହିଥିବା ଦେଖାଯାଇଛି। ମେଘନାଦ ପାଚେରି ପରେ କୂର୍ମ ବେଢାର ଦୈର୍ଘ୍ୟ ୪୨୦ ଫୁଟ,୩୫୦ ଫୁଟ ପ୍ରସ୍ଥ ଓ ୨୦ ଫୁଟ ଉଚ୍ଚତାରେ ନିର୍ମିତ ହୋଇଛି।

ଶ୍ରୀମନ୍ଦିରର ଶୋଭା ନୀଳଚକ୍ର ବୃଦ୍ଧି କରୁଛି ଓ ଏହା ଉପରେ ପତିତପାବନ ବାନା ଫର ଫର ହୋଇ ଉଡି ଅଗଣିତ ଭକ୍ତ, ପାପୀ ତପୀଙ୍କୁ ନିଜ ପାଖକୁ ଟାଣି ଆଣି ଅଭୟ ଦେଉଛି ଓ ଶରଣ ପଞ୍ଜର ନାମକୁ ସାର୍ଥକ କରୁଛି। ବର୍ତ୍ତମାନର ଶ୍ରୀମନ୍ଦିର ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କଦ୍ୱାରା ନିର୍ମିତ ଓ ଏହା ଏକାଦଶ ଶତାବ୍ଦୀର ବିଷୟ । ଏଥିପୂର୍ବରୁ ଶ୍ରୀମନ୍ଦିରର ନାଭିକଟା ମଣ୍ଡପ ଓ ଶ୍ରୀଜଗନ୍ନାଥଙ୍କ ପାଦୁକାନଳା ମଧ୍ୟବର୍ତ୍ତୀ ସ୍ଥାନରେ ଦକ୍ଷିଣାଭିମୂଖୀ ଭାବେ ଅବସ୍ଥିତ ଥିବା ଜଣାଯାଏ । ଉକ୍ତ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ କିମ୍ବା ତୃତୀୟ ଶତକର ବୋଲି କେହି କେହି ପ୍ରତ୍ନତାତ୍ତ୍ୱିକ ପରିଦୃଶ୍ୟମାନ ଭଗ୍ନ ମନ୍ଦିରର ମୂଳଭିତ୍ତିରୁ ଅନୁମାନ କରନ୍ତି । ଏହି ମନ୍ଦିରର ମୂଳଭିତ୍ତି ଉପରେ ବର୍ତ୍ତମାନ ଅମୁହିଁ ଦେଉଳ ବା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅବସ୍ଥିତ । ବର୍ତ୍ତମାନ ମଧ୍ୟ ଏହି ମନ୍ଦିରର ମୁଖ ଶ୍ରୀଜଗନ୍ନାଥଙ୍କ ବାହାର ଗମ୍ଭୀରା ବା ଜଗମୋହନ ଦିଗକୁ ରହିଛି । ପୂର୍ବ ଦିଗସ୍ଥ ଜୟବିଜୟ ଦ୍ୱାର ବ୍ୟତୀତ ଭକ୍ତ ଗମ୍ଭୀରାକୁ ଗମନାଗମନର ଅପର ଏକ ଦ୍ୱାର ଦକ୍ଷିଣାଭିମୁଖରେ ଅବସ୍ଥିତ । ବେଢ଼ା ମଧ୍ୟରୁ ଭକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ହେଲେ ଦ୍ୱାରଦେଶରେ ପହଞ୍ଚିବା ନିମନ୍ତେ କେତୋଟି ପାହାଚ ଚଢ଼ିବାକୁ ପଡେ । ଉକ୍ତ ପାବଚ୍ଛ ଶ୍ରେଣୀର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ବିଦ୍ୟମାନ । ତେଣୁ ଏହାକୁ ଏକ ସିଂହଦ୍ୱାର କୁହାଯାଇପାରେ । ଦ୍ୱାର ପ୍ରବେଶ ପଥର ପୂର୍ବରେ ମାଜଣା ମଣ୍ଡପ ଓ ପଶ୍ଚିମରେ ଦକ୍ଷିଣି ଘର ଅବସ୍ଥିତ । ଉକ୍ତ ପ୍ରବେଶ ପଥର ଅନତି ଦୂରର ଦକ୍ଷିଣରେ ମୁକ୍ତିମଣ୍ଡପ, ଯେଉଁ ସ୍ଥାନରେ କି ଝୁଲଣଯାତ୍ରା ଅନୁ ଷ୍ଠିତ ହୋଇଥାଏ । ମୁକ୍ତି ମଣ୍ଡପର ପଶ୍ଚିମ ଦିଗରେ ଶ୍ରୀନୃସିଂହ ମନ୍ଦିର ବା ପୁରୁଷୋତ୍ତମ ମନ୍ଦିର ଏବଂ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଛି । କ୍ଷେତ୍ରପାଳ ମନ୍ଦିରର ମୁଖ ଦକ୍ଷିଣ ଦିଗକୁ ଏବଂ ଏହି ମନ୍ଦିରରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ ମଧ୍ୟ ବିଗ୍ରହର ପଶ୍ଚାତ ଭାଗର ଭିତ୍ତିଚିତ୍ର ଶିବଙ୍କର ନହୋଇ ଭୈରବ ନାମରେ ଅଭିହିତ । ମନ୍ଦିରର ତିନି ପାର୍ଶ୍ୱରେ କାର୍ତ୍ତିକ, ପାର୍ବତୀ ଓ ଗଣେଶଙ୍କ ପରିବର୍ତ୍ତେ ନୃମୁଣ୍ଡମାଳିନୀ ଖଡ୍ଗଧାରିଣୀ ଭୈରବୀ ମୂର୍ତ୍ତିମାନ ରହିଛନ୍ତି । ଏଥି ମଧ୍ୟରୁ ପୂର୍ବ ପାର୍ଶ୍ୱଗତା ଭୈରବୀ କୁତାମଚଣ୍ଡୀ ରୂପେ ସର୍ବଜନ ପରିଚିତା ଓ ଆରାଧିତା ଅଟନ୍ତି । ମନ୍ଦିରର ପୂର୍ବଦିଗରେ ଅନନ୍ତଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ, ପଶ୍ଚିମରେ ମୁକ୍ତିମଣ୍ଡପ ଏବଂ ଉତ୍ତର ଦିଗରେ ସୂର୍ଯ୍ୟ ପୂଜା ମଣ୍ଡପାଦିଦ୍ୱାରା ପରିବେଷ୍ଟିତ ରହି ଏକ ପ୍ରକାର ଅବହେଳିତ ତଥା ଲୋକଲୋଚନର ଅଗୋଚରରେ ରହିଛି କ୍ଷ କିମ୍ବଦନ୍ତୀ ମତେ ଭାନୁଦେବ ନାମରେ ଜଣେ ନିଃସନ୍ତାନ ରାଜା ଜମ୍ବେଶ୍ୱରଙ୍କୁ ଆରାଧନା କରି ସୁନ୍ଦର ପୁତ୍ର ସନ୍ତାନଟିଏ ଲାଭକଲେ । ଜାତକ ତିଆରି କଲାବେଳେ ରାଜା ଜାଣିଲେ ତାଙ୍କ ପୁତ୍ରର ଆୟୁଷ କେବଳ ୨୨ବର୍ଷ । ପୁତ୍ରର ଅଳ୍ପାୟୁ ବାବଦରେ ଅବଗତ ହୋଇ ରାଜା ଭାନୁଦେବ ପୁନଶ୍ଚ ଜମ୍ବେଶ୍ୱରଙ୍କୁ ଆରାଧନା କଲେ। ଜମ୍ବେଶ୍ୱର ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀମନ୍ଦିର ଭିତରେ ବାଇଶି ପାହାଚ ନିର୍ମାଣ କରିବାକୁ ଆଜ୍ଞା ଦେଲେ । ରାଜା ବାଇଶି ପାହାଚ ନିର୍ମାଣ କରି ତାଙ୍କ ସନ୍ତାନର ଆୟୁ ବୃଦ୍ଧି ପାଇଁ ସେହି ବାଇଶି ପାହାଚରେ ଗଡ଼ାଇ ଦେଇଥିଲେ । ଶ୍ରଦ୍ଧାଳୁମାନେ ସେଥିପାଇଁ ନିଜ ନିଜ ପିଲାମାନଙ୍କର ଆୟୁଷ ବୃଦ୍ଧି ନିମନ୍ତେ ବାଇଶି ପାହାଚରେ ଗଡ଼ାଇ ଦେଇଥାନ୍ତି ।

ମୁଖ୍ୟ ଦେଉଳଟି ପଞ୍ଚରଥ ଶୈଳୀରେ ନିର୍ମିତ । ଦେଉଳ ଚାରିପଟେ 'ମେଘନାଦ ପାଚେରୀ' ଯାହା ୬୬୫ଫୁଟ ଦୈର୍ଘ୍ୟ, ୬୪୦ଫୁଟ ପ୍ରସ୍ଥ ଓ ୨୦ରୁ ୨୪ଫୁଟ ଉଚ୍ଚତା ରହିଛି । ମେଘନାଦ ପାଚେରୀ ଭିତର ପଟେ 'କୂର୍ମ ପାଚେରୀ' ଯାହା ୪୨୦ଫୁଟ ଦୈର୍ଘ୍ୟ ଓ ୩୧୫ଫୁଟ ପ୍ରସ୍ଥ ନାମକ ଆଉ ଏକ ପାଚେରୀ ରହିଛି । କୂର୍ମ ପାଚେରୀ ମଝିରେ ଥିବା 'କୂର୍ମବେଢ଼ା' ମଝି ଭାଗରେ ବଡ଼ଦେଉଳ । ଦେଉଳଟି ଚାରି ଭାଗରେ ବିଭକ୍ତ କ୍ଷ ବିମାନ ଯାହାକୁ ମୁଖ୍ୟ ମନ୍ଦିର ବା ଗର୍ଭଗୃହ କୁହଯାଏ କ୍ଷ ତାପରେ ଜଗମୋହନ ବା ମୁଖଶାଳା କ୍ଷ ତାପରେ ନାଟମଣ୍ଡପ ଶେଷରେ ଭୋଗମଣ୍ଡପ । ଭୋଇବଂଶ ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ମନସିଂହଙ୍କ ପତ୍ନୀ ଗୌରୀ ମହାଦେବୀ ମୁକ୍ତିମଣ୍ଡପର ନିର୍ମାଣ କରାଇଥିଲେ । ୩୮ ଫୁଟ ଦୈର୍ଘ୍ୟ ଓ ୩୮ ଓସାରର ଓ ୧୬ଟି ସ୍ତମ୍ଭ ବିଶିଷ୍ଟ ମୁକ୍ତି ମଣ୍ଡପ ନିର୍ମାଣ କରାଯାଇଥିଲା। ଶ୍ରୀମନ୍ଦିର ଗର୍ଭଗୃହର ଆକାର ଉଭୟ ଲମ୍ବ ଓ ପ୍ରସ୍ଥରେ ୩୦ ଫୁଟ ଲେଖାଁଏ ଓ ଉଚ୍ଚତା ୪୮ ଫୁଟ । ଗର୍ଭଗୃହରେ ପ୍ରତିଷ୍ଠିତ ରତ୍ନସିଂହାସନ ଯାହା ୧୬ଫୁଟ ଦୈର୍ଘ୍ୟ, ୧୩ଫୁଟ ପ୍ରସ୍ଥ ଓ ୪ଫୁଟ ଉଚ୍ଚତା ଉପରେ କାଷ୍ଠ ନିର୍ମିତ କନକ ମୁଣ୍ଡି ରହିଛି କ୍ଷ ଜଗମୋହନର ଉଚ୍ଚତା ୧୦୦ ଫୁଟ ।ଧ କନକ ମୁଣ୍ଡିର ତଳେ ଏକ ବିରାଟ ଚାନ୍ଦୁଆ ଆବରଣ ହୋଇଛି । ଏହି ରତ୍ନବେଦୀ ଉପରେ ତିନୋଟି କଳା ମୁଗୁନି ପ୍ରସ୍ତରର ଚକା ରହିଛି, ଯାହା ଉପରେ ଚତୁର୍ଦ୍ଧା ଦାରୁମୁର୍ତ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଅଧିଷ୍ଠିତ ହୋଇଛନ୍ତି । ଚତୁର୍ଦ୍ଧା ଦାରୁମୁର୍ତ୍ତିଙ୍କ ସହ ନୀଳମାଧବ ଏବଂ ଶ୍ରୀଦେବୀ ଯାହା ଲକ୍ଷ୍ମୀଙ୍କ ସୁବର୍ଣ୍ଣ ମୁର୍ତ୍ତୀ ଓ ଭୂଦେବୀ ଯାହା ସରସ୍ୱତୀଙ୍କ ରୂପା ମୂର୍ତ୍ତି ମଧ୍ୟ ରତ୍ନସିଂହାସନାସୀନ କ୍ଷ ରତ୍ନସିଂହାସନ ଚାରିପଟେ ପରିକ୍ରମା କରିବା ପାଇଁ ବାଟ ଅଛି । ଶ୍ରୀମନ୍ଦିର ରୋଷ ଘରେ ସ୍ୱତ୍ତ୍ୱଲିପି ମୁତାବକ ୨୪୦ଟି ଚୂଲି ଅଛି ଓ ସେଥିମଧ୍ୟରୁ ଚୂଲି କୋଠ ଭୋଗ ଚୂଲି ରୂପେ ପରିଚିତ। ଶ୍ରୀମନ୍ଦିରରେ ବିରାଜିତ ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ନାନାଦି ନୈବେଦ୍ୟ ଭୋଗ ଲାଗି କରାଯାଇଥାଏ । ସେଥି ମଧ୍ୟରୁ ଦୁଇଟି ପ୍ରମୁଖ ନୈବେଦ୍ୟ ହେଉଛି ବଲ୍ଲଭ ଭୋଗ ଓ ସକାଳ ଧୂପ। ଏହିପରି ଆହୁରି ବହୁତ କିଛି ରହିଛି ପବିତ୍ର ପୁରୀ ଧାମରେ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ – ୯୯୩୮୯୦୬୦୭୦

# ' ଆଜିର ସମାଜରେ କଳିଯୁଗର ପ୍ରଭାବ '

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

କଳିଯୁଗର ପାଞ୍ଚଟି ସତ୍ୟ ମହାନ ଗ୍ରନ୍ଥ ମହାଭାରତରେ ଅଛି ଆଉ ମହାଭାରତ ଖାଲି ହିନ୍ଦୁ ଜାତିର ଗ୍ରନ୍ଥ ନୁହେଁ ସମସ୍ତ ମାନବ ଜାତିର ଗ୍ରନ୍ଥ ଅଟେ । ଏହି ମହା ଭାରତ ଗ୍ରନ୍ଥ ଦ୍ୱାରା ପ୍ରତେକ ମାନବ ଜାତିକୁ ଉଚିତ ଶିକ୍ଷା ଏବଂ ଉଚିତ ମାର୍ଗ ମିଳିଥାଏ । ପ୍ରତେକ ମନୁଷ୍ୟକୁ ଏହି ଗ୍ରନ୍ଥ ପଢିବା ଦରକାର ମହାଭାରତରେ ଜିବନ ସହିତ ଜଡିତ ସମସ୍ତ ଘଟଣା ଏମିତି କୌଣସି ନାହିଁ ଜାହା ମହାଭାରତ ଗ୍ରନ୍ଥରେ ନାହିଁ । ଜୀବନର ପ୍ରତେକ ସମସ୍ୟାର ସମାଧାନ କେବଳ ମହାଭାରତ ଗ୍ରନ୍ଥରେ ଲେଖା ଅଛି । ଏହି ଗ୍ରନ୍ଥରେ ଦେଶ ଧର୍ମ ନ୍ୟାୟ ରାଜନୀତି ସମାଜ ଯୋଗ ଯୁଦ୍ଧ ବିଜ୍ଞାନ ପରିବାର ଜ୍ଞାନ ବିଜ୍ଞାନ ଆଧାତ୍ମିକ ସହ ଅନେକ ବିଷୟ ବସ୍ତୁ ବର୍ଣ୍ଣନା କରାଯାଇଛି । ଆଜିର ସମାଜରେ ଯେଉଁ କୁସଂସ୍କାର, ଭ୍ରଷ୍ଟାଚାର ଓ ପାପ ବଢି ଚାଲିଛି ତାହା କଳିର ହିଁ ପ୍ରଭାବ ଆଉ ଆମ ଧର୍ମଗ୍ରନ୍ଥ ଗୁଡିକ ଏ ସବୁ କୁ ନିଷ୍କ୍ରିୟ କରିବାର ମାର୍ଗ ଦେଇଅଛି ଯାହାକୁ ଆମେ ଆଉ ଆମ ପରା ପିଢି ପଢିବା ଜାଣିବା ଓ ହୃଦୟଙ୍ଗମ କରିବା ଦରକାର।

କୁରୁକ୍ଷେତ୍ର ଯୁଦ୍ଧପରେ ଥରେ ପାଣ୍ଡବ ପାଞ୍ଚଭାଇ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପଚାରିଲେ... ପ୍ରଭୁ ଏ ଦ୍ୱାପର ଯୁଗ ପରେ ଯେଉଁ କଳିଯୁଗ ଆସିବ, ସେତେବେଳେ ସମାଜର,ବ୍ୟକ୍ତି ବିଶେଷଙ୍କର ସ୍ୱଭାବ କେମିତି ରହିବ ଅର୍ଥାତ୍ କଳିର ସମାଜ ଉପରେ କିପରି ପ୍ରଭାବ ରହିବ ? କୃଷ୍ଣ ପାଞ୍ଚ ଭାଇଙ୍କୁ କହିଲେ ତୁମେମାନେ କିଛି ସମୟ ପାଇଁ ବାହାରେ ବୁଲିକି ଆସ, ଯିଏ ଯାହା ଦେଖିବ, ମୋତେ ଆସି ସେହି ବାହାରର ସଠିକ ଦୃଶ୍ୟ କହିବ ତା'ପରେ ମୁଁ ତୁମର ପ୍ରଶ୍ନର ଉତ୍ତର ଦେବି। ପାଞ୍ଚ ଭାଇ କୃଷ୍ଣ ଠାକୁରଙ୍କ କଥା ମାନି ବାହାରକୁ ଯାଇ ଯାହା ସବୁ ଦେଖିଥିଲେ ସେ ଦୃଶ୍ୟ ଠାକୁରଙ୍କୁ କହିଲେ କ୍ଷ ପ୍ରଥମେ ଯୁଧିଷ୍ଠୀର କହିଲେ ମୁଁ ଗୋଟିଏ ହାତୀ ଦେଖିଲି ତାର ଦୁଇଟି ଶୁଣ୍ଢ କ୍ଷ ଭୀମ କହିଲେ ମୁଁ ଏମିତି ଏକ ଶାଗୁଣା ଦେଖିଲି ଯାହାର ଦୁଇ ଡେଣାରେ ବେଦ ଲେଖା ଯାଇଛି ହେଲେ ସେ ଶବକୁ ଆନନ୍ଦରେ ଖାଉଛି କ୍ଷ ଅର୍ଜୁନ କହିଲେ ମୁଁ ଏକ ଗାଈ ଦେଖିଲି ଯିଏ ତାର ଛୁଆକୁ ଚାଟିଚାଟି ରକ୍ତାତ କରିଦେଉଛି କ୍ଷ ନକୁଳ କହିଲେ ମୁଁ ଏପରି ଏକ ଦୃଶ୍ୟ ଦେଖିଲି, ସାତଟି କୂଅ ଅଛି ହେଲେ ସେଥିରୁ ଗୋଟିଏ କୂଅ ଶୁଖିଲା ପଡିଛି, ଏ ଛଅଟି କୂଅରୁ ପାଣି ସେ କୂଅ ଭିତରକୁ ଯାଉ ନାହିଁ କ୍ଷ ଶେଷରେ ସହଦେବ କହିଲେ ମୁଁ ଦେଖିଲି ପାହାଡ ଉପରୁ ବିରାଟ ପଥର ଖଣ୍ଡଟିଏ ଖସିଲା, ବଡ ବଡ ଗଛ ବୃକ୍ଷ ସବୁ ଭାଙ୍ଗି ତଳକୁ ଖସୁ ଥାଏ ହଠାତ୍ ଗୋଟିଏ ଛୋଟିଆ ଦୁବ ଘାସ ତାକୁ ଅଟାକାଇ ଦେଲା।

ପ୍ରଭୁ କୃଷ୍ଣ ଏ ପାଞ୍ଚଟି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ, ଯୁଧିଷ୍ଠୀରଙ୍କ ଦୃଶ୍ୟ ଥିଲା ଗୋଟିଏ ହାତୀର ଦୁଇଟି ଶୁଣ୍ଢ କ୍ଷ ଠାକୁର କହିଲେ ତାର ଅର୍ଥ ହେଉଛି, କଳି ଯୁଗରେ ପ୍ରତ୍ୟେକ ମଣିଷ ଯେଉଁ କଥା କହିବେ କିନ୍ତୁ କାର୍ଯ୍ୟରେ ତାର ଓଲଟା କଥା କରିବେ। ତେଣୁ ପ୍ରତ୍ୟେକ ଲୋକର ଦୁଇଟା ମୁହଁ ହେବ କ୍ଷ ଭୀମ ଦେଖିଥିବା ଦୃଶ୍ୟ ଶାଗୁଣା ପରରେ ବେଦ ଲେଖା ହୋଇଥିଲା ସେ ଶବ ଉପରେ ବସି ପଚା ମାଂସ ଖାଉଥିଲା ତାର ଅର୍ଥ ଠାକୁର କହିଲେ ଯେ କଳିଯୁଗରେ ଯେଉଁମାନେ ମୁଖରେ ବେଦ ପଢୁଥିବେ, ସେମାନେ ମାଂସ ମଧ୍ୟ ଖାଉଥିବେ କ୍ଷ ଅର୍ଜୁନ ଦେଖିଥିଲେ ଗୋଟିଏ ଗାଈ ତା ବାଛୁରୀକୁ ଚାଟି ରକ୍ତାତ କରିଦେଉଛି। ତାର ଅର୍ଥ ଠାକୁର କହିଲେ କଳିଯୁଗରେ ପ୍ରତ୍ୟେକ ପିତାମାତା ତାଙ୍କର ସନ୍ତାନମାନଙ୍କୁ ଯେତିକି ଲାଳନ ପାଳନ କରିବା କଥା ତାର ଦଶଗୁଣ ଲାଳନ ପାଳନ କରି ପିଲାଙ୍କୁ ଅମଣିଷ କରିଦେବେ କ୍ଷ ନକୁଳ ଦେଖିଥିଲେ ସାତଟି କୂଅରୁ ଛଅଟିରେ ଜଳ ପୂର୍ଣ୍ଣଥିଲା ବେଳେ, ଗୋଟିଏ ଶୁଖିଲା ପଡିଥିଲା। ତାର ଅର୍ଥ ସାତ ଭାଇ ମଧ୍ୟରୁ ଛଅଟି ଭାଇ କୋଠାବାଡି କରି ଭଲରେ ଥିଲେ ବି, ଗୋଟିଏ ଗରୀବ ଭାଇକୁ ଅନେଇବେ ନାହିଁ। ବରଂ ପରକୁ ଦେବେ ହେଲେ ଭାଇକୁ ଦେବେନାହିଁ କ୍ଷ ଶେଷରେ ସହଦେବ ଦେଖିଥିଲେ ଗୋଟିଏ ପାହାଡରୁ ବିରାଟ ପଥର ଖଣ୍ଡ ଖସି ଗଛ ବୃକ୍ଷ ଭାଙ୍ଗି ଦେଉଥିଲା ବେଳେ ଗୋଟିଏ ଦୁବ ଘାସ ତାକୁ ଅଟାକାଇ ଦେଲା। ତାର ଅର୍ଥ ଠାକୁର କହିଲେ ଯେ କଳିଯୁଗରେ ମହାପାପୀ ହୋଇ ଥିଲେ ବି, ବଡ ପାପ କରିଥିଲେ ବି ଥରୁଟିଏ ରାମ ନାମରେ ମଧ୍ୟ ସେ ପାପକୁ ଖଣ୍ଡନ କରି ପାରିବ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଦିବ୍ୟ ମୁଖରୁ ଏତକ କଥା ଶୁଣି ଧର୍ମରାଜ ଯୁଧିଷ୍ଠିର ବୁଝି ପାରିଥିଲେ ଯେ କଳି ଯୁଗର ସମୟ କେତେ ଭୟଙ୍କର ହେବ ଅର୍ଥାତ ଯାହା ଆଜିର ସମୟରେ ଦେଖିବାକୁ ମିଳୁଛି...।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ – ୯୯୩୮୯୦୬୦୭୦

# ସଂସ୍ଥାପିତ ବିଶ୍ୱ ଓ ନବୀକରଣୀୟ ଶକ୍ତି

'ଆମ ବିଶ୍ୱକୁ ପରିବର୍ତ୍ତନ କରିବା: ସ୍ଥାୟୀ ବିକାଶ ପାଇଁ ୨୦୩୦ ଏଜେଣ୍ଡା' ୨୫ ସେପ୍ଟେମ୍ବର ୨୦୧୫ରେ ଜାତିସଂଘର ସ୍ଥାୟୀ ବିକାଶ ପରିଷଦରେ ଗ୍ରହଣ କରାଯାଇଥିଲା। ଏହି ଏଜେଣ୍ଡାରେ ଦାରିଦ୍ର୍ୟ ସମାପ୍ତି, ଅସମାନତା ଓ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ଏବଂ ୨୦୩୦ ସୁଦ୍ଧା ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ(ଏସ୍‌ଡିଜି) ଧାର୍ଯ୍ୟ କରାଯାଇଛି। ଏସ୍‌ଡିଜି ୭ ଶକ୍ତିର ସାର୍ବଜନୀନ ଉପଲବ୍ଧ ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ନବୀକରଣୀୟ ଶକ୍ତିର ଅଧିକ ଅଂଶ ଏବଂ ଶକ୍ତି ଦକ୍ଷତାରେ ବ୍ୟାପକ ଉନ୍ନତି ଉପରେ ଦିଗକୁ ସୂଚାଇ ଥାଏ। ଅପରପକ୍ଷରେ ଏସ୍‌ଜିଜି ୧୨ ଦାୟିତ୍ୱସମ୍ପନ୍ନ ବ୍ୟବହାର ଉପରେ ଗୁରୁତ୍ୱ ଦିଏ। ପ୍ରଭାବଶାଳୀ ଜଳବାୟୁ ଚୁକ୍ତିନାମା ସେହିବର୍ଷ ଡିସେମ୍ବର ୧୨ ତାରିଖରେ ପ୍ୟାରିସରେ ଅନୁଷ୍ଠିତ ଶୀର୍ଷ ସମ୍ମିଳନୀରେ ଗ୍ରହଣ କରାଯାଇଥିଲା। ତେଣୁ ଜୀବାଶ୍ମ ଶକ୍ତି ପରିବର୍ତ୍ତେ ନବୀକରଣୀୟ ଶକ୍ତି ଉପରେ ଏଧିକ ନିର୍ଭରଶୀଳ ହେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆଜିର ଜରୁରୀ ଆହ୍ୱାନ ହୋଇପଡ଼ିଛି।

୨୦୩୦ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତିକୁ ପର୍ଯ୍ୟାୟକ୍ରମେ ବନ୍ଦ କରିବା ଏବଂ ତିନିଗୁଣ ସ୍ୱଚ୍ଛ ବା ସବୁଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ବିଶ୍ୱବ୍ୟାପୀ ଲୋକଙ୍କୁ ସଂକଳ୍ପିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ ହେବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ଅଭିଯାନ ବ୍ୟକ୍ତି, ସରକାର ଏବଂ ଶିଳ୍ପଗୁଡ଼ିକୁ ସୌର, ପବନ, ଜଳ, ଜୁଆର, ଭୂତାପଜ ଏବଂ ଜୈବ-ଶକ୍ତି ଭଳି ନବୀକରଣୀୟ ଶକ୍ତିର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରେ। ଏହି କାର୍ଯ୍ୟକ୍ରମ ସମୟରେ ବିଶ୍ୱବ୍ୟାପୀ ଆୟୋଜିତ ହେଉଥିବା କିଛି ପ୍ରଭାବଶାଳୀ ପଦକ୍ଷେପ ଏଠାରେ ଦିଆଯାଇଛି: (୧) ମହାନ ବିଶ୍ୱ ସଫେଇ ଅଭିଯାନ: ବିଶ୍ୱର ସ୍ୱେଚ୍ଛାସେବୀମାନେ ପଡ଼ୋଶୀ, ପାର୍କ, ନଦୀ ଏବଂ ବେଳାଭୂମିରୁ ୩୪୦୨ ମେଟ୍ରିକ୍ ଟନ୍‌ରୁ ଅଧିକ ଅଳିଆ ଅପସାରଣ କରିବେ; (୨) ସବୁଜ ବନାନୀ ପ୍ରକଳ୍ପ: ୫, ୫୦, ୦୦୦ ଟି ଗଛ ଲଗାଇବା, ଗୁରୁତ୍ୱପୂର୍ଣ୍ଣ ପରିସଂସ୍ଥାକୁ ପୁନରୁଦ୍ଧାର କରିବା ଏବଂ ବାୟୁ ଗୁଣବତ୍ତା ଉନ୍ନତ କରିବା ଲକ୍ଷ୍ୟ; (୩) ଧରିତ୍ରୀ ସୁଧାର ଦିବସ: ୫୫୦ରୁ ଅଧିକ ସହର ଏବଂ ୧୦୦ ମହାବିଦ୍ୟାଳୟ ଜଳବାୟୁ ପଦଯାତ୍ରାଠାରୁ ଆରମ୍ଭ କରି ଶକ୍ତି–ଦକ୍ଷତା କର୍ମଶାଳା ପର୍ଯ୍ୟନ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ; (୪) ଜଳବାୟୁ ଶିକ୍ଷା: ୧୦ ଲକ୍ଷ ଜଳବାୟୁ–କେନ୍ଦ୍ରିତ ସ୍କୁଲ ପାଠ୍ୟକ୍ରମ କାର୍ଯ୍ୟକାରୀ କରିବେ, ଯାହା ଆମ ଭବିଷ୍ୟତ ପଢ଼ିଙ୍କୁ ସବୁଜ ପରିବେଶ ବାହିନୀ ଭାବରେ ଗଢ଼ି ତୋଳିବ।

୧୭୬୦ ମସିହାରେ ଗ୍ରେଟ୍ ବ୍ରିଟେନରେ ଆରମ୍ଭ ହୋଇଥିବା ଶିଳ୍ପ ବିପ୍ଳବ ୱେଲ୍ସ ଏବଂ କାଉଣ୍ଟି ଡୁରହାମ ଭଳି ସ୍ଥାନରୁ କୋଇଲା ଖଣି ଦ୍ୱାରା ତ୍ୱରାନ୍ୱିତ ହୋଇଥିଲା ଏବଂ ବଡ଼ ବଡ଼ ପ୍ରତିଷ୍ଠାନରେ ଶିଳ୍ପର କେନ୍ଦ୍ରୀକରଣ ହୋଇଥିଲା। କୃଷି ପଦ୍ଧତିରେ ବିରାଟ ପରିବର୍ତ୍ତନ ଆସିଥିଲା। ୧୭୧୨ ମସିହାରେ ଥମାସ ନ୍ୟୁକମେନ୍ ପ୍ରଥମ ସଫଳ ବାଷ୍ପ ଇଞ୍ଜିନ୍ ଉତ୍ପାଦନ କରିଥିଲେ ଏବଂ ୧୭୬୯ ମସିହାରେ ଜେମ୍ସ ୱାଟ୍ ଆଧୁନିକ ବାଷ୍ପ ଇଞ୍ଜିନ୍ ପେଟେଣ୍ଟ କରିଥିଲେ। ଏହାପରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅନେକ ବିକାଶ ଘଟି ଚାଲିଲା। କାରଖାନାଗୁଡ଼ିକରୁ ସୃଷ୍ଟ ପ୍ରଦୂଷକ ଦ୍ରବ୍ୟଗୁଡ଼ିକ ବାୟୁମଣ୍ଡଳ, ହ୍ରଦ ଓ ନଦୀମାନଙ୍କରେ ପ୍ରବେଶ କରିବାକୁ ଲାଗିଲା, ଯାହାର କିଛି ଆଇନଗତ ପ୍ରତିକାର ବିଶେଷ ନ ଥିଲା। ୧୯୬୦ ଦଶକର ପ୍ରାରମ୍ଭ ସୁଦ୍ଧା ଆମେରିକୀୟମାନେ ପରିବେଶ ଉପରେ ପ୍ରଦୂଷଣର ପ୍ରଭାବ ବିଷୟରେ ସଚେତନ ହୋଇ ଭୂମି, ନଦୀ, ହ୍ରଦ ଓ ବାୟୁ ସହିତ କ'ଣ ଘଟୁଛି ସେ ବିଷୟରେ ସେମାନଙ୍କର ଚିନ୍ତା ପ୍ରକଟ କରିବା ପାଇଁ ଏକ ମଞ୍ଚ ଗଠନ କରିଥିଲେ। ୧୯୫୦ ଦଶକର ଶେଷଭାଗରେ ଜଣେ ଆମେରିକୀୟ ସାମୁଦ୍ରିକ ଜୀବବିଜ୍ଞାନୀ, ଲେଖିକା ଏବଂ ସଂରକ୍ଷଣବାଦୀ ରାଚେଲ ଲୁଇସ୍ କାର୍ସନ କୃଷି କ୍ଷେତ୍ରରେ କିଛି ସମସ୍ୟା ପ୍ରତି ତାଙ୍କ ନିଜର ଧ୍ୟାନ ଆକର୍ଷଣ କରିଥିଲେ, ଯାହା ସେ ବିଶ୍ୱାସ କରୁଥିଲେ ଯେ ସମ୍ଭବତଃ ତାହା କୃତ୍ରିମ କୀଟନାଶକ ଦ୍ୱାରା ସୃଷ୍ଟି ହୋଇଥିଲା। ତାଙ୍କର ସର୍ବାଧିକ ବିକ୍ରୟ ହୋଇଥିବା ପୁସ୍ତକ 'ସାଇଲେଣ୍ଟ ସ୍ପ୍ରିଙ୍ଗ' ବା 'ନିରବ ଝରଣା' (୧୯୬୨) ଆମେରିକୀୟ ଲୋକଙ୍କ ମନରେ ଏକ ଅଭୂତପୂର୍ବ ସଚେତନତା ଆଣିଥିଲା। ପ୍ରଭାବ ଏତେ ବହୁତ ଶକ୍ତିଶାଳୀ ଥିଲା ଯେ; ଏହା ଜାତୀୟ କୀଟନାଶକ ନୀତିରେ ଏକ ପରିବର୍ତ୍ତନ ଆଣିଥିଲା, ଯାହା ଡିଡିଟି ଓ ଅନ୍ୟାନ୍ୟ କୀଟନାଶକ ଦ୍ରବ୍ୟ ବ୍ୟବହାର ଉପରେ ଦେଶବ୍ୟାପୀ ପ୍ରତିବନ୍ଧକ ଲଗାଇଥିଲା।

ଆଜି ସବୁଠାରୁ ବଡ଼ ସଙ୍କଟ ହେଉଛି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ପରେ ଶୁଳ୍କ ଯୁଦ୍ଧ ନୁହେଁ, ବରଂ ଏହା ହେଉଛି ଜଳବାୟୁ ପରିବର୍ତ୍ତନ। ସେ ପ୍ୟାରିସ ପରିବେଶ ଚୁକ୍ତିନାମାରୁ ଆମେରିକାକୁ ଓହରି ଆଣିଲେ। ବିଶାଳ ବାଣିଜ୍ୟ, ଖଣି, ସାମରିକତା ଏବଂ ଶିଳ୍ପାୟନ ମାଧ୍ୟମରେ, ଆମର ଗ୍ରହ-ତାପ ନିର୍ଗମନ ସମସ୍ୟା ବା ଆନନ୍ଥ୍ରୋପୋସିନ୍ ସୃଷ୍ଟି କରିଛି – ପୃଥିବୀ ଉପରେ ଏକ ଚାପର ଯୁଗ ଉପନୀତ ହୋଇଛି । ଏହାର ମାପଦଣ୍ଡରେ ତାପମାତ୍ରା ବୃଦ୍ଧିରୁ ଦ୍ରୁତ ବିଶ୍ୱ ବରଫ ହ୍ରାସ, ସମୁଦ୍ର ପତନ ବୃଦ୍ଧି, ଅତିମାତ୍ରାର ପାଣିପାଗ ବିଭ୍ରାଟ ଘଟଣା, ଗରମ ଲହରୀ, ଅଗ୍ନିକାଣ୍ଡ, ମରୁଡ଼ି ଏବଂ ବନ୍ୟା ଅନ୍ତର୍ଭୁକ୍ତ। ଲୋକଙ୍କ ବିସ୍ଥାପନ, ପରିବେଶଗତ ଶରଣାର୍ଥୀ, ଜୀବନ ଓ ସମ୍ପତ୍ତିର କ୍ଷତି ପ୍ରଚଣ୍ଡ ଏବଂ ଆହୁରି ଅନେକ କ'ଣ ବିପର୍ଯ୍ୟୟର ସାମ୍ନା କରିବାକୁ ହେବ, ଆମେ ଆକଳନ କରିପାରୁନାହୁଁ। ଏକ ସ୍ଥାୟୀ ଏବଂ ସଂସ୍ଥାପିତ ବିଶ୍ୱ ପାଇଁ ନବୀକରଣୀୟ ଶକ୍ତି ହିଁ ଭରସାଯୋଗ୍ୟ।





# ପାର୍କରେ ବୁଲୁବୁଲୁ ହୋଇଗଲେ କୋଟିପତି

ପାର୍କରେ ବୁଲୁ ବୁଲୁ ଚମକିଲା ଭାଗ୍ୟ। ରାତାରାତି କୋଟିପତି ପାଲଟି ଗଲେ ମହିଳା। ଭଗବାନ ଯେବେ ବି ଦିଅନ୍ତି ଛପର ଫାଡି ଦିଅନ୍ତି। ଏହି ଉକ୍ତିଟି ଜଣେ ମହିଳାଙ୍କ ନିକଟରେ ସତ୍ୟ ପ୍ରମାଣିତ ହୋଇଛି। ପାର୍କରେ ବୁଲୁଥିବା ବେଳେ ଜଣେ ମହିଳାଙ୍କୁ ମିଳିଛି ଦୁର୍ଲଭ ହୀରା। କାଲିଫର୍ଣ୍ଣିଆର ଜଣେ ମହିଳାଙ୍କ ଏଭଳି ଭାଗ୍ୟ ଚମକିଛି। ନୋରେନ ୱେ୍ଡବର୍ଗ ନାମକ ମହିଳା ଗତ ସେପ୍ଟେମ୍ବର ୨୩ ତାରିଖରେ କ୍ରେଟର ଅଫ ଡାଇମଣ୍ଡସ ଷ୍ଟେଟ ପାର୍କ ବୁଲିବାକୁ ଯାଇଥିଲେ। ସେଠାରେ ସେ ବୁଲିବା ବେଳେ ତାଙ୍କୁ ଅଚାନକ ଏକ ହଳଦିଆ ରଙ୍ଗର ୪.୩୮ କ୍ୟାରେଟ୍‌ର ହୀରା ଖଣ୍ଡ ମିଳିଥିଲା। ନୋରେନ୍‌ଙ୍କୁ ଯେଉଁ ହୀରା ମିଳିଥିଲା ତା'ର ଦାମ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ନୋରେନ ୱେ୍ଡବର୍ଗ ନାମକ ମହିଳାଙ୍କୁ ପାର୍କ ଭିତରୁ ହଳଦିଆ ରଙ୍ଗର ହୀରା ମିଳିଛି। ଉକ୍ତ ମହିଳା ଜଣକ କହିଛନ୍ତି, ସେ ଜାଣି ନଥିଲେ ଯେ, ତାଙ୍କ ହାତରେ ଏତେ ଦାମୀ ହୀରା ଲାଗିଛି। ତଳେ ପଡିଥିବା ଏକ ଚକମକ କରୁଥିବା ହଳଦିଆ ରଙ୍ଗର ପଥରକୁ ସେ ଉଠାଇଥିଲେ ବୋଲି କହିଛନ୍ତି। ନୋରେନ ଏହି ହୀରାକୁ ନିଜ ଘରକୁ ନେଇ ଯାଇଛନ୍ତି। ୟୁଏସଏ ଟୁଡେ ମୁତାବକ, ନୋରେନ୍‌ଙ୍କୁ ୧୯୦୬ ପରଠାରୁ ବର୍ତମାନର ସବୁଠାରୁ ବ ହୀରା ମିଳିଛି। ୧୯୭୨ରେ "କ୍ରେଟର ଅଫ ଡାଇମଣ୍ଡସ' ଷ୍ଟେଟ ପାର୍କରେ ପରିଣତ ହୋଇଥିଲା। ଏହି ପାର୍କକୁ ସାଧାରଣ ଲୋକେ ଆସି ହୀରା ଖୋଜି ପାରିବେ। ଯଦି ସନ୍ଧାନ ବେଳେ କାହାକୁ ହୀରା ମିଳେ ତେବେ ଉକ୍ତ ବ୍ୟକ୍ତି ସେହି ହୀରାକୁ ନିଜ ପାଖରେ ରଖିପାରିବେ ଏବଂ ଇଚ୍ଛା ଅନୁଯାୟୀ ବିକ୍ରି ମଧ କରିପାରିବେ। ବର୍ତମାନ ଯାଏଁ ଏହି ପାର୍କ ଭିତରୁ ପ୍ରାୟ ୭୫,୦୦୦ଟି ହୀର ମିଳିସାରିଲାଣି। ଚଳିତ ବର୍ଷ ହିଁ ଏହି ପାର୍କରୁ ୨୫୮ଟି ହୀରା ମିଳିଥିବା ସୂଚନା ରହିଛି।



# ପ୍ରେସର କୁକୁରକୁ ବାହାହେଲେ ଯୁବକ

ବିବାହ ପୂର୍ବରୁ ଏମିତି କେତେ କଣ ସ୍ୱପ୍ନ ଆଖି ଆଗରେ ଘୂରିବୁଲେ। ଆଉ ତା'ପରେ ବାସ୍ତବ ଜୀବନରେ ସେମିତି ପାଇବାକୁ ମନ ହୋଇଥାଏ। ଏ ସ୍ୱପ୍ନ ପ୍ରତ୍ୟେକ ପୁରୁଷ ତା' ଜୀବନରେ ଦେଖିଥାଏ। ହେଲେ ଏ ଅଜବ ଦୁନିଆରେ ଦେଖିବାକୁ ମିଳିଛି ଏକ ଗଜବ ଘଟଣା। ଜଣେ ଯୁବକ ଲାସ୍ୟମୟୀ ବା ହାସ୍ୟମୟୀଙ୍କ ପାଇଁ ପାଗଳ ହୋଇନାହିଁ। ହୋଇଛି ଏକ ବିଦ୍ୟୁତ ଚାଳିତ ପ୍ରେସରକୁକର ପାଇଁ। କଥାଟି ବିଶ୍ୱାସ ହେଉନଥିଲେ ବି ବାସ୍ତବରେ ଏମିତି ଘଟିଛି। ଜଣେ ଯୁବକ ଏକ ବିଦ୍ୟୁତ ପ୍ରେସର କୁକରକୁ ଜୀବନ ସାଥୀ ଭାବେ ଗ୍ରହଣ କରିଛନ୍ତି। ବିବାହ କରିଥିବା ଏହି ଯୁବକ ଜଣକ ଇଣ୍ଡୋନେସିଆର ଖୋଇରୋଲ ଅମନ ବୋଲି କୁହାଯାଉଛି। ସେ ରୋଷେଇରେ ବ୍ୟବହାର କରୁଥିବା ବିଦ୍ୟୁତ ପ୍ରେସର କୁକରକୁ ବିବାହ କରିଛି। ତାହା ପୁଣି ପାରମ୍ପରିକ ରୀତିନୀତିରେ। ଖୋଇରୋଲ ନିଜେ ଧଳା ରଙ୍ଗର ପୋଷାକ ସେରୱାନୀ ପିନ୍ଧି ଥିବା ବେଳେ ଟୋପି ପିନ୍ଧିଛନ୍ତି। ଆଉ ବେକରେ ପକାଇଛନ୍ତି ମାଳ। ସେ ଧଳା ରଙ୍ଗର ବିଦ୍ୟୁତ ଚାଳିତ ପ୍ରେସର କୁକୁର ଉପରେ ଓଣୀ ପକାଇ କେତେ ବେଳେ ପ୍ରିତିମୟୀ ଚୁମ୍ବନ ଦେଉଛନ୍ତି ତ ଆଉ କେତେବେଳେ ଆଲିଙ୍ଗନ କରୁଛନ୍ତି, ସତେ ଯେପରି ପ୍ରେମିକାଟିଏ ପରି। ଖୋଇରୋଲ ବିବାହ ପରେ ଏମିତି କିଛି ଆବେଗପୂର୍ଣ୍ଣ ମୁହୂର୍ତର ଫଟୋ ସୋଶାଲ ମିଡିଆ ଭାଇରାଲ ହୋଇଛି। ଏପରିକି ସେ ନିଜେ ମଧ ଟ୍ୱିଟରରେ ଏହି ଫଟୋକୁ ସେୟାର୍ କରିଛନ୍ତି। ଆଉ ତା'ପରେ ଲୋକମାନେ ବିନ୍ଦାସ ଭାବେ କମେଂଟ ଦେଉଛନ୍ତି।



# ଲକ୍ଷେ ଟଙ୍କିଆ ଡ୍ରେସ୍

ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀ ଓ ଫିଲ୍ମ ମେକର ବୋନି କପୁରଙ୍କ ଝିଅ ଖୁସି କପୁର ଏପର୍ଯ୍ୟନ୍ତ ବଲିଉଡ୍ ସ୍କ୍ରିନ୍‌ରେ ନଜର ଆସିନାହାନ୍ତି। କିନ୍ତୁ କୌଣସି ସେଲିବ୍ରିଟିଙ୍କଠୁ ସେ କମ୍ ନୁହନ୍ତି। ତାଙ୍କୁ ନେଇ ଗ୍ଲାମର ଇଣ୍ଡଷ୍ଟ୍ରିରେ ଖୁବ୍ ଚର୍ଚ୍ଚା। ପ୍ରତିଦିନ ସୋସିଆଲ ମିଡିଆରେ ଖୁସିଙ୍କ ଫଟୋ ଭାଇରାଲ ହେଉଛି। ତାଙ୍କ ଗ୍ଲାମରସ୍ ଅନ୍ଦାଜ୍ ଓ ଫ୍ୟାଶନ୍ ସେନ୍ସ ପ୍ରତିଥର ଫ୍ୟାନ୍‌ଙ୍କ ହୃଦୟ ଜିଣୁଛି। ଏବେ ପୁଣି ଥରେ ତାଙ୍କ ଷ୍ଟାଇଲ୍ ଷ୍ଟେଟ୍‌ମେଂଟ୍ ସଭିଙ୍କ ଆକର୍ଷଣର କେନ୍ଦ୍ର ହୋଇଛି। ଇନ୍‌ଷ୍ଟା ଷ୍ଟୋରୀରେ ଖୁସି ଫଟୋ ଶେୟାର କରିଛନ୍ତି। ଫ୍ୟାଶନ୍ ଡିଜାଇନର ଅର୍ପିତା ମେହେତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରିଂଟେଡ୍ କୋ-ଅର୍ଡି ସେଟ୍ ସହିତ ଏକ ଗର୍ଜିଅସ୍ ଜ୍ୟାକେଟ୍‌ରେ ସେ ନଜର ଆସିଛନ୍ତି। ପ୍ରିଂଟେଡ୍ ବ୍ରାଲେଟ୍, ଥାଇ-ହାଇ ସ୍କିଟ୍ ସ୍କଟ୍ ଓ ମିରର କାମ ହୋଇଥିବା ଜ୍ୟାକେଟ୍‌ରେ ଖୁସି କୌଣସି ଫ୍ୟାଶନିଷ୍ଟାରଠୁ କମ୍ ଲାଗୁନାହାନ୍ତି। ତେବେ ତାଙ୍କର ଏହି ଡ୍ରେସ୍‌ର ମୂଲ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜାଣି ଆଶ୍ଚର୍ଯ୍ୟ ହେଲେ ଖୁସିଙ୍କ ଏହି ପୋଷାକର ମୂଲ୍ୟ ୧ଲକ୍ଷ ୨ ହଜାର ଟଙ୍କା। ଏହା ପୂର୍ବରୁ ମଧ ଅନେକଥର ଡିଜାଇନର ଡ୍ରେସ୍ ଜରିଆରେ ଖୁସି ନିଜ ସୌନ୍ଦର୍ଯ୍ୟର ଜଲୱା ଦେଖାଇଛନ୍ତି। କିଛିଦିନ ତଳେ ଡିଜାଇନର ଅନିତା ଡୋଙ୍ଗରେଙ୍କ ପାରମ୍ପରିକ ପୋଷାକ ପିନ୍ଧି ବାନ୍ଧବୀ ଶନାୟା କପୁରଙ୍କ ସହ ଫଟୋ ଶେୟାର କରିଥିଲେ। ଯେଉଁଥିରେ ଖୁସିଙ୍କ ଲୁକ୍ ଖୁବ୍ ସୁନ୍ଦର ହୋଇଥିଲା।





# ବୃଦ୍ଧାଙ୍କୁ ଡରିଗଲା ବାଘ

ବୃଦ୍ଧାଙ୍କୁ ଡରିଗଲା ବାଘ। ବାଘ ସହ ମୁହାଁମୁହିଁ ହେଲେ ବୟସ୍କ ମହିଳା। ସାହସିକତାର ସହ ମୁକାବିଲା କରି କଲରାପତରିଆ। ବାଘକୁ ଡରାଇ ଦେଲେ। ବାଘ ମଧ ମହିଳାଙ୍କୁ ଡରି ଉକ୍ତ ସ୍ଥାନ ଛାଡି ଦୌଡି ପଳାଇଲା। ମୁମ୍ବାଇର ଆରେ ଅଂଚଳରେ ଦେଖିବାକୁ ମିଳିଛି ଏଭଳି ଛାତି ଥରାଇଲାଭଳି ଘଟଣା, ଯାହାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏକ ଜନବସତି ଅଂଚଳରେ ଘଟିଛି ଏହି ଘଟଣା। ରାତିରେ ୫୫ ବର୍ଷୀୟ ନିର୍ମଳା ଦେବୀ ନାମକ ଜଣେ ବୃଦ୍ଧା ଘରୁ ବାହାରି ତାଙ୍କ ବାରଣ୍ଡାରେ ଆସି ବସିଥିଲେ। ତେବେ ସେଠାରେ ଏକ କଲରାପତରିଆ ବାଘ ପୂର୍ବରୁ ବୁଲୁଥିଲା। ବୃଦ୍ଧାଜଣକ ବାଘକୁ ନେଇ ସାମାନ୍ୟତମ ଟେର ପାଇନଥିଲେ। ତେବେ ସେ ବସିବା ପରେ ବାଘଟି ରାତିର ଅନ୍ଧାରର ଫାଇଦା ଉଠାଇ ହଠାତ୍ ତାଙ୍କ ଉପରକୁ ଝାମ୍ପି ପଡିଥିଲା। ବାଘର ଆକ୍ରମଣରେ ବୃଦ୍ଧା ଜଣକ ପ୍ରଥମେ ଗଳି ପଡିଥିଲେ ହେଲେ ପରେ ସେ ଉଠିପଡି ଧରିଥିବା ଆଶା ବାଡି ସାହାଯ୍ୟରେ ବାଘଟିକୁ ଘଉଡାଇ ସାହସିକତାର ସହ ମୁକାବିଲା କରିଥିଲେ। ପରେ ବାଘଟି ତାଙ୍କୁ ଡରି ସେଠାରୁ ଦଉଡି ପଳାଇଥିଲା। ବୃଦ୍ଧାଙ୍କ ଚିତ୍କାର ଶୁଣି ଅନ୍ୟ ଲୋକେ ମଧ ଜମା ହୋଇଯାଇଥିଲେ ମିଳିଥିବା ସୂଚନା ଅନୁଯାୟୀ ବୃଦ୍ଧାଙ୍କର ଏଥିରେ ମୁହଁ ଓ ବେକରେ ସାମାନ୍ୟ କ୍ଷତ ହୋଇଥିଲା। ପରେ ତାଙ୍କୁ ମେଡିକାଲରେ ଭର୍ତି କରାଯାଇ ତାଙ୍କର ଚିକିତ୍ସା କରାଯାଇଛି। ଏହି ସମସ୍ତ ଘଟଣାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓଟିକୁ ଦେଖିବା ପରେ କିଛି ଲୋକ ଚକିତ ହୋଇଯାଇଥିବା ବେଳେ ଆଉ କିଛି ଲୋକ ବୃଦ୍ଧାଙ୍କ ସାହସିକତାକୁ ନେଇ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ, ମୁମ୍ବାଇର ଏହି ଅଂଚଳରେ ବାଘ ବୁଲିବା ତୃତୀୟ ଘଟଣା। ଏହାପୂର୍ବରୁ ଏକ କଲରାପତରିଆ ବାଘ ଉକ୍ତ ଅଂଚଳରେ ଏକ ୪ ବର୍ଷ ଶିଶୁ ଉପରେ ଆକ୍ରମଣ କରିଥିଲା। କିନ୍ତୁ ସୌଭାଗ୍ୟବଶତଃ ସ୍ଥାନୀୟ ଲୋକଙ୍କ ସହାୟତାରେ ଶିଶୁଟିର ଜୀବନ ବଂଚି ଯାଇଥିଲା।

# ବାଧିଲା ତେଲ ଦର, ବାଇକକୁ ସାଇକେଲ କରିଦେଲେ ଯୁବକ

ରାତି ପାହିଲେ ବଢୁଛି ପେଟ୍ରୋଲ ଓ ଡିଜେଲ ଦର। ପେଟ୍ରୋଲ ଓ ଡିଜେଲର ଏପରି ମହଙ୍ଗା ମାଡ଼ର ଶିକାର ହୋଇ ଅତିଷ୍ଠ ହେଲେଣି ସାଧାରଣ ଲୋକ। କରୋନା କାଳରେ ଅନେକ ଲୋକ ବେରୋଜଗାର ହୋଇ ଯାଇଥିବା ବେଳେ ବୋଝ ଉପରେ ନଳିତା ବିଡ଼ା ସାଜୁଛି ତେଲ ଦର। ରାତି ପାହିଲେ କର୍ମସ୍ଥଳକୁ ଯିବା ନିମନ୍ତେ ଗାଡ଼ିରେ ତେଲ ପକାଇବାକୁ ପଡ଼େ। ଏହାର ଅହେତୁକ ଦର ବୃଦ୍ଧି ସେମାନଙ୍କୁ ଖୁବ ବାଧୁଛି। ଏପରିକି ଏହା ସାଧାରଣ ଲୋକଙ୍କ ପୂରା ବଜେଟକୁ ଦୋହଲାଇ ଦେଉଛି। ଏଥିପାଇଁ ସାଧାରଣ ଲୋକେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାୟୀ କରୁଥିଲେ ମଧ ଉଭୟ ପରସ୍ପରକୁ ଦୋଷାରୋପ କରି ଚୁପ ବସୁଛନ୍ତି। ଏପରି ସ୍ଥିତିରେ ତେଲ ଦର ବୃଦ୍ଧିରେ ଅତିଷ୍ଠ ହୋଇ ଜଣେ ଲୋକ ଏପରି ଉପାୟ ବାହର କରିଛନ୍ତି, ଯାହାକୁ ଦେଖି ଆପଣ ବି ଘଂଟେ ଭାବିବେ। ବ୍ୟକ୍ତିଜଣକ ବାଇକ ଚଳାଉଛନ୍ତି, କିନ୍ତୁ ତାହା ତେଲରେ ଚାଲୁନି। ବାଇକରେ ମାରିବାକୁ ପଡ଼େ ପେଡେଲ। ତେଲ ଦରରୁ ମୁକ୍ତି ପାଇବାକୁ ବ୍ୟକ୍ତିଜଣକ ଏପରି ଯୋଗାଡ଼ କରିଛନ୍ତି, ଯାହା ଦେଖି ଜଣେ ହସି ହସି ବେଦମ ହୋଇଯିବ। ତେଲ ପକାଇବାରୁ ବଂଚିବା ନିମନ୍ତେ ବ୍ୟକ୍ତିଜଣକ ଏପରି ଅଭିନବ ଉପାୟ ଆପଣାଇଛନ୍ତି।ଏହି ଭିଡିଓ ଏବେ ସୋଶାଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ବ୍ୟକ୍ତିଜଣକ ବାଇକ ଚଳାଉଛନ୍ତି, ହେଲେ ପେଡେଲ ମାରୁଛନ୍ତି। ତେଣୁ ତାଙ୍କ ଗାଡ଼ି ଅଧା ବାଇକ ଓ ଅଧା ସାଇକେଲ। ଏହା ଚଳାଇବା ସାଇକେଲ ପରି, କିନ୍ତୁ ଦେଖାଯିବ ବାଇକ ପରି।





# ନୂଆପଡା ଜିଲ୍ଲାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ



ନୂଆପଡା ୯/୫( ନି.ପ୍ର): ନୂଆପଡା ଜିଲ୍ଲାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏକ ଜନ ସଚେତନତା ରାଲିକୁ ଜିଲ୍ଲାପାଳ ମଧୁସୂଦନ ଦାଶ ପତାକା ହଲାଇ ଶୁଭାରମ୍ଭ କରିବା ସହିତ ଏଥିରେ ନିଜେ ମଧ୍ୟ ଯୋଗ ଦେଇଥିଲେ । ଏହାପରେ ସ୍ଥାନୀୟ ସଭାକନା ସଭା ଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର, ଏବଂ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସି ଡି ଏମ୍ ଓ ଡଃ ଗୁରୁ ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ରେଡକ୍ରସ ର ପ୍ରତିଷ୍ଠାତା ସାର୍ ହେନେରୀ ଡୁନାଣ୍ଟଙ୍କ ଜନ୍ମ ଦିବସ ଅବସରରେ ତାଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅତିଥିମାନେ ଦିବସର ମହତ୍ତ୍ୱ ସହିତ ସାର୍ ହେନେରୀଙ୍କ ମାନବ ସମାଜ ପ୍ରତି ବହୁମୂଲ୍ୟ ଅବଦାନ କୁ ସ୍ମରଣ କରିଥିଲେ । ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ହେନେରୀ ଡୁନାଣ୍ଟ ରେଡ଼ କ୍ରସ୍ ମାଧ୍ୟମରେ ସବୁଦିନ ପାଇଁ ଅମର ହୋଇ ଯାଇଛନ୍ତି । ଆମେ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୁଃଖୀ ଦରିଦ୍ରଙ୍କ ସେବା କରିବା ।ରେଡକ୍ରସକୁ ଅଧିକ କ୍ରିୟାଶୀଳ କରି ଜିଲ୍ଲାରେ ଅଧିକ ସଂଖ୍ୟ ସଂଗ୍ରହ ଓ ସ୍ୱେଚ୍ଛାକୃତ ରକ୍ତଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ ।ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିଲେ । ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯୋଗେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ପ୍ରଶାସନିକ ଅଧିକାରୀ, କର୍ମଚାରୀ, ବିଭିନ୍ନ ସ୍କୁଲ୍ କଲେଜର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ,ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ରକ୍ତଦାତା କିଶୋର ପରିଡ଼ା, ମନୋଜ ଡାଗା, କଦମ୍ ରୁ ଯାଜ୍ଞସେନି ମହାପାତ୍ର ଏବଂ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ରକ୍ତ ଦାନ ଶିବିର ଜିଲ୍ଲା ରେଡକ୍ରସ ଶାଖା ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ।

## ଧର୍ମପରାୟଣ ବ୍ୟକ୍ତିଙ୍କ ବିୟୋଗ

ନିଶ୍ଚିନ୍ତକୋଇଲି , ୯/୫( ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ ନତକାଇ ପଂଚାୟତ ଏକଗୁଖ୍ୟ ଗ୍ରାମର ନିରଞ୍ଜନ ମହାପାତ୍ର(୬୩)ଙ୍କ ତା.୮.୫.୨୦୨୫ ରିଖରେ ବିୟୋଗ ଘଟିଛି । ସ୍ୱର୍ଗତ ମହାପାତ୍ର ଜଣେ ଧର୍ମପରାୟଣ, ଆଧ୍ୟାତ୍ମବାଦୀ ଓ ପରୋପକାରୀ ଭାବେ ସ୍ଥାନୀୟ ଅଂଚଳରେ ପରିଚିତ । ସେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହ ନିଜକୁ ସାମିଲ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ସୂଚନା ଥାଉ କି ସ୍ୱର୍ଗତ ମହାପାତ୍ର କିଛି ଦିନ ତଳେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପ୍ରଥମେ ଚିକିତ୍ସାଳୟ ଓ ପରେ ଘରେ ରହି ଚିକିତ୍ସିତ ହେଉଥିଲେ । ଗୁରୁବାର ସକାଳୁ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ତାଙ୍କ ବିୟୋଗର ଖବର ପାଇ ଯୁବ ସମାଜସେବୀ ପ୍ରଦୀପ କୁମାର ରାଉତ, ଅମିୟ କୁମାର ବିଶ୍ୱାଳ, ସଞ୍ଜୟ କୁମାର ବେହେରା, ଯୁବ ସାମ୍ବାଦିକ ପ୍ରସନ୍ନ କୁମାର ମହାପାତ୍ର, ସାମାଜିକକର୍ମୀ ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ବାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ତାଙ୍କ ବିୟୋଗରେ ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଦିଲ୍ଲୀପ କୁମାର ରାଉତ, ନତକାଇ ପଂଚାୟତ ସରପଂଚ ଜୟଦେବ ରାଉତ, ସମିତିସଭ୍ୟା ସରସ୍ୱତୀ ରାଉତ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି । ଗ୍ରାମ୍ୟ ଶ୍ମଶାନରେ ସ୍ୱର୍ଗତ ମହାପାତ୍ରଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା ବେଳେ ପୁତ୍ର ମାନସ ମହାପାତ୍ର ମୁଖାଗ୍ନି ପ୍ରଦାନ କରିଥିଲେ । ଶେଷ ସମୟରେ ସ୍ୱର୍ଗତ ମହାପାତ୍ରଙ୍କ ଝିଅ, ଜ୍ୱାଇଁ, ବନ୍ଧୁ ପରିବାରବର୍ଗ ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ ।

## ୨୪ ବାଇକ ସ୍କୁଟି କୁ ଉଠାଇ ନେଲା ପୁଲିସ

ପାଟଣା ୯/୫( ନି.ପ୍ର): ଘଟଗାଁ ଥାନା ଅଞ୍ଚଳ ଢେଙ୍କିକୋଟ ର ଏକ ପୁରୁଣା ବାଇକ ସୋ - ରୁମ ରୁ ପୁଲିସ ମୋଟ ୨୪ଟି ବାଇକ ଓ ସ୍କୁଟି କୁ ଆଜି ସନ୍ଧ୍ୟାରେ ଉଠାଇ ନେଇଛି। ଘଟଗାଁ ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ ଙ୍କ ନିର୍ଦ୍ଦେଶ ରେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଓ ଅନ୍ୟ ପୁଲିସ କର୍ମଚାରୀ ମାନେ ଟ୍ରାକ୍ଟର ସାହାଯ୍ୟ ରେ ଏହି ବାଇକ ସ୍କୁଟି ଉଠାଇ ନେଇଛନ୍ତି। ତେବେ ଜବତ ବାଇକ ସ୍କୁଟି ଗୁଡ଼ିକର କାଗଜପତ୍ର ଯାଞ୍ଚ ପାଇଁ ଅଣାଯାଇଥିବା ଥାନାଧିକାରୀ ଶ୍ରୀ ସାମଲ ସୂଚନା ଦେବା ସହ କାଗଜପତ୍ର ଠିକ ଥିଲେ ଏଗୁଡ଼ିକ ଉକ୍ତ ସୋ ରୁମ୍ ମାଲିକ ଙ୍କୁ ଦିଆଯିବ ବୋଲି କହିଛନ୍ତି।

## ଯୁବଗୋଷ୍ଠୀଙ୍କ ପକ୍ଷରୁ ପାନୀୟ ଜଳ ପ୍ରଦାନ



ନିଶ୍ଚିନ୍ତକୋଇଲି ୯/୫( ନି.ପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ସାଧାରଣ ବାଟୋଇଟିଏ ପିଇବା ପାଣି ମୁନ୍ଦେ ପାଇଁ ଆଉଟୁପାଉଟୁ ହେଉଥିଲା ବେଳେ ସରକାରଙ୍କ ପକ୍ଷରୁ ପଂଚାୟତ ମାଧ୍ୟମରେ ନିଛାଟିଆ ଛକ ମାନଙ୍କରେ ଜଳଦାନ କେନ୍ଦ୍ର ଖୋଲି ତୃଷାର୍ତ୍ତମାନଙ୍କୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ସବୁ ଜାଗାରେ ସଠିକ୍ ଢଙ୍ଗରେ କାମ କରୁନାହିଁ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ତୃଷାର୍ତ୍ତ ବାଟୋଇମାନଙ୍କୁ ଦହି ଲେମ୍ବୁ ମିଶ୍ରିତ ପାଣି ପ୍ରଦାନ କରାଯାଇଛି । ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ(ରିସୋ)ଛକଠାରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପକ୍ଷରୁ ବାଟୋଇମାନଙ୍କୁ ଦହି ଲେମ୍ବୁ ମିଶ୍ରିତ ପାଣି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କମଳାକାନ୍ତ ସ୍ୱାଇଁ, ହୃଷିକେଶ ବାରିକ, ଉତ୍କଳ ପ୍ରସାଦ ସାମଲ, ଚିନ୍ମୟ ସ୍ୱାଇଁ, ରାହୁଲ ରାଜ ସ୍ୱାଇଁ ପ୍ରମୁଖ ଯୋଗଦେଇ ପାନୀୟ ଜଳ ପ୍ରଦାନ କରିଥିଲେ । ପଂଚାୟତ ତରଫରୁ ଯାହା ହୋଇପାରୁନାହିଁ ତାହାକୁ ଏହି ଯୁବଗୋଷ୍ଠୀ କରିଥିବାରୁ ବାଟୋଇଙ୍କ ସମେତ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀମାନେ ଯୁବଗୋଷ୍ଠୀଙ୍କୁ ଭୂୟଶୀ ପ୍ରଶଂସା କରିଛନ୍ତି ।

## ତୁରୁମୁଙ୍ଗା ରେ ୨୪ ଟିକିଆ ହାତୀପଲ



ପାଟଣା ୯/୫( ନି.ପ୍ର): ଚମ୍ପୁଆ ବନାଞ୍ଚଳ ରେ ଡେରା ପକାଇଥିବା ୨୪ ଟିକିଆ ହାତୀପଲ ଗତରାତି ୧୦ ଟା ସମୟରେ ପାଟଣା ବନାଞ୍ଚଳ ଇଲାକାକୁ ପ୍ରବେଶ କରିଛନ୍ତି।ଏହି ହାତୀପଲ ୪୯ ନଂ ଜାତୀୟ ରାଜପଥ ୪ ଲେନ୍ ପାରି ହୋଇ ଆସିବା ସମୟରେ ରାସ୍ତାରେ ଯାନବାହାନ ଚଳା ଚଳ ପ୍ରଭାବିତ ହୋଇଥିଲା।ଏହି ହାତୀପଲ ଆଜି ଦିନ ତମାମ ତୁରୁମୁଙ୍ଗା ତଳ ସାହି ଆମ୍ବ ବାଗନ ରେ ଡେରା ପକାଇଛନ୍ତି।ଏହି ହାତୀପଲ ୫ ଟି ଦନ୍ତା ,୧୩ ଟି ମାଈ ହାତୀ ଓ ୬ ଟି ଶିଶୁ ହାତୀ ଥିବା ଜଣାପଡିଛି।ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ଓ କେନ୍ଦୁଝର ରୁ ଆସିଥିବା ସ୍ୱତନ୍ତ୍ର ଟିମ ଆଜି ଦିନ ତମାମ ହାତୀ ପଲଙ୍କ ଉପରେ ନଜର ରଖିଛନ୍ତି।

## ପଡୋଶୀ ଆକ୍ରମଣ କାରି ଗିରଫ

ପାଟଣା ୯/୫( ନି.ପ୍ର): ଗତକାଲି ପୂର୍ବାହ୍ନରେ ପାଟଣା ଥାନା ଅନ୍ତର୍ଗତ ଟାଙ୍ଗରପଡା ଗ୍ରାମର କୁଶ ମହାରଣା (୪୫) ଙ୍କୁ ସେହି ଗ୍ରାମର ଧନୁର୍ଜୟ ମହାରଣା (୩୫) ପିଟି ପିଟି ଗୁରୁତର କରିଥିଲା। ପାଟଣା ପୁଲିସ ଘଟଣାସ୍ଥଳରୁ ମୁମୂର୍ଷୁ ଅବସ୍ଥାରେ ପଡିଥିବା କୁଶଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ପରେ ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା ।ଏନେଇ ଆଜି ପାଟଣା ଥାନାରେ ଅଭିଯୋଗ ହେବାପରେ ପାଟଣା ଥାନାରେ ମାମଲା ସଂଖ୍ୟା ୯୦/ ୨୦୨୫ ପୁଲିସ ଧନୁର୍ଜୟ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଳ ଙ୍କ ଠାରୁ ପ୍ରକାଶ।

## ତୁରୁମୁଙ୍ଗା ର ଅର୍ଦ୍ଧେକ ଅଞ୍ଚଳ ଅନ୍ଧାର ରେ

ପାଟଣା ୯/୫( ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା, ରାଜନଗର , ମୁରୁସୁଆଁ, କେନ୍ଦେଇପଶି ଆଜି ଅପରାହ୍ନ ରୁ ସମ୍ପୂର୍ଣ୍ଣ ଅନ୍ଧାର ରେ ରହିଥିବା ଅଭିଯୋଗ ହୋଇଛି । ହାତୀପଲ ତୁରୁମୁଙ୍ଗା ରେ ଥିବାରୁ ବିଦ୍ୟୁତ ବିଭାଗ ଲାଇନ କାଟିଦେବା ଫଳରେ ଏହି ସବୁ ଅଞ୍ଚଳବାସୀ ଙ୍କୁ ଅନ୍ଧାର ରେ ରହିବାକୁ ପଡୁଛି। ଏହି ସବୁ ପ୍ରମୁଖ ଅଞ୍ଚଳ ର ଆଖପାଖ ପଞ୍ଚାୟତ ଇଲାକା ରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ବନ ବିଭାଗ ଓ ବିଦ୍ୟୁତ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନଥିବାରୁ ବିଦ୍ୟୁତ ବିଭାଗ ହାତୀ ବାହାନା ରେ ମନ ଇଚ୍ଛା ବିଦ୍ୟୁତ କାଟ କରି ବହୁ ଅଞ୍ଚଳ କୁ ଅନ୍ଧାରରେ ରଖୁଥିବା ଅଭିଯୋଗ ହୋଇଛି।

## ବାଲୁଗାଁ ମହାବିଦ୍ୟାଳୟରେ ବିଶ୍ୱ ରେଡ଼କ୍ରସ ଦିବସ




ବାଲୁଗାଁ ୯/୫( ନି.ପ୍ର): ବାଲୁଗାଁ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଶାଖା ପକ୍ଷରୁ ଆଜି ରେଡ଼କ୍ରସର ଦୂରଦର୍ଶୀ ସଂସ୍ଥାପକ ହେନେରୀ ଡୁରାଣ୍ଟଙ୍କ ଜନ୍ମଦିବସ ଅବସରରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯୁବ ରେଡ଼କ୍ରସ ତଥା ରେଡ ରିବନ କ୍ଲବ ଅଧିକାରୀ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ଡକ୍ଟର ସନ୍ତୋଷ କୁମାର ରଥ ଓ ବିମଳ କୁମାର ପଣ୍ଡା ଅତିଥି ବକ୍ତା ଭାବେ ଯୋଗ ଦେଇଥିଲେ।ଚଳିତ ବର୍ଷର ପ୍ରସଙ୍ଗ " ବିଶ୍ୱ ରେଡ଼କ୍ରସ ଦିବସ ଓ ମାନବିକତାର ଦୃଷ୍ଟି କୋଣ "ଶୀର୍ଷକ ଆଲୋଚନା କରି ଡକ୍ଟର କୈଳାସ ଚନ୍ଦ୍ର ମହାରଣା ମାନବିକତା ସହିତ ନୈତିକତା, ବନ୍ଧୁତା, ସହଭାଗିତା, ସହିଷ୍ଣୁତା, ଜାତୀୟତା, ଗ୍ରହଣଶୀଳତା ଓ ଯୁବ ମାନସିକତା କିପରି କର୍ଷଣ କରିବାକୁ ହୁଏ ତାହା ଉପସ୍ଥାପନା କରିଥିଲେ। ଅତିଥି ବକ୍ତା ଭାବେ ଯୋଗଦେଇ ଡକ୍ଟର ସନ୍ତୋଷ କୁମାର ରଥ ଓ ବିମଳ କୁମାର ପଣ୍ଡା ରେଡ଼କ୍ରସର ଉଦ୍ଦେଶ୍ୟ,ଇତିହାସ, କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଯୋଜିକା ମନସ୍ୱିନୀ ପଟ୍ଟନାୟକ ବର୍ଷସାରା ଆୟୋଜିତ ରେଡ଼କ୍ରସ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନଙ୍କର ଉତ୍ସାହ ଓ ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଆରୋପ କରିଥିଲେ।ସ୍ୱେଚ୍ଛାସେବୀ ସଂଗ୍ରାମ ଦାଶ ଓ ପ୍ରଜ୍ଞାସ୍ମିତା ସାହୁ ବିଭିନ୍ନ ଶିବିର ଓ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ସେମାନଙ୍କର ଅନୁଭୂତି, ନେତୃତ୍ୱ ଓ ବ୍ୟକ୍ତିତ୍ୱ ବିକାଶ ସମ୍ପର୍କରେ ମତ ରଖିଥିଲେ। ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ସ୍ୱେଚ୍ଛାସେବୀ ସରସ୍ୱତୀ ଘଟୁଆଳି।

## ଯାତ୍ରା ସମୟରେ ଘନ ଘନ ବିଦ୍ୟୁତ୍ କାଟ,ବେଲଗୁଣ୍ଠା ବାସୀଙ୍କ ଅସନ୍ତୋଷ

ବେଲଗୁଣ୍ଠା ୯/୫( ନି.ପ୍ର): ବେଲଗୁଣ୍ଠା ସହରରେ ଚାଲିଛି ମାଁ ବ୍ରାହ୍ମଣ ଦେବୀଙ୍କ ଐତିହାସିକ ଯାତ୍ରା। ଯାତ୍ରାକୁ ସରସ, ସୁନ୍ଦର କରିବା ପାଇଁ ଯାତ୍ରା କମିଟି ଓ ବିଭିନ୍ନ ସାହି ତରଫରୁ ପ୍ରସ୍ତୁତି ଆରଂଭ ହୋଇଗଲାଣି ।ଏହାରି ମଧ୍ୟରେ ମାଁ ବ୍ରାହ୍ମଣ ଦେବୀଙ୍କ ସିଂହ ବାହିନୀ ବେଶରେ ନଗର ପରିକ୍ରମା ମଧ୍ୟ ଆରମ୍ଭ ହୋଇ ଯାଇଛି । କିନ୍ତୁ ଏହି ସମୟରେ ଘନ ଘନ ବିଦ୍ୟୁତ୍ କାଟକୁ ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।ଗତ ମଙ୍ଗଳବାର ଦିନ କୋଳି ସାହି ତରଫରୁ ପ୍ରଥମ ନଗର ପରିକ୍ରମା ଥିବା ସମୟରେ ପ୍ରାୟ ଅପରାହ୍ନ ଠାରୁ ମଧ୍ୟ ରାତ୍ର ପର୍ଯ୍ୟନ୍ତ ବିଦ୍ୟୁତ ବିଭ୍ରାଟ ଯୋଗୁଁ ସହର ଅନ୍ଧକାରରେ ଥିଲା । କୌଣସି ସ୍ଥାନରେ ବ୍ରେକ୍ ଡାଉନ୍ ହୋଇଥିଲା ବଲି ବିଭାଗୀୟ ସୁତ୍ରରୁ ଖବର ମିଳିଥିବା ବେଳେ ଏହି ମାସ ତମାମ ବେଲଗୁଣ୍ଠା ସହର ଚଳପ୍ରଚଳ ରହିବ ଏବଂ ମାଁ ଙ୍କ ନଗର ପରିକ୍ରମା ଦିନ ଗୁଡ଼ିକରେ ହଜାର ହଜାର ଲୋକଙ୍କ ଗହଳି ଜମିବ ।ଏହି ପରିପ୍ରେକ୍ଷୀରେ ଯାତ୍ରାକୁ ବିନା ପ୍ରତିବନ୍ଧକରେ କରିବା ପାଇଁ ବିଦ୍ୟୁତ୍ କାଟ ନ କରି ସହଯୋଗ କରିବା ପାଇଁ ସହରବାସୀ ବିଦ୍ୟୁତ୍ ବିଭାଗକୁ ଅନୁରୋଧ କରିଛନ୍ତି ।

## ରାମକୃଷ୍ଣ ପଟ୍ଟନାୟକ ଚାରିଟେବୁଲ ଟ୍ରଷ୍ଟ ଓ ସାଂସଦଙ୍କ ପକ୍ଷରୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ



ବୁଗୁଡ଼ା ୯/୫( ନି.ପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଆଦିପୁର ନିକଟସ୍ଥ ଦିବ୍ୟ ଦର୍ଶନ ଜରାଶ୍ରମର ଅନ୍ତେବାସୀମାନଙ୍କୁ ରାମକୃଷ୍ଣ ପଟ୍ଟନାୟକ ଚାରିଟେବୁଲ ଟ୍ରଷ୍ଟ ଓ ସାଂସଦଙ୍କ ତରଫରୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା ।ଜରାଶ୍ରମକୁ ପୂର୍ବତନ ଆସିକା ସାଂସଦ ତଥା ସ୍ୱର୍ଗତ ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ସହଧର୍ମିଣୀ କୁମୁଦିନୀ ପଟ୍ଟନାୟକ, ତାଙ୍କ ବଡ ଝିଅ ତଥା ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ,ସାନ ଝିଅ ତଦାସା ତପସ୍ୱିନୀ ପଟ୍ଟନାୟକ, ଜ୍ୱାଇଁ ଉତ୍ତମ ଦାସ ଜରାଶ୍ରମରେ ପହଞ୍ଚି ଆଶ୍ରମରେ ଥିବା ବୃଦ୍ଧ ଓ ବୃଦ୍ଧା ବୃନ୍ଦଙ୍କ ସହିତ ଆଲୋଚନା କରିବା ସହ ସୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରିଥିଲେ। ଏହା ସହିତ ଜରାଶ୍ରମର ଉନ୍ନତି ସକାଶେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଆଗାମୀ ଦିନରେ ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ନେତା ସିମାଞ୍ଚଳ ସାହୁ, ସାଂସଦ ପ୍ରତିନିଧି କାହ୍ନୁ ଚରଣ ଖଟେଇ, ମଳୟ କୁମାର ଜେନା, କୈଳାସ ମହାରଣା, ରଙ୍କନିଧି ମହାନ୍ତି, ଧନେଶ୍ୱର ସାହୁ, ଅରୁଣ ସାହୁ, ବିଦ୍ୟାଧର ସାହୁଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଲିଗୁଡା ୯/୫( ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଅଦାଲତ ପରିସରରେ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଚଳିତ ମାସ ୧୦ ତାରିଖ ଶନିବାର ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମକଦ୍ଦମା ଯଥା ଫୌଜଦାରି (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଅବସର କାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ର ଆପୋଷ ସ ?ହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରଧିନ ମକଦ୍ଦମା ନୁହେଁ, ପ୍ରାକ-ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇନଥିବା) ଚେକ ବାଉନ୍ସ ମାମଲା , ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ଲାଗି କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡାନ୍ତ ଏବଂ ଅମଳଯୋଗ୍ୟ। ଯଦି କୌଣସି ବେ ବିଚାରଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ। ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥ ?ବା ମକଦ୍ଦମାର ସହଜ ସମାଧାନ ଲାଗି ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ଲାଗି ଏହି ସୁଯୋଗର ସଦୁପଯୋଗ କରିବା ସହ ସବିଶେଷ ବିବରଣୀ ତ ?ଥା ଏହି ବିଷୟରେ ଅଧିକ ଜାଣିବା ଲାଗି ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତାଲୁକ ଆଇନସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ମେଧାବୀ ଛାତ୍ରୀ ଜାସ୍ମିନ ଙ୍କୁ ନାଗରିକ ମଞ୍ଚ ତରଫରୁ ସମ୍ବର୍ଦ୍ଧନା



ବରଗଡ଼ ୯/୫( ନି.ପ୍ର): ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ରେ ବରଗଡ଼ ସରସ୍ୱତୀ ବିଦ୍ୟା ମନ୍ଦିର ର ଛାତ୍ରୀ ଜାସ୍ମିନ ଦାଶ ୫୬୦ ମାର୍କ ରଖି ଏ-୧ ଗ୍ରେଡ଼ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।ବରଗଡ଼ ନାଗରିକ ମଞ୍ଚ ସଦସ୍ୟ ମାନେ ଗୋବିନ୍ଦପାଲି ସ୍ଥିତ ତାଙ୍କ ବାସଭବନକୁ ଯାଇ ଶୁଭେଚ୍ଛା ଓ ଅଭି ନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।ଅଶୋକ ଦାଶ ଙ୍କ ସୁପୁତ୍ରୀ ଜାସ୍ମିନ ଆଗକୁ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ।ନାଗରିକ ମଞ୍ଚ ରୁ ଭବାନୀ ସାହୁ,ଶୟନ ପଣ୍ଡା,ଟଙ୍କଧର ଭେସ୍ରା,ଜିଭି ରାଓ,ସୁଦାମ ସାହୁ, ଗୋବିନ୍ଦ ଶର୍ମା,ସ୍ୱାଧୀନ ପାତ୍ର,ସୁବାଷ ପ୍ରଧାନ ଉପସ୍ଥିତ ଥିଲେ ।

## ଏଟିଏମ୍ କାର୍ଡ ଓ ମୋବାଇଲ ଚୋର ଗିରଫ

ବାଲିଗୁଡା ୯/୫( ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ପୋଲିସ୍ ଏକ ଏଟିଏମ୍ କାର୍ଡ ଓ ମୋବାଇଲ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି। କ.ନୂଆଗାଁ ପୋଲିସ ଅଧିକାରୀଙ୍କ ନିକଟରେ କଞ୍ଚାମେଣ୍ଡିର ମହେଶ୍ୱର ପ୍ରଧାନଙ୍କ ପୁଅ ସନ୍ତୋଷ ପ୍ରଧାନ ଏକ ଲିଖିତ ଅଭିଯୋଗ କରିଥିଲେ କ୍ଷ ତାଙ୍କ ବାପାଙ୍କ ଠାରୁ ବିଭିନ୍ନ ପ୍ରଲୋଭନ ଦେଖାଇ ସିର୍ତ୍ତିଗୁଡା ର ବୈଲ ଦଣ୍ଡିଆର ପୁଅ ରମେଶ ଦଣ୍ଡିଆ (ବୟସ ୩୩) ଗୋଟିଏ ମୋବାଇଲ ଓ ଏଟିଏମ୍ କାର୍ଡ ସହିତ ସିକ୍ରେଟ କୋର୍ଡ ନେଇ ଯାଇଥିଲା। ନେବା ପରେ ଏଟିଏମ୍ କାର୍ଡ ବ୍ୟବହାର କରି ସନ୍ତୋଷ ପ୍ରଧାନଙ୍କ ଏକାଉଣ୍ଟ ରୁ ୨୨୪୦୦ ଟଙ୍କା ଉଠାଣ କରିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ଉକ୍ତ ମାମଲାକୁ ଏସଆଇ ଅଶୋକ କୁମାର ତ୍ରିପାଠୀ ତଦନ୍ତ କରି ଥାନା କେସ ନଂ ୮୦/୨୫ ଧାରା ୩୦୩ (୨), ୩୦୫,୩୦୯ (୪) ବିଏନଏସ ନିୟମ ରଜୁ କରିଥିଲେ। ପୋଲିସ ତଦନ୍ତ କରି ଆସାମୀ ରମେଶ ଦଣ୍ଡିଆକୁ ଗିରଫ କରିବା ସହିତ ମୋବାଇଲ ଓ ନଗଦ ୧୭୫୦୦ ଟଙ୍କା ଜବତ କରି କୋର୍ଟକୁ ପଠାଇଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ସୂଚନା ଦେଇଛନ୍ତି।

## କାଳବୈଶାଖୀ ପବନରେ ବ୍ରଏଲର ଫାର୍ମ ସମ୍ପୂର୍ଣ୍ଣ ନଷ୍ଟ ୩ ଶହ କୁକୁଡ଼ା ମରିଗଲେ

ପାଟଣା ୯/୫( ନି.ପ୍ର): ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଗୁଲୁଦୀପଶି ଗ୍ରାମର ଝାଟିପଡା ସାହି ରେ କାଳବୈଶାଖୀ ଝଡ଼ ସମୟରେ ଗତକାଲି ଅପରାହ୍ନ ରେ ସୁରେନ୍ଦ୍ର ବାରିକ ଙ୍କ ବ୍ରଏଲର ଫାର୍ମ ଟି ସମ୍ପୂର୍ଣ୍ଣ ଉଡିଯିବା ସହ ଆଜବେଷ୍ଟ ଭାଙ୍ଗି ଖିନ ଭିନ ହୋଇଯାଇଛି ।ଯାହା ଫଳରେ ଆଜବେଷ୍ଟ ପଡି ୩ ଶହ କୁକୁଡ଼ା ସମ୍ପୂର୍ଣ୍ଣ ଭାବେ ମରିଯାଇଥିବା ଦେଖାଯାଇଛି ।ଲକ୍ଷାଧିକ ଟଙ୍କା ଋଣ କରି ସୁରେନ୍ଦ୍ର ଏହି କୁକୁଡ଼ା ଫାର୍ମ ଟି ନିର୍ମାଣ କରିଥିଲେ। କାଳବୈଶାଖୀ ସମୟରେ ଏହି କୁକୁଡ଼ା ଫାର୍ମ ରେ ଦେଢ଼ ହଜାର ରୁ ଅଧିକ କୁକୁଡ଼ା ଥିଲେ।

## ୧୦୧ ୟୁନିଟ ସଂଗ୍ରହ ଟାଟା ପାୱାର ଓ ନିଷ୍ଠା ପରିବାର ମିଳିତ ଆନୁକୁଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବରଗଡ଼ ୯/୫( ନି.ପ୍ର): ବିଶ୍ୱ ରେଡ କ୍ରସ ଡେ ଅବସର ରେ ଟାଟା ପାୱାର ଓ ନିଷ୍ଠା ପରିବାର ର ମିଳିତ ଆନୁକୁଲ୍ୟରେ ବରଗଡ଼ ସ୍ଥିତ ଅଗ୍ରଗାମୀ ଯୁବକ ସଂଘ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ଏହି ଶିବିର କୁ ଟାଟା ପାୱାର ର ସୁରେନ୍ଦ୍ର ହୋତା ଏସ ଇ,ବିଭୂତି ଭୂଷଣ ଶତପଥୀ ଇ ଇ,ସି ଏସ ଆର ମୁଖ୍ୟ ଅରୁଣା ମାରାଣ୍ଡି ପ୍ରମୁଖ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିତା କାଟି ଶିବିର ର ଶୁଭାରମ୍ଭ କରିଥିଲେ ।ବିଶିଷ୍ଟ ଅତିଥି ଭାବରେ ବରଗଡ଼ ଡେପୁଟି କଲେକ୍ଟର ମଧୁସ୍ମିତା ସାମଲ,ଆସିଷ୍ଟାନ କଲେକ୍ଟର ଶିବ ପ୍ରସାଦ ବିଶ୍ୱାଳ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହ ମାନପତ୍ର ପ୍ରଦାନ କରି ଥଲେ ।ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତ ଭଣ୍ଡାର ମାନଙ୍କ ରେ ରକ୍ତ ର ଅଭାବ କୁ ଦେଖି ଟାଟା ପାୱାର ର ସମସ୍ତ କର୍ମଚାରୀ ମାନେ ଓ ଅନ୍ୟ ରକ୍ତଦାତା ମାନେ ସ୍ୱେଚ୍ଛା କୃତ ଭାବରେ ରକ୍ତ ଦାନ ଭଳି ଶ୍ରେଷ୍ଠ ଦାନ କରିଥିଲେ ।ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୧୯ୟୁନିଟ ରକ୍ତ ଓ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ୩୧ ୟୁନିଟ ରକ୍ତ ସର୍ବ ମୋଟ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ପରିସେସ ରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫ ରୁ ଟାଟା ପାୱାର କୁ ଏକ ସ୍ମୃତି ଫଳକ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଶିବିର କୁ ଟାଟା ପାୱାର ର କର୍ମଚାରୀ ଓ ନିଷ୍ଠା ପରିବାର ର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ,ସଚି ପଣ୍ଡା ମହିଳା ଶାଖା ର ସାୟୋଜିକା ତ୍ରିପୁରା ସୁହୁଲା,ବିଦ୍ୟାଧର ଭୋଇ,ଜୟନ୍ତ ପ୍ରଧାନ କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ ଙ୍କ ସମେତ ଅନ୍ୟ ସଦସ୍ୟ/ସଦସ୍ୟା ମାନେ ସୁପରିଚାଳନା କରିଥିଲେ ।

## କସର୍ଦା ଲକ୍ଷ୍ମୀନାରାୟଣ ବିଦ୍ୟାପୀଠରେ ସର୍ବାଧିକ ନମ୍ବର ରଖିଲେ ପୂର୍ଣ୍ଣିମା ପୁହାଣ



ନିଆଳୀ ୯/୫( ନି.ପ୍ର): ନିଆଳୀ ବ୍ଲକ ଅନ୍ତର୍ଗତ ଦ୍ୱିପାଞ୍ଚଳର ଲକ୍ଷ୍ମିନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବିଦ୍ୟାଳୟରେ ସମସ୍ତ ଶିକ୍ଷକ ମାନଙ୍କର ପ୍ରିୟ ପାତ୍ର ହୋଇଛନ୍ତି ପୂର୍ଣ୍ଣିମା ପୁହାଣ। କସର୍ଦା ଗ୍ରାମର ସୁରେନ୍ଦ୍ର ପୁହାଣ ରାଜମିସ୍ତ୍ରି ହୋଇଥିବା ବେଳେ ଓ ମା ଗିତାଞ୍ଜଳୀ ପୁହାଣ ଜଣେ ଗୃହିଣି କିନ୍ତୁ ପୂର୍ଣ୍ଣିମା ଏକ ଅଭାବି ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ପାଠ ପଢ଼ାକୁ ଏକ ବ୍ରତ ରୁପେ ନିଷ୍ଠାର ସହିତ ୮ ରୁ ୧୦ ଘଣ୍ଟା ପରିଶ୍ରମ କରି ଏକ ସଫଳତା ହାସଲକରି ଗ୍ରାମରେ ପ୍ରିୟ ହୋଇପାରିଛନ୍ତି। ଭବିଷ୍ୟତରେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବା ପୂର୍ଣ୍ଣିମାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି ରୋଜାଲିନି ସ୍ୱାଇଁ,ବିଭିନ୍ନ ସଂଗଠନ ତଥା ବିବେକ ଏକାଡେମୀ,ଗ୍ରାମିଣ ସେବକ ସମାଜ ଟ୍ରଷ୍ଟର ଟ୍ରଷ୍ଟି ସନ୍ତୋଷକୁମାର ମାଝି,ସ୍ମାଇଲ ଫର ଟୁଡେ ସଂଗଠନ,କସର୍ଦା ସରପଞ୍ଚ ସୁରେଶ ପଟନାୟକ,ପ୍ରେସ ୟୁନିଟ ନିଆଳୀ ନିର୍ବାଚନ ମଣ୍ଡଳୀର ସଭାପତି ସାମ୍ବାଦିକ ଦ୍ୱିଜବର ମହାପାତ୍ର,ସୁରେନ୍ଦ୍ର ମୁଖି ଟ୍ରଷ୍ଟର ମୁଖ୍ୟ ସୁରେନ୍ଦ୍ର ମୁଖି ସାରଙ୍କ ସମେତ ଗ୍ରାମବାସିଙ୍କ ତରଫରୁ ଭବିଷ୍ୟତ ଉଜ୍ଜଳ କାମନା କରି ଶୁଭେଚ୍ଛା ଜଣାଇଛନ୍ତି।

## ମାଣିତରକ୍ଷ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ବିଶ୍ୱ ରେଡ କ୍ରସ ଦିବସ ପାଳିତ




ବୁଗୁଡା ୯/୫( ନି.ପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଇ ୮ ତାରିଖ ଦିନ ବିଶ୍ୱ ରେଡ କ୍ରସ ଦିବସ ପାଳିତ ହୋଇଯାଇଛି କ୍ଷ ରେଡ କ୍ରସ ପରାମର୍ଶଦାତା ଦିଲ୍ଲିପ କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ଆଇଆରପିଏମ ଅଧ୍ୟାପକ ସନ୍ତୋଷ କୁମାର ଗୌଡ଼, ରଚନା ବେହେରା, ସୋନାଲି ରାଉତ, ଲିଜା ରାଣୀ ବାରିକ ଅତିଥି ଭାବେ ଯୋଗ ଦେଇ ରେଡ କ୍ରସର ବିଶ୍ୱବ୍ୟାପି ସ୍ୱାସ୍ଥ୍ୟ ସେବା ଓ ବନ୍ଧୁତା ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇ ନିଜ ନିଜକୁ ଜଣେ ସ୍ୱେଚ୍ଛାସେବୀ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ କ୍ଷ ୨୦୨୫ ମସିହାର ବିଶ୍ୱ ରେଡ କ୍ରସର ଥିମ 'ଙଭ ଷ୍ଷର ଷ୍ୱସୟର କ୍ଟଳ ଷକଙ୍କଙ୍କବଭସଷ୍ଚ' ସମ୍ପର୍କ ରେ ସବିଶେଷ ଆଲୋଚନା ହୋଇ ଥିଲା କ୍ଷ ମାନବ ବାଦ ମନୁଷ୍ୟ ଜନ୍ମର ସାର୍ଥକତା କ୍ଷ ସକଳ ମାନବ ଜାତିର ଉର୍ନ୍ନତି ଦିଗରେ ମନୁଷ୍ୟ ହିଁ ମନୁଷ୍ୟକୁ ବାଟ ଦେଖାଇ ପାରେ କ୍ଷ ସାର ଜନ ହେନେରୀ ଡ୍ୟୁନାଣ୍ଟଙ୍କ ସ୍ୱପ୍ନର ରେଡ କ୍ରସ ଆଜି ସମଗ୍ର ବିଶ୍ୱରେ ନିଜର ସ୍ଥିତି ଜାହିର କରି ପାରିଛି କ୍ଷ ଏଣୁ ଛାତ୍ର ସମାଜ ଏ ଦିଗରେ ବ୍ରତୀ ହୋଇ ମାନବ ଜାତିର ସେବା କଲେ ଏ ଭୁମଣ୍ଡଳ ଦିନେ ସ୍ୱର୍ଗରେ ରୂପାନ୍ତରିତ ହୋଇପାରିବ।

# ବୈତରଣୀ ନଦୀର ସୁରକ୍ଷା ଜରୁରୀ : ଜଳ ପୁରୁଷ ଡ଼ ରାଜେନ୍ଦ୍ର ସିଂ

କେନ୍ଦୁଝର, ୯/୫( ନି.ପ୍ର): ବୈତରଣୀ ବଂଚାଓ ଯାତ୍ରା ଶେଷ ଆଜି ଶେଷ ହୋଇଛି। ବୈତରଣୀ ନଦୀର ଉତ୍ପତି ସ୍ଥଳ ଗୋନାସିକାରୁ ଏହି ଯାତ୍ରା ଆରମ୍ଭ ହୋଇ କାନପୁର ଡ୍ୟାମ୍‌ରେ ଶେଷ ହୋଇଛି। ଆଜି ଦ୍ୱିତୀୟ ଦିନରେ ଜଳ ପୁରୁଷ ଡ଼ ରାଜେନ୍ଦ୍ର ସିଂ ଏବଂ ତାଙ୍କ ସହିତ ଆସିଥିବା ବିଭିନ୍ନ ବର୍ଗର ଲୋକ ଝୁମ୍ପୁରା ବ୍ଲକ ବସନ୍ତପୁର ପଂଚାୟତ ଭାଲୁଆକୁଦର ଠାରେ ବୈତରଣୀ ନଦୀ ଜଳସ୍ରୋତକୁ ଅଟକାଇ ଆର୍ସେଲର ମି□ଲ ନିପନ ଷ୍ଟିଲ ଇନ୍‌ଟେକ ୱେଲ କରି ସ୍ଲରି ପାଇପରେ ପାଣି ଶୋଷୁଥିବା ଦେଖିବାକୁ ପାଇଥିଲେ। ଖରାଦିନରେ ନଦୀ ଜଳ ବ୍ୟବହାର ନ କରିବାକୁ ଚୁକ୍ତି ଥିଲେ ମଧ୍ୟ ମି□ଲ କମ୍ପାନୀ ଚୁକ୍ତି ଖିଲାପ କରୁଥିବା ସ୍ଥାନୀୟ ଲୋକ କହିଥିଲେ। ବୈତରଣୀ ନଦୀର ଉପରମୁଣ୍ଡରେ ମି□ଳ କମ୍ପାନୀ ପାଣି ଶୋଷୁଥିବାରୁ ଜଳ ମୁଣ୍ଡରେ ଜଳସ୍ରୋତ କମୁଛି। ମାର୍ଚ୍ଚ ମାସରୁ ଜୁନ ମାସ ପର୍ଯ୍ୟନ୍ତ ବୈତରଣୀ ନଦୀରୁ ପାଣି ନ ନେବା ପାଇଁ ଜଳ ସମ୍ପଦ ବିଭାଗର କଡା ନିୟମ ଥିଲେ ହେଁ ଏହି କମ୍ପାନୀ ଲକ୍ଷ ଲକ୍ଷ କ୍ୟୁସେକ ବୈତରଣୀ ନଦୀ ଜଳ ବ୍ୟବହାର କରୁଛି। କମ୍ପାନୀମାନଙ୍କର ପାଣି ଉପରେ କୌଣସି ହକ୍ ନାହିଁ। ଏହି ବୈତରଣୀ ନଦୀ ବଂଚିଲେ ମଣିଷ ଓ ପ୍ରକୃତି ବଂଚିବ। ସ୍ଲରି ପାଇପ ଲାଇନରେ କମ୍ପାନୀମାନେ ଲୁହାଗୁଣ୍ଡ ପରିବହନ ପାଇଁ ପାଣି ବ୍ୟବହାର କରିବା ଆଦିବାସୀ,ଜଙ୍ଗଲ,ଜମି,ନଦୀ ଓ ପ୍ରକୃତି ପ୍ରତି ଅନ୍ୟାୟ କରୁଛନ୍ତି। ବୈତରଣୀ ନଦୀର ଜଳ ଉପରେ ଚାଷୀଙ୍କ ଅଧିକାର ରହିଛି। ଚାଷ ପାଇଁ ନଦୀରେ ବନ୍ଧ କରାଯାଉଛି କିନ୍ତୁ ଏହି ପାଣିକୁ କମ୍ପାନୀମାନେ ଲୁଟ କରୁଛନ୍ତି। ନାବାର୍ଡ ଅର୍ଥରେ ଚାଷୀଙ୍କ ପାଇଁ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉଛି। ଚାଷ ପାଇଁ ହେଉଥିବା ଖର୍ଚ୍ଚରେ ନିର୍ମାଣ ହେଉଥିବା ବନ୍ଧରୁ ଶିଳ୍ପକୁ ପାଣି ଦେବା ଅପରାଧ ବୋଲି ଜଳ ପୁରୁଷ ରାଜେନ୍ଦ୍ର ସିଂ କହିଛନ୍ତି। ଚାଷୀଙ୍କ ପାଇଁ ପାଣିର ଆବଶ୍ୟକତା ଥିବାବେଳେ କମ୍ପାନୀ ମାନେ ପାଣି ନେଉଥିବାରୁ ବୈତରଣୀ ଶୁଷ୍କ ହୋଇଯାଇଛି। ଏଥିପାଇଁ ଏଠାରେ ଚାଷୀମାନେ ଏକତ୍ର ହୋଇ ନିଷ୍ପତି ନେଇ ସଂକଳ୍ପ କରିଛନ୍ତି। ସେହି ସଂକଳ୍ପରେ ସେ ମଧ୍ୟ ସାମିଲ ହେବେ ବୋଲି କହିଛନ୍ତି। ବୈତରଣୀ ନଦୀକୁ ନ୍ୟାୟ ଦେବା ପାଇଁ ସେମାନଙ୍କର ଲଢେଇ କୁ ମୁଁ ସମର୍ଥନ



କରୁଛି। ସ୍ଲରିରେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ସମୁଦ୍ର କିମ୍ବା ଅନ୍ୟ ପାଣିର ବ୍ୟବହାର କରାଯାଇପାରିବ କିନ୍ତୁ ବୈତରଣୀ ନଦୀର ସ୍ୱଚ୍ଛ ପାଣିକୁ ପିଇବା ଏବଂ ଚାଷ ପାଇଁ ବ୍ୟବହାରରେ ଲଗା ନଯାଇ ସ୍ଲରି ଯୋଗେ ଲୁହାପଥର ଗୁଣ୍ଡ ପରିବହନରେ ବ୍ୟବହାର ହେଉଛି। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା ନଦୀର ସଭ୍ୟତା ଏବଂ ସଂସ୍କୃତି ନଷ୍ଟ ହେଉଛି। ସେସବୁ ସୁରକ୍ଷା ପାଇଁ ପାଣି ପଂଚାୟତର ନିଷ୍ପତ୍ତିକୁ ଜଳ ପୁରୁଷ ଡ଼ ରାଜେନ୍ଦ୍ର ସିଂ ସମର୍ଥନ କରିଛନ୍ତି। ଏହାପରେ ସେମାନେ କାନପୁର ଡ୍ୟାମ ଏରିଆ ମଧ୍ୟରେ ଚାଲିଥିବା ଇନ୍‌ଟେକେ ୱେଲ ପରିଦର୍ଶନ କରିଥିଲେ। ଅପରାହ୍ନରେ ଯୋଡା ପିଛଲାଘାଟ ଠାରେ ଟାଟା କମ୍ପାନୀ ସୁନା ନଦୀ ତଟରେ ଇନଟେକ ୱେଲ କରି ପାଣି ନେଉଥିବା ଦେଖିଥିଲେ ଏବଂ ସ୍ଥାନୀୟ ଲୋକଙ୍କ ସମସ୍ୟା ନେଇ ପଚାରି ବୁଝିଥିଲେ। ପରେ ପରେ ବଡବିଲର ବିଭିନ୍ନ କମ୍ପାନୀ କାରୋ ନଦୀରୁ ପାଣି ନେଉଥିବା ସ୍ଥାନ ବୁଲି ଦେଖିଥିଲେ। ଏହି ଯାତ୍ରାରେ ମହାନଦୀ ବଂଚାଓ ଅଭିଯାନର ଆବାହକ ସୁଦର୍ଶନ ଦାସ, ସୁନା, କାରୋ,ବୈତରଣୀ ବଂଚାଓ ଅଭିଯାନର କନଭେନର ଅଶୋକ ଠକ୍କର ପ୍ରମୁଖ ସାମିଲ ହୋଇଥିଲେ। ଚିରସ୍ରୋତା ବୈତରଣୀ ନଦର ଜଳ ଦିନକୁ ଦିନ ହ୍ରାସ ପାଉଥିବାରୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଥିବା ଗ୍ରାମବାସୀମାନେ କହିଥିଲେ। ବୈତରଣୀ ନଦୀ ଉପରେ କେନ୍ଦୁଝର ଜିଲ୍ଲା ସମେତ ମୟୁରଭଞ୍ଜ, ଯାଜପୁର ଏବଂ ଭଦ୍ରକ ଜିଲ୍ଲାର ଲକ୍ଷ ଲକ୍ଷ ଲୋକ ନିର୍ଭରଶୀଳ ଥିବାର ବୈତରଣୀ ନଦୀର ସୁରକ୍ଷା ପାଇଁ ସରକାର ଏବେ ଠାରୁ ପଦକ୍ଷେପ ନ ନେଲେ ଆଗାମି ଦିନରେ କେନ୍ଦୁଝର,ମୟୁରଭଞ୍ଜ,ଯାଜପୁର ଏବଂ ଭଦ୍ରକ ଜିଲ୍ଲାରେ ଜଳସଙ୍କଟ ଉତ୍କଟ ହେବ ବୋଲି ମହାନଦୀ ବଂଚାଓ ଅଭିଯାନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

## ଅବକାରୀ ବିଭାଗ ଚଢ଼ାଉ ,୫ ଗିରଫ

ତେନ୍ତୁଳିଖୁଣ୍ଟି ୯/୫( ନି.ପ୍ର): ନବରଙ୍ଗପୁର ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ଶ୍ରୀ ପ୍ରତାପ କୁମାର ଦାସ ଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ଙ୍କ ନେତୃତ୍ୱ ରେ, କର୍ମଚାରୀ ମାନଙ୍କ ସହ, ନବରଙ୍ଗପୁର ଥାନା ଅନ୍ତର୍ଗତ, ଜେଟୁଗୁଡା ଗ୍ରାମ ନାଳ ରାସ୍ତା ରେ, ଗଣେଶ ବିଷୋୟୀ ନିକଟରୁ ୪୦ ଲିଟର ମଦ ଓ ମଦ ରାନ୍ଧୁଥିବା ସମୟରେ ଖଗ ବିଷୋୟୀ ନିକଟରୁ ୪୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ, ୨୦ ଲିଟର ଗରମ ରନ୍ଧା ପୋଚ ଓ ୩୪ ଲିଟର ମଦ ରାନ୍ଧିବା ନିମନ୍ତେ ପ୍ରସ୍ତୁତ ହୋଇ ଥିବା ପୋଚ ଜବତ ସହ, ଘଟଣା ସ୍ଥଳରେ ମଦ, ପୋଚ, ରସ ଡେକଚି, ଟିଣ ଡବା ନଷ୍ଟ କରି ଦିଆ ଗଲା ଏବଂ ନବରଙ୍ଗପୁର ଅବକାରୀ ଥାନା ଅଧିକାରୀ ବିଙ୍ଗରାଜ ଦାମି, ନବରଙ୍ଗପୁର ଥାନା ଅନ୍ତର୍ଗତ ଦଶପୁର ଗ୍ରାମ ର ଦେବାନନ୍ଦ ନିକଟରୁ ୧୫ ଲିଟର ବାହାର ଭାଟି ମଦ ଜବତ, ତେନ୍ତୁଳୀଗୁଡା ଗ୍ରାମର ଶିବରାମ ନିକଟରୁ ୨୪ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ ଓ ପାପଡାହାଣ୍ଡି ଥାନା ଅନ୍ତର୍ଗତ ଚାନ୍ଦିଲି ଗ୍ରାମରେ, ର ଟଙ୍କ ଧର ନିକଟରୁ ୩୫ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରାଗଲା, ଆସାମୀ ମାନଙ୍କୁ ମାନ୍ୟବର ଝଉଔଗ ଙ୍କ ଅଦଲତ ରେ ହଜାର କରା ଗଲା, ଏହି ଚଡାଉ ରେ ସହଉପ ନିରୀକ୍ଷକ କୀଲାଡୀ ଭାସ୍କର, ସିପାହୀ ମାନେ ହେଲେ ରଞ୍ଜୀ ଜାନି, ରେଶମା ସୁନା, ଆକ୍ରମ ଖାନ, ଉମେଶ ହରିଜନ, ସଦା ଶିବ ଭତରା, ସୁଧାଂଶୁ ଶେଖର ବାଘ, ରଂଜିତ ସିଂହ, ଆକାଶ ଶବର ଓବଳ ବନ୍ତ ରଏ ସହ ଯୋଗ କରି ଥିଲେ।

## ଅପରେସନ୍ ସିନ୍ଦୁର ସଫଳତା ହିନ୍ଦୋଳ ରେ ଖୁସିର ଲହରୀ

ଓଡ଼ାପଡ଼ା /ହିନ୍ଦୋଳ ୯/୫( ନି.ପ୍ର): ଭାରତୀୟ ପର୍ଯ୍ୟଟକ ମାନଙ୍କୁ ଜମ୍ମୁ କାଶ୍ମୀର ପେହେଲ୍ ଗାମ୍ ରେ ଧର୍ମ ପଚାରି ନିର୍ମମ ଭାବରେ ଗୁଳି ମାରି ହତ୍ୟାକାଣ୍ଡ କରି କେତେକ ଭାରତୀୟ ନାରୀ ମାନଙ୍କ ସିନ୍ଦୁର ଉଜାଡ଼ି ଦେଇଥିବା ଘଟଣା ଜାଲିଆନାୱାଲାବାଗ ଘଟଣା କୁ ମନେ ପକେଇ ଦେଉଛି।ଏହାର ପ୍ରତିଶୋଧ ସୋରୁପ ଭାରତ ସରକାର ସେନା ଦ୍ୱାରା ଅପରେସନ୍ ସିନ୍ଦୁର ନାମରେ ଆତଙ୍କବାଦୀ ମାନଙ୍କୁ ଏବଂ ତାଙ୍କର ଆଡ୍ଡାକୁ ଏୟାର ଷ୍ଟ୍ରାଇକ୍ କରି ସଫଳତାର ସହ ମାରି ମାଟିରେ ମିଶାଇ ଦେବା ଭଳି କାର୍ଯ୍ୟ କରି ଭାରତୀୟ ମାନଙ୍କୁ ବିଜୟ ର ଖୁସି ଆଣି ଦେଇଛି। ଫଳରେ ହିନ୍ଦୋଳ ରେ ଖୁସିର ଲହରୀ ଆଜି ଖେଳିଯାଇଥିବା ଦେଖିବାକୁ ମିଳିଥିଲା। ଏନେଇ ଗୁରୁବାର ହିନ୍ଦୋଳ ଉପଖଣ୍ଡ ପାଇକ ପୁରୁଣାକୋଟ ଛକ ଠାରେ ଅପରେସନ୍ ସିନ୍ଦୁର ସଫଳତା ପାଇଁ ଆତସବାଜି ଫୁଟାଇ ଜନସାଧାରଣ ଖୁସି ମନାଉଥିବା ଦେଖାଯାଇଛି ।ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି , ହିନ୍ଦୋଳ ବିଧାୟିକା ସୀମା ରାଣୀ ନାୟକ, ବିଜେପି ଜିଲ୍ଲା ସମ୍ପାଦକ ତଥା ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ବ୍ଲକ ଉପାଧକ୍ଷ ବରୁଣ କୁମାର ସର, ପାଇକ ପୁରୁଣା କୋଟ ପଞ୍ଚାୟତ ସରପଞ୍ଚ ପ୍ରତାପ ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବେହେରା, ପାରି କୁଳ ମଣ୍ଡଳ ବିଜେପି ସଭାପତି ଶ୍ରୀଯୁକ୍ତ ରବିନ୍ ବାରିକ, ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ , ହାତୁରା ମଣ୍ଡଳ ସଭାପତି ସୁଜିତ ଜେନା , ମୋଟଙ୍ଗା ମଣ୍ଡଳ ସଭାପତି ଦେବାନନ୍ଦ ବେହେରା , ରାସୋଳ ମଣ୍ଡଳ ସଭାପତି ଲିଙ୍ଗରାଜ ସାହୁ , ଜିଲ୍ଲା କୃଷକ ମୋର୍ଚା ସଭାପତି ସହଦେବ ପୃଷ୍ଟି , ଜିଲ୍ଲା ଓବିସି ସଭାପତି ପ୍ରଶାନ୍ତ ପ୍ରଧାନ ,ପାରିକୁଳ ମଣ୍ଡଳ ପ୍ରତିନିଧି ଲଳିତ କୁମାର ସାହୁ, ପୂର୍ବତନ ରାଜ୍ୟ ପରିଷଦ ସଦସ୍ୟ ଯଶୋବନ୍ତ ରଣଜିତ୍ ରାୟ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଶ୍ରୀଯୁକ୍ତ ସୁଜିତ୍ ବାରିକ୍, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରେମାନନ୍ଦ ପଟନାୟକ , ଦିବାକର ନାଏକ , ସନ୍ତୋଷ ସାହୁ , ପ୍ରଫୁଲ୍ଲ କୁମାର ମହାରଣା, ସୁଶିଲ କୁମାର ନାଥ,ଲଣ୍ଡା ରାଉତ, ପ୍ରଭାସ କୁମାର ଖୁଣ୍ଟିଆ, ଆଲୋକ ରଂଜନ ସାହୁ, ମଙ୍ଗରାଜ ନାଏକ, ଗୀତାଞ୍ଜଳି ସାହୁ, ଚୈତନ୍ୟ କୁମାର ସାମଲ, ଜିତୁ ରଂଜନ ବେହେରା, ସୁକାନ୍ତି ରଥ ଙ୍କ ସମେତ ହିନ୍ଦୋଳ ଓ ଓଡ଼ାପଡ଼ା ବହୁ ବିଜେପି କାର୍ଯ୍ୟକର୍ତ୍ତା ଯୋଗଦେଇଥିବା ଦେଖିବାକୁ ମିଳିଥିଲା ।



## ଆତ୍ମହତ୍ୟା କରୁଥିବା ମହିଳା ଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ



ବରଗଡ଼ ୯/୫( ନି.ପ୍ର): ବରଗଡ଼ ର ଜଣାଶୁଣା ସ୍ୱେଚ୍ଛାସେବୀ ସଂଘମିତ୍ରା ପଟେଲ ଏକ ବଡ ଅଘଟଣ ରୁ ଜନୈକା ଯୁବତୀ ଙ୍କୁ ଉଦ୍ଧାର କରିଥିବା ଘଟଣା ନଜର କୁ ଆସିଛି ।ଘଟଣାରୁ ପ୍ରକାଶ ଯେ,ୱାର୍ଡ଼ ନଂ ୧୧ ଘରୋଇ ବସଷ୍ଟାଣ୍ଡ ପାଖ ଶିବାନନ୍ଦ ଆଶ୍ରମ ନିକଟସ୍ଥ ବରଗଡ଼ କେନାଲ କୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ୩୦/୩୫ ବର୍ଷିୟା ଯୁବତୀ ଙ୍କୁ ସ୍ଥାନୀୟ ଲୋକେ ଗଭୀର ପାଣିରୁ ଉଦ୍ଧାର କରି ସ୍ୱେଚ୍ଛାସେବୀ ଶ୍ରୀମତୀ ପଟେଲ ଙ୍କୁ ସନ୍ତୋଷ ସାହୁ ଖବର ଦେବାରୁ ଶ୍ରୀମତୀ ପଟେଲ ତୁରନ୍ତ ସେହି ସ୍ଥାନକୁ ଆସି ୧୧୨ ପି.ସି.ଆର୍ କୁ ଖବର ଦେଇଥିଲେ ।ପାରି ପାର୍ଶ୍ୱିକ ପରିସ୍ଥିତି ରୁ ଉକ୍ତ ଯୁବତୀର ମୁଣ୍ଡ ଠିକ୍ ନ ଥିବା ସନ୍ଦେହ କରାଯାଉଛି ।ତେବେ ବରପାଲି ମାମୁଁ ଘରୁ ଆସି କାହିଁକି ଆତ୍ମହତ୍ୟା କରିବାକୁ ଯାଉଥିଲା ତାହା ତଦନ୍ତ ସାପେକ୍ଷ ।ବରଗଡ଼ ଉପକଣ୍ଠ ଗାଏସିମା ଗ୍ରାମର ଗୋପଲକ୍ଷ୍ମୀ ନାଏକ ବୋଲି ପୋଲିସ ଜାଣିବାକୁ ପାଇଥିଲା ।ସେ ବିବାହିତା ତଥା ସ୍ୱାମୀ ପରିତ୍ୟକ୍ତା ହୋଇଥିବାରୁ ମାନସିକ ଭାରସାମ୍ୟ ହରାଇ ଏହିପରି ଚରମ ନିଷ୍ପତ୍ତି ନେଇ ଥାଇପାରେ ବୋଲି ସ୍ୱେଚ୍ଛାସେବୀ ଶ୍ରୀମତୀ ପଟେଲ କହିଛନ୍ତି ।ଉକ୍ତ ଯୁବତୀ ବରଗଡ଼ ତଲିପଡାର ନିତ୍ୟାନନ୍ଦ ପୂଜାରୀଙ୍କ ଘରେ କାମ କରୁଥିବା କହିବାରୁ ଶ୍ରୀ ପୂଜାରୀ, ଶ୍ରୀମତୀ ପଟେଲ, ସନ୍ତୋଷ ସାହୁ ଏବଂ ସ୍ଥାନୀୟ ପୋଲିସ ଉକ୍ତ ଯୁବତୀଙ୍କୁ ବୁଝାସୁଝା କରି ସ୍ୱେଚ୍ଛାସେବୀ ସାରଥୀ ମେହେର ଙ୍କ ଅଟୋରେ ତାଙ୍କ ଗାଆଁ କୁ ପଠାଇଥିଲେ ।ସ୍ୱେଚ୍ଛା ସେବୀ ଶ୍ରୀମତୀ ପଟେଲଙ୍କ ଏତାଦୃଶ କାର୍ଯ୍ୟ କୁ ବରଗଡ଼ ର ସବୁ ମହଲ ରୁ ପ୍ରଶଂସା କରାଯାଉଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ; ଦୁଇ ଗିରଫ




ବେଲଗୁଣ୍ଠା ୯/୫( ନି.ପ୍ର): ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୋବରା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଘଟଣାରେ ଦୁଇ ଯୁବକଙ୍କୁ ଗିରଫ କରିଛି ଗାଙ୍ଗପୁର ପୋଲିସ୍ ଓ ଅଭିଯୋଗକାରୀ ଗୋବରା ନୂଆଁ ସାହିର ଶ୍ୟାମ ସୁନ୍ଦର ସାହୁଙ୍କ ଅଭିଯୋଗ କ୍ରମେ ମଙ୍ଗଳବାର ରାତି ସାଢେ ନଅ ଘଣ୍ଟା ସମୟରେ ଗୋବରା ନୂଆଁ ସାହିରେ ତାଙ୍କ ମାଆଙ୍କ ଶୁଦ୍ଧି କ୍ରିୟାରେ ତାଙ୍କର ତିନି ଭାଇ ସୁନୀଲ୍ ସାହୁ, ରବୀନ୍ଦ୍ର ସାହୁ ଏବଂ ଅରବିନ୍ଦ ସାହୁ ବ୍ୟସ୍ତ ଥିବା ସମୟରେ ଗ୍ରାମର ସୁଶାନ୍ତ କୁମାର ଗୌଡ଼ ଏବଂ ସୁଧୀର ଗୌଡ଼ ଲାଠି ସାହାଯ୍ୟରେ ତାଙ୍କ ପଛପଟରୁ ଆକ୍ରମଣ କରିଥିଲେ ଓ ଏଥିରେ ଶ୍ୟାମ ସୁନ୍ଦର ଆହତ ହୋଇଥିଲେ ଓ ଆକ୍ରମଣର କାରଣ ସମ୍ପର୍କରେ ଶ୍ୟାମ ସୁନ୍ଦର ଏତାଲାରେ ଉଲ୍ଲେଖ କରିଛନ୍ତି ଯେ ସୁଶାନ୍ତଙ୍କ ସ୍ତ୍ରୀ ଶ୍ୟାମ ସୁନ୍ଦରଙ୍କ ଭାଇ ସୁନୀଲ୍ ଠାରୁ ୯୦୦୦୦ ଟଙ୍କା ଧାର ନେଇଥିଲେ ଓ ଏ ସମ୍ପର୍କରେ ସୁଶାନ୍ତ ଜାଣିବା ପରେ ସେ ତା ସ୍ତ୍ରୀର ସୁନୀଲ୍ ସହିତ ଅନୈତିକ ସମ୍ପର୍କ ରହିଥିବ କଥା ସନ୍ଦେହ କରିବା ସହିତ ସୁଶାନ୍ତ ଏବଂ ସୁନୀଲ୍ ଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା ଓ ଏହାକୁ ନେଇ ସୁଶାନ୍ତ ଗତ ଛଅ ମାସ ହେବ ଶ୍ୟାମ ସୁନ୍ଦରଙ୍କ ଘର ଆଗରେ ଗାଳି ଗୁଲଜ କରୁଥିଲା ଓ ଶ୍ୟାମ ସୁନ୍ଦର,ସୁନୀଲ, ରବୀନ୍ଦ୍ର ବାହାରେ ରହୁଥିବା ବେଳେ ଶ୍ୟାମ ସୁନ୍ଦରଙ୍କ ସନ ଭାଇ ଅରବିନ୍ଦ ନିଜ ବାପା ମାଆଙ୍କ ସହିତ ଗାଆଁରେ ରହୁଥିଲା ଓ କିଛି ଦିନ ତଳେ ଶ୍ୟାମସୁନ୍ଦରଙ୍କ ମାଆଙ୍କ ଦେହାନ୍ତ ହୋଇଥିବାରୁ ସବୁ ଭାଇ ଗାଁକୁ ଆସିଛନ୍ତି ଓ ଏହି ସମୟରେ ସୁଶାନ୍ତ ଏବଂ ତ ଭାଇ ସୁଧୀର ସେମାନଙ୍କୁ ଆକ୍ରମଣ କରିଥିବା ନେଇ ଶ୍ୟାମସୁନ୍ଦର ଅଭିଯୋଗ କରିଛନ୍ତି ଓ ଶ୍ୟାମସୁନ୍ଦରଙ୍କ ଏତାଲାକୁ ଭିତ୍ତିକରି ଗାଙ୍ଗପୁର ପୋଲିସ୍ ୨୯୯/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଯୁଧିଷ୍ଠିର ମାଝୀ ଘଟଣା ସ୍ଥଳକୁ ଯାଇ ସେଠାରୁ ଏକ ବାଉଁଶ ବାଡ଼ି ଜବତ କରିବା ସହ ସୁଶାନ୍ତ ଏବଂ ସୁଧୀରଙ୍କୁ ଗିରଫ କରିଥିଲେ ଓ ଉଭୟ ସୁଶାନ୍ତ ଏବଂ ସୁଧୀରଙ୍କୁ କୋର୍ଟଚାଲାଣ କରାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ପ୍ରକାଶ କରିଛନ୍ତି।

## ଲାଦେରପାଲି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ଜଣେ ମୃତ,ଦୁଇ ଆହତ



ବରଗଡ଼ ୯/୫( ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଲାଦେର ପାଲି ଛକ ତ୍ରୁଟି ପୂର୍ଣ୍ଣ ତଥା ଅସମ୍ପୂର୍ଣ୍ଣ ଚାରି ଥାକିଆ ୫୩ନଂ ମୁଖ୍ୟ ଜାତୀୟ ରାଜପଥ ରେ ସକାଳ ପ୍ରାୟ ସାଢ଼େ ୬ ଘଣ୍ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ଜଣେ ନାବାଳକ ଟଳି ପଡ଼ିଥିବା ବେଳେ ଅନ୍ୟ ଦୁଇଜଣ ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡ଼ିଛି ।ପ୍ରକାଶ ଥାଉ କି ତିନି ଯୁବକ ଏକ ବାଇକ୍ ପ୍ଲାଟିନା ନଂ-ଓଡି ୧୭ ଏସି ୯୭ ୮୧ ରାଜରାସ୍ତା ୱେ ରେ ଯିବା ସମୟରେ ବରଗଡ଼-ସମ୍ବଲପୁର ୱେ ସମ୍ବଲପୁର ଅଭିମୁଖେ ଏକ ଦୃତ ଗାମୀ ଅଜଣା ଟ୍ରକ୍ ରେ ଜୋର୍ ଧକ୍କା ହୋଇ ଟ୍ରକ୍ ଟି ଚମ୍ପଟ ମାରିଥିବା ବେଳେ ବାଇକ୍ ସହ ବାଇକ୍ ରେ ଥିବା ତିନି ଜଣ ଯୁବକ ଛିଟିକି ପଡ଼ି ଥିଲେ ।ସେମାନଙ୍କ ମଧ୍ୟରୁ ବାଇକ୍ ରେ ବସିଥିବା ନାବାଳକ ସିଲେଟ ର ରଞ୍ଜିତ ମୀରିଗ୍ ଘଟଣା ସ୍ଥଳରେ ଟଳି ପଡ଼ିଥିବା ବେଳେ ଅନ୍ୟ ଯୁବକ ବଲାଙ୍ଗୀର ଜିଲ୍ଲା ବେଲ ପଡ଼ା ଗ୍ରାମର ବାଇକ୍ ଚାଳକ ରାଜେଶ୍ ସତନାମି(୧୮) ଓ ସିଂହପାଲି ର ନାବାଳକ ରଞ୍ଜନ ମେହେର ସାମାନ୍ୟ ଆହତ ଥିବା ପୋଲିସ ସୂତ୍ରରୁ ଜଣା ପଡିଛି ।ଏନେଇ ଘଟଣା ସ୍ଥଳରେ ଅତାବିରା ପୋଲିସ ସଦଳ ବଳେ ପହଞ୍ଚି ଟଳି ପଡ଼ିଥିବା ଯୁବକ କୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତର ଖାନା କୁ ପଠାଇ ଆହତ ଦ୍ୱୟ ଙ୍କୁ ପ୍ରାରମ୍ଭିକ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତର ଖାନା କୁ ପଠାଇ ଅଧିକ ରୁ ଅଧିକ ତଦନ୍ତ ଜାରି ରହିଥିବା ଅତାବିରା ପୋଲିସ ଅଧିକାରୀ ପ୍ରକାଶ କର୍ଣ୍ଣ ଙ୍କ ପକ୍ଷରୁ ଜଣା ପଡ଼ିଛି।

## ଜାମଦା ଶିଶୁ ବିଦ୍ୟା ମନ୍ଦିରରେ ବନବାସୀ କଲ୍ୟାଣ ଆଶ୍ରମ କାର୍ଯ୍ୟକର୍ତ୍ତା ପରିଚୟ ବର୍ଗ ଅନୁଷ୍ଠିତ



ମୟୂରଭଞ୍ଜ ୯/୫( ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବନବାସୀ କଲ୍ୟାଣ ଆଶ୍ରମ ଓଡ଼ିଶାର କାର୍ଯ୍ୟକର୍ତ୍ତା ପରିଚୟ ବର୍ଗ ଅନୁଷ୍ଠିତ ହୋଇଯାଇଛି ।ମୟୂରଭୂମିର କୁସୁମୀ, ଜାମଦା, ବିଜାତଳା ଏବଂ ବାଙ୍ଗିରିପୋଷି ବ୍ଲକ,କେନ୍ଦୁଝରର ହରିଚନ୍ଦନପୁର ଯୋଡ଼ା,ଘଟଗାଁ,କେନ୍ଦୁଝର ଏବଂ ବାଂଶପାଳ ବ୍ଲକ ତଥା ବାଲେଶ୍ୱରର ନୀଳଗିରି ଏବଂ ବାହାନଗା ବ୍ଲକରୁ ୩୧ ଜଣ ପୁରୁଷ,୨୭ ଜଣ ମହିଳା ସହଭାଗୀ ଏହି ପଞ୍ଚ ଦିବସୀୟ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲେ ।ଜନଜାତି ସମାଜର ଧର୍ମ,ସଂସ୍କୃତି,ପରମ୍ପରା,ଦେଶର ଅତୀତ ଏବଂ ବର୍ତ୍ତମାନ ପରିସ୍ଥିତି ତଥା ବନବାସୀ କଲ୍ୟାଣ ଆଶ୍ରମ ଦ୍ୱାରା ସାରା ରାଜ୍ୟ ତଥା ଦେଶରେ ସଂଚାଳିତ ବିଭିନ୍ନ ସେବା,ଜାଗରଣ ଏବଂ ସାଂଗଠନିକ କାର୍ଯ୍ୟ ସମ୍ବନ୍ଧରେ ଉପସ୍ଥିତ ଯୁବକଯୁବତୀମାନଙ୍କୁ ଅବଗତ କରାଯାଇଥିଲା ।୨୦ଜଣ ମାଧ୍ୟମିକ ଶ୍ରେଣୀର ବାଳକ ବାଳିକା ମାନଙ୍କୁ ମଧ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା । ବିଭିନ୍ନ ଅଧିବେଶନରେ ପ୍ରାନ୍ତ ଉପସଭାପତି ଇଁ ଅଭୟ କୁମାର ପତି,ପ୍ରାନ୍ତ ସଂଗଠନ ସମ୍ପାଦକ କୃଷ୍ଣ ଚନ୍ଦ୍ର ଭାଟି,ସହ ସଂଗଠନ ସମ୍ପାଦକ ରାମଚନ୍ଦ୍ର ପୈଡ଼ା,ପ୍ରାନ୍ତ ସହ ଶ୍ରଦ୍ଧା ଜାଗରଣ ପ୍ରମୁଖ ସରୋଜ କୁମାର ଶତପଥୀ ଏବଂ ପୂର୍ବ କ୍ଷେତ୍ର ସଂଗଠନ ସମ୍ପାଦକ ବିଜୟ କୁମାର ମହାନ୍ତି ମାର୍ଗ ଦର୍ଶନ କରିଥିଲେ ।ପ୍ରଧାନ ମାଝୀ ବିଶେଷ ରୂପେ ଯୋଗାସନ ଏବଂ ପ୍ରାଣାୟମ ପ୍ରଶିକ୍ଷଣ ନେଇଥିଲେ । ଘନଶ୍ୟାମ ମହାନ୍ତି ବିଭାଗ ସଂଗଠନ ସମ୍ପାଦକ,ଜିଲ୍ଲା ସଂଗଠନ ସମ୍ପାଦକ ମୟୂରଭଞ୍ଜର ବୈଶାଖୁ ସର୍ଦ୍ଦାର,କେନ୍ଦୁଝର ସମ୍ପାଦକ ଗିରିଧାରୀ ମୁଣ୍ଡା,ସୁନ୍ଦରଗଡ ଜିଲ୍ଲା ମହିଳା ପ୍ରମୁଖ ଯଶୋଦା ଟୋପ୍ପୋ ଏବଂ ଶିଶୁ ମନ୍ଦିରର ଗୁରୁଜୀ,ଗୁରୁମା,ଜିଲ୍ଲା ସମ୍ପାଦକ ବାବୁଲାଲ ଦାସ ଓ ପ୍ରଧାନ ଆଚାର୍ଯ୍ୟା ସସ୍ମିତା ଟୁଡୁ ବ୍ୟବସ୍ଥାରେ ସହଯୋଗ କରିଥିଲେ । ଏହି ଅବସରରେ ପଦ୍ମଶ୍ରୀ ଡଃ ଗଙ୍ଗାଧର ହାଁସଦା,ପୂର୍ବ କେନ୍ଦ୍ର ମନ୍ତ୍ରୀ ତଥା କଲ୍ୟାଣ ଆଶ୍ରମ ଭୂତପୂର୍ବ କାର୍ଯ୍ୟକର୍ତ୍ତା ବିଶେଶ୍ୱର ଟୁଡୁ,ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ,ଭାଜପା ପ୍ରାନ୍ତ ସମ୍ପାଦକ ନବୀନ ଚନ୍ଦ୍ର ରାମ୍ ପ୍ରତିଭାଗୀମାନଙ୍କୁ ବିଭିନ୍ନ ସମୟରେ ଉପଦେଶ ମାଧ୍ୟମରେ ମାର୍ଗଦର୍ଶନ କରିଥିଲେ ।

## ଗଛ ପାଉଛି ଯନ୍ତ୍ରଣା; ବିଜ୍ଞାପନ କମ୍ପାନୀ ମାଲେମାଲ



ଝରଗାଁ ୯/୫( ନି.ପ୍ର): ସ୍ୱାର୍ଥପର ହୋଇଯାଇଛି ମଣିଷ । ଲାଭ ଓ ଲୋଭ ପାଇଁ ପ୍ରକୃତି ପ୍ରତି କରୁଛି ନିଷ୍ଠୁର ଆଚରଣ ।ପ୍ରକୃତି ଆମ ପାଇଁ ବରଦାନ ବୃକ୍ଷ ଆମର 'ଜୀବନ' ବୃକ୍ଷ ଆମର ବନ୍ଧୁ କହୁ । କିନ୍ତୁ ବୃକ୍ଷମାନଙ୍କ ଉପରେ ମକା ବିହନ କମ୍ପାନୀମାନେ କଣ୍ଟା ବାଡେଇ ବିଜ୍ଞାପନ ଟାଙ୍ଗି ଚାଲିଯାଉଛନ୍ତି । ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଝରିଗାଁ ଠାରୁ ଉମୋରକୋଟ କୁ ସଂଯୋଗ କରୁଥିବା ରାସ୍ତା ଓ ଝରିଗାଁ ଠୁ ଚଚା ଦେଇ ଯାଇଥିବା ରାସ୍ତା ଏମିତି ଅନେକ ଗ୍ରାମର ରାସ୍ତା କଡ଼ରେ ଥିବା ଶହ ଶହ ଗଛରେ ଲୁହା କଣ୍ଟା ବାଡେଇ ଅନେକ ପ୍ରକାର ମକା ବିହନ କମ୍ପାନୀ ନିଜର ବିଜ୍ଞାପନ ଛାଇ ଦେଇଛନ୍ତି । ଲୁହାକଣ୍ଟାର କ୍ଷତରେ ଗଛ ସିନା ତାର ଯନ୍ତ୍ରଣା କହିପାରିଲାନି, ହେଲେ ତାର ଶୁଖିଲା ଡ଼ାଳ ସୂଚାଇ ଦେଉଛି କିଭଳି ହୋଇଛି ହାଲ୍ । ଗଛର ମଧ ଜୀବନ ଅଛି , ସେ ମାନବ ସମାଜ ପାଇଁ ବରଦାନ ସଦୃଶ୍ୟ ତା ' ଉପରେ ଅତ୍ୟାଚାର କରିବା ସୁସ୍ଥ ସମାଜର ପରିପନ୍ଥୀ ବୋଲି ପରିବେଷିତ ମାନେ ମତ ପ୍ରକାଶ କରିଛନ୍ତି । ଜୀବନ୍ତ ଗଛ ଉପରେ ଲୁହା କଣ୍ଟା ବାଡେଇବା ହେତୁ ଗଛ ଉପରେ ଏହାର ଅନେକ ମାରାତ୍ମକ ପ୍ରଭାବ ପଡିଥାଏ । ଅନେକ ଗଛର ଉଚ୍ଚତା ବୃଦ୍ଧି ପାଇବାର ଗୁଣ ହ୍ରାସ ପାଇଥାଏ । ସେହିପରି ଫଳ ଗଛ ମାନଙ୍କରେ ଅତ୍ୟଧିକ ଲୁହା କଣ୍ଟା ବାଡେଇବା ଦ୍ୱାରା ଫୁଲ ଫଳ ଝଡିବାର ସମ୍ଭାବନା ଦେଖା ଦେଇଥାଏ । ଏହି ବୃକ୍ଷ ମାନଙ୍କରେ ଅନେକ ସରିଶୃପ,ପକ୍ଷୀମାନେ ବସା ବାନ୍ଧି ରହିଥାନ୍ତି । ଲୁହା କଣ୍ଟା ଦ୍ୱାରା ସେମାନେ ଅନେକ ସମୟରେ ଆଘାତପ୍ରାପ୍ତ ହୋଇଥାନ୍ତି । ଏହି ବିଜ୍ଞାପନ ଫଳରେ ସମ୍ପୃକ୍ତ କମ୍ପାନୀମାନେ ନିଜର ଲୋକ ପ୍ରିୟତା ବଢାଇ ନିଜର କୋଟି କୋଟି ଟଙ୍କା ଉପାର୍ଜନ କରୁଥିବା ବେଳେ ନିରୀହ ଜୀବ ଜନ୍ତୁ ଓ ବୃକ୍ଷ ଏହା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେଉଛନ୍ତି । ବିଜ୍ଞାପନ ପ୍ରଦର୍ଶନ କରିବା ପାଇଁ ଅନେକ ସ୍ଥାନ ଓ ମାଧ୍ୟମ ରହିଛି । ତେବେ ଆମରି ଉପକାରୀ ବୃକ୍ଷ ମାନଙ୍କ ଉପରେ ଲୁହା କଣ୍ଟା ବାଡାଇ ବିଜ୍ଞାପନ ପ୍ରଦର୍ଶନ କରିବା କେତେ ଦୂର ଠିକ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଗଛ ଉପରେ ଏପରି ବିଜ୍ଞାପନ କରୁଥିବା ମକା ବିହନ କମ୍ପାନୀ ଉପରେ ଜଙ୍ଗଲ ବିଭାଗ ଓ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଝରିଗାଁ ଅଞ୍ଚଳର ପ୍ରକୃତି ପ୍ରେମୀମାନେ ଦାବି କରିଛନ୍ତି ।

## କଣାସରେ ନୂତନ ଶିକ୍ଷାଧିକାରୀଙ୍କ ଯୋଗଦାନ

କଣାସ ୯/୫( ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ରାମଚନ୍ଦ୍ର ବେହେରା। ଦୀର୍ଘ ଦିନ ହେବ କଣାସ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ସତ୍ୟବାଦୀ ବ୍ଲକ୍ ଶିକ୍ଷା ଅଧିକାରୀଣୀ ଭବମ୍ ପ୍ରଧାନ ଅତିରିକ୍ତ ଦିୟିତ୍ୱ ତୁଲାଇ ଆସୁଥିଲେ ।ତାଙ୍କର ପୁରୀ ଜିଲ୍ଲା ସହ ଶିକ୍ଷା ଅଧିକାରୀଣି ଭାବେ ପଦନ୍ନତି ପାଇବା ପରେ ଡେଲାଙ୍ଗ ବ୍ଲକ୍ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଅତିରିକ୍ତ ଦାୟିତ୍ୱ ନେଇଥିଲେ ।ଶେଷରେ ଗୁରୁବାର ଦିନ ବିଧିବଦ୍ଧ ଭାବେ ରାମଚନ୍ଦ୍ର ବେହେରା କଣାସ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ଏହି ଅବସରରେ ଶ୍ରୀ ବେହେରାଙ୍କୁ ସହ ଶିକ୍ଷା ଅଧିକାରୀ ବିନୋଦ କୁମାର ସେଠୀ,ନାରାୟଣ ପ୍ରଧାନ,ଶିକ୍ଷକ ନେତା ପ୍ରତାପ କେଶରୀ ରାୟ,ପ୍ରତାପ କେଶରୀ ଛୋଟରାୟ,ସୁଶାନ୍ତ କୁମାର ନରେନ୍ଦ୍ର,ପ୍ରହଲ୍ଲାଦ ମାନସିଂହ,ସତ୍ୟଭାମା ସୁନ୍ଦରାୟ ପ୍ରମୁଖ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ବଜ୍ରପାତ ରେ ଜଣେ ମୃତ

ପାଟଣା ୯/୫( ନି.ପ୍ର): ଗତକାଲି ଅପରାହ୍ନରେ ବଜ୍ରପାତ ଫଳରେ ଗୁରୁତର ହୋଇଥିବା ଜଣେ ଯୁବକ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମୃତ ଘୋଷିତ ହୋଇଛନ୍ତି ।ମୃତ ଯୁବକ ଜଣକ କେନ୍ଦୁଝର ଜିଲ୍ଲା ପଣ୍ଡାପଡା ଥାନା ଅଞ୍ଚଳ ସୋମଗିରି ଗ୍ରାମର ଈଶ୍ୱର ମୁଣ୍ଡା(୪୨) ବୋଲି ଜଣାପଡିଛି ।ଏନେଇ ମୃତକଙ୍କ ମାଆ ଜଙ୍ଗା ମୁଣ୍ଡା ଆଜି ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏ ଏସ ଆଇ ବିରେନ୍ଦ୍ର କିଶୋର ବେହେରା ଘଟଣା ର ତଦନ୍ତ କରିବା ସହ ଥାନା ଅପମୃତ୍ୟୁ ମାମଲା ୧୪/ ୨୦୨୫ ମୂଳେ ଆଜି କେନ୍ଦୁଝରରେ ମୃତକର ଶବ ବ୍ୟବଚ୍ଛେଦ କରାଇଛନ୍ତି। ଈଶ୍ୱର ମୁଣ୍ଡା ତୁରୁମୁଙ୍ଗା ଥାନା ଅଞ୍ଚଳ ନୂଆଖମଣ ଗ୍ରାମରେ ରହୁଥିବା ବେଳେ ଗତକାଲି କାଳବୈଶାଖୀ ବଜ୍ରପାତ ସମୟରେ ଏକ ଗଛ ମୂଳେ ଥିବା ବେଳେ ବଜ୍ରପାତ ରେ ଗୁରୁତର ହୋଇଥିଲେ।

## ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜନ୍ମୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼ ୯/୫( ନି.ପ୍ର): ଗୁରୁ ଭଗବାନ ସାହୁ ସ୍ମୃତି କମିଟି ର ଏକ ବୈଠକ ସ୍ଥାନୀୟ ଏ. ଇ. ମିସନ ସ୍କୁଲ ସମ୍ମିଳନୀ କକ୍ଷରେ ଡ. ତପସ୍ୱିନି ଗୁରୁଙ୍କ ସଭାପତିତ୍ୱରେ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା ଏବଂ ସର୍ଦ୍ଦାର ପ୍ରିତମ ସିଂ ଙ୍କ ସଂଯୋଜନା ତଥା ଲୁଲୁ ରବିନ ଦାସ ଙ୍କ ଆବାହକତ୍ୱରେ ରେ ଅନୁଷ୍ଠିତ ହୋଇଯାଇଛି ।ଆସନ୍ତା ଜୁନ ୧୧ ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜନ୍ମୋତ୍ସବ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଓ ଗୁରୁ ଭଗବାନ ସାହୁ ରାଜ୍ୟ ସ୍ତରୀୟ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଶୀକ୍ଷା ? ଅନୁଷ୍ଠାନ ର ଛାତ୍ର ଛାତ୍ରୀଙ୍କୁ ନେଇ ଗୁରୁ ଭଗବାନ ସାହୁଙ୍କ ଉପରେ ପ୍ରବନ୍ଧ ଏବଂ ଡିବେଟ ପ୍ରତି ଯୋଗିତା କରା ଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ।ଏହି ଅବସରରେ ମେଟ୍ରିକ୍ ପରୀକ୍ଷାରେ ଟପ୍ପର ଶୁଶ୍ରୀ ବବିତା ରଥ ଏବଂ ଅନ୍ୟ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ମାନୀତ କରା ଯିବାକୁ ନିଷ୍ପତ୍ତି ନିଆଯାଇଛି ।ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ଦଧିବାବନ ଶତପଥୀ,କୃଷ୍ଣ ଚନ୍ଦ୍ର ପଣ୍ଡା,ଯୁଗଳ ପ୍ରାସାଦ ସିଂ,ଡ଼. ରବିନାରାୟଣ ସାହୁ,ଯଶବୀର ସିଂ ସୈନୀ,ବିମଳ କୃଷ୍ଣ ମିଶ୍ର, ତୁଳସୀ ଚରଣ ଦାଶ, ଅଚ୍ୟୁତାନନ୍ଦ ବାରିକ,ରାଜ କିଶୋର ମହାରଣା,ଶିବାନନ୍ଦ ମଟାରି, ମନୋଜ ବାଗ ତଥା ନୂତନ ସଦସ୍ୟ ନବ କିଶୋର ଦାଶ ପ୍ରମୁଖ ଯୋଗଦାନ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।ପରି ଶେଷରେ ବରିଷ୍ଠ ସଦସ୍ୟ ଉଦ୍ଧବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## କଳମା ବ୍ୟାରେଜର ୬୫ଗେଟ୍ ବନ୍ଦ, ଓଡ଼ିଶାରେ ଉତ୍କଟ ଜଳ ସଙ୍କଟ

# ସରକାରଙ୍କ ହସ୍ତକ୍ଷେପ ଦାବିକଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର : ଛତିଶଗଡ଼ ସରକାର କଲମା ବ୍ୟାରେଜର ସମସ୍ତ ଗେଟ୍ ବନ୍ଦ କରିବା ଦ୍ୱାରା ଓଡ଼ିଶାରେ ଗମ୍ଭୀର ଜଳ ସମସ୍ୟା ସୃଷ୍ଟି ହୋଇଛି। ଚଳିତବର୍ଷ ଏପ୍ରିଲ ଆରମ୍ଭରୁ କଲମା ବ୍ୟାରେଜର ୬୬ଗେଟ୍ ମଧ୍ୟରୁ ୬୫ଟି ଗେଟ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେବଳ ଗୋଟିଏ ଗେଟ୍‌ରେ ମାତ୍ର ୫ ସେଣ୍ଟିମିଟର ଖୋଲା ରହିଛି। ଯାହାଫଳରେ ମହାନଦୀର ନିମ୍ନ ଅବବାହିକା ଜଳ ସ୍ରୋତ କମିବା ସହିତ ମହାନଦୀର ସମସ୍ତ ଶାଖାନଦୀ ଗୁଡ଼ିକ ଶୁଖି ଗଲାଣି।ପ୍ରତ୍ୟେକ ଥର ଛତିଶଗଡ଼ ସରକାରଙ୍କ ଏପରି ଏକତରଫିଆ ନିଷ୍ପତି ଯୋଗୁ ଓଡ଼ିଶାବାସୀଙ୍କ ପାଇଁ ଏକ ଗମ୍ଭୀର ଜଳ ଅଭାବ ସୃଷ୍ଟି ହୋଇଛି। କାରଣ ମାର୍ଚ୍ଚ ମାସ ଶେଷ ସପ୍ତାହରୁ ରାଜ୍ୟରେ କୌଣସି ପାଣି ପ୍ରବାହିତ ହୋଇନାହିଁ। ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର ସୁଖାସୋଡ଼ା ପରି ଅ□ଳରେ ଯେଉଁଠାରୁ ମହାନଦୀ ଓଡ଼ିଶାରେ ପ୍ରବେଶ କରେ, ସେହି ନଦୀପଠା ଏବେ ମରୁଭୂମି ପାଲଟିଛି। ଟ୍ରିପଲ୍ ଇଞ୍ଜିନ ସରକାରଙ୍କ ବିଫଳତା ଯୋଗୁ ଏଭଳି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। କେନ୍ଦ୍ର ଛତିଶଗଡ଼ ଏବଂ ଓଡ଼ିଶାରେ ବିଜେପି



ନେତୃତ୍ୱାଧୀନ ସରକାର ଏହା ଉପରେ ଦୃଷ୍ଟ ନଦେବା ଦୁର୍ଭାଗ୍ୟର ବିଷୟ। କେନ୍ଦ୍ର ସରାକରଙ୍କ ନିୟନ୍ତ୍ରଣ ଏବଂ ଉଭୟ ରାଜ୍ୟରେ ବିଜେପିର ଉପସ୍ଥିତି ସତ୍ୱେ ଦୀର୍ଘକାଳୀନ ମହାନଦୀ ଜଳ ବିବାଦ ଅସମାହିତ ହୋଇ ରହିଛି ଯାହା ଓଡ଼ିଶାରେ ଜଳ ଅଭାବ ସୃଷ୍ଟି କରିଛି। ଜଳ ଅଭାବର ପ୍ରଭାବ ସୁଦୂରପ୍ରସାରୀ। ପାରମ୍ପରିକ ଭାବରେ ଜୀବିକା ପାଇଁ ମହାନଦୀ ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀମାନେ ଏବେ ଜୀବିକା ନିର୍ବାହ ପାଇଁ ସଂଘର୍ଷ କରୁଛନ୍ତି। ପାଣିର ଅଭାବ ଚାଷୀମାନଙ୍କୁ ମଧ୍ୟ ପ୍ରଭାବିତ କରିଛି। ବିଶେଷକରି ରବି ଫସଲ ଚାଷ କରୁଥିବା କୃଷକମାନେ ଜଳସେଚନ ପାଇଁ ନଦୀ ଜଳ ଉପରେ ନିର୍ଭର କରନ୍ତି, ସେମାନେ ଏବେ ନିଜର ଜୀବିକା ହରାଉଛନ୍ତି। ଏହି ସମସ୍ୟା କେବଳ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁନାହିଁ ବରଂ ଓଡ଼ିଶାରେ ଭୂତଳ ଜଳସ୍ତରରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରସା ଘଟିଛି।ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘକାଳୀନ ଜଳ ବିବାଦର ସମାଧାନ କରିବା ଲକ୍ଷ୍ୟରେ ସୁପ୍ରିମକୋର୍ଟ ୧୨ ମାର୍ଚ୍ଚ ୨୦୧୮ରେ ମହାନଦୀ ଜଳ ବିବାଦ ଟ୍ରିବୁନାଲ ପ୍ରତିଷ୍ଠା କରିଥିଲେ। କିନ୍ତୁ ସାତବର୍ଷ ପରେ ଏହି ସମସ୍ୟାର ସମାଧାନ ଅଦ୍ୟାବଧି ହୋଇପାରି ନାହିଁ। ଅଣମୌସୁମୀ ଋତୁରେ କଲମା ବ୍ୟାରେଜର ଗେଟ୍ ବନ୍ଦ ହେବା ଦ୍ୱାରା ଓଡ଼ିଶାରେ ଜଳ ସମସ୍ୟାକୁ ଆହୁରି ଜଟିଳ କରିଛି। ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗିରହିଛି, ଏଥିପାଇଁ ପାଣି ଏବେ ଲୋକଙ୍କର ନିତାନ୍ତ ଆବ୍ୟକ, ଏଭଳି ଏକ ଗମ୍ଭୀର ସମୟରେ ସରାକାର କୌଣସି ପଦକ୍ଷେପ ନ ନେଇ ବୀରବଦ୍ରଷ୍ଟା ସାଜିଛନ୍ତି ଯାହା ସରକାରଙ୍କ ଅପାରଗତାକୁ ସୁଚାଉଛି। ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ଶିବ ହାତୀ ଯାଦବ ଛତିଶଗଡ଼ ସରକାରଙ୍କ ନିଷ୍ପତିକୁ କଡ଼ା ନିନ୍ଦା କରିବା ସହିତ ଛତିଶଗଡ଼ ସରକାର ଓଡ଼ିଶାକୁ ମରୁଭୂମିରେ ପରିଣତ କରିବାର ପ୍ରୟାସ କରୁଛନ୍ତି ବୋଲି କହିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ମହାନଦୀ ଜଳ ବିବାଦର ଶୀଘ୍ର ସମାଧାନ ହେବା ଆବଶ୍ୟକ। କାରଣ ଏହା ଓଡ଼ିଶାର ଲୋକଙ୍କ ବଚବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ଜଳ ସଙ୍କଟ ସମସ୍ୟାର ସାଧାନ କରନ୍ତୁ ବୋଲି ଶ୍ରୀ ଯାଦବ ଦାବି କରିଛନ୍ତି।

## ଇଣ୍ଡୋ-ନେପାଳ ଆନ୍ତର୍ଜାତୀୟ ଟୋଙ୍ଗ- ଇଲ୍- ମୁଁ -ଡୁ ଚାମ୍ପିଅନ୍‌ସିପ

# ଓଡିଶା ପ୍ରତିଯୋଗୀ ଜିତିଲେ୧୫ ସ୍ୱର୍ଣ୍ଣ ୮ ରୌପ୍ୟ




ଭୁବନେଶ୍ୱର, : ଟୋଙ୍ଗ-ଇଲ୍-ମୁଁ-ଡୁ ଫେଡ୍‌ରେସନ ଇଣ୍ଡିଆ ପକ୍ଷରୁ ପଞ୍ଜାବର ଅମୃତସହର ଠାରେ ଅନୁଷ୍ଠିତ ଇଣ୍ଡୋ-ନେପାଳ ଟୋଙ୍ଗ-ଇଲ୍-ମୁଁ-ଡୁ ଚାମ୍ପିଅନ୍‌ସିପରେ ଓଡିଶାର ପ୍ରତିଯୋଗୀମାନେ ୧୫ ଟି ସ୍ୱର୍ଣ୍ଣ, ୮ ଟି ରୌପ୍ୟ ଓ ୩ ଟି କାଂସ୍ୟ ପଦକ ଜିତିଛନ୍ତି। ଓଡିଶା ଟିମ୍ ଭୁବନେଶ୍ୱରରେ ପହଚିବା ପରେ ସମସ୍ତଙ୍କୁ ବିପୁଳ ସ୍ୱାଗତ କରାଯାଇଛି। ଏହି ଚାମ୍ପିଅନ୍‌ସିପ ୨ ରୁ ଆରମ୍ଭ ହୋଇ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଓଡିଶାରୁ ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡିଶାର ପ୍ରତିଯୋଗୀମାନେ ତିନି ଦିନ ଧରି ଉନ୍ନତ ଖେଳ ପ୍ରଦର୍ଶନ କରି ୧୫ ଟି ସ୍ୱର୍ଣ୍ଣ, ୮ ଟି ରୌପ୍ୟ ଓ ୩ ଟି କାଂସ୍ୟ ପଦକ ହାତେଇ ଥିଲେ। ଓଡିଶା ପାଇଁ କୃତିତ୍ୱ ଆଣିଥିବାରୁ ଓଡିଶା ଆସୋସିଏସନର ସଭାପତି ବୀର କିଶୋର ଦେବ, ଚେୟାରମ୍ୟାନ ରବି ନାରାୟଣ ରାଉତରାୟ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଜୁବାବୁଙ୍କୁ ୨ୟ ବିଶ୍ୱଯୁଦ୍ଧ ପାଇଁ ରୁଷିଆର ସମ୍ମାନ ଓଡିଶା ପାଇଁ ଗର୍ବ -ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର : ନାଜି ଜର୍ମାନୀର ଆକ୍ରମଣକୁ ବେଖାତିର କରି ଦ୍ୱତୀୟ ବିଶ୍ୱଯୁଦ୍ଧ ସମୟରେ ବିଜୁ ପଟନାୟକ ଯେଉଁ ସାହସ ଓ ପରାକ୍ରମ ଦେଖାଇ ଥିଲେ ସେଥିପାଇଁ ଆଜି ଅଶି ବର୍ଷ ପରେ ରୁଷିଆ ପକ୍ଷରୁ ବିଜୁ ବାବୁଙ୍କୁ ସମ୍ମାନିତ କରିବା ପାଇଁ ତାଂକ ପୁଅ ନବୀନ ପଟନାୟକଙ୍କ ପାଖକୁ ନିମନ୍ତ୍ରଣ ଆସିବା ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବ. ଓଡ଼ିଆ ଅସ୍ମିତା ପରିଷଦ ଏହାକୁ ସ୍ୱାଗତ କରୁଛି. ବିଜୁ ବାବୁଙ୍କ ସ୍ୱାଧୀନତା ସଂଗ୍ରାମକୁ ଅବଦାନ, ଦ୍ୱତୀୟ ବିଶ୍ୱ ଯୁଦ୍ଧ, ଇଣ୍ଡୋନେସିଆ ସଂଗ୍ରାମ, ଭାରତ -ଚୀନ, ଭାରତ -ପାକିସ୍ତାନ ଯୁଦ୍ଧ ଓ କାଶ୍ମୀର ଆକ୍ରମଣ ବେଳେ ୧୯୪୭ ରେ ତାଂକ ଭୂମିକା ଉପରେ ସ୍କୁଲ ବହିରେ ବିସ୍ତୃତ ଲେଖା ପ୍ରକାଶ ପାଇଲେ ଆଗାମୀ ପିଢ଼ି ତାଂକ ଦେଶ ପ୍ରେମ ଓ ଅବଦାନ ଉପରେ ଅବଗତ ହୋଇପାରିବେ ବୋଲି ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା କହିଛନ୍ତି. ମାନ୍ୟବର ମୁଖମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି.

## ନୀଳାଦ୍ରି ବିହାର ସରସ୍ୱତୀ ଶିଶୁ ମନ୍ଦିରର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର : ଗତକାଲି ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ନୀଳାଦ୍ରି ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଏଥର ୨୨୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମସ୍ତେ କୃତକାର୍ଯ୍ୟ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ରେ ୧୫ ଜଣ ରହିଥିଲାବେଳେ ୧୬୪ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ପ୍ରତ୍ୟୁଷା ପ୍ରିୟଦର୍ଶିନୀ ସାହୁ ୫୭୫ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଶ୍ରୀପର୍ଣ୍ଣା ରାଉତରାୟ, ସୁର୍ଯ୍ୟକାନ୍ତ ମହାପାତ୍ର ୫୬୫ ନମ୍ବର ରଖି ଯୁଗ୍ମ ଭାବରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲାବେଳେ ଶ୍ରୀୟା ସାଲିନ ପ୍ରିୟଦର୍ଶନୀ ଭୋଇ ୫୬୨ ନମ୍ବର ରଖି ତୃତୀୟ ହୋଇଛନ୍ତି। ଆଜି ବିଦ୍ୟାଳୟ ପରିସରରେ ପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ଉପସଭାପତି ପଙ୍କଜ କୁମାର କର ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ପରିଶ୍ରମ କଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଥିଲେ।

## ୟୁଥ୍ ଫର ଭଲ୍ୟୁଟାରୀ ୱାର୍କର ଦଶମ ବାର୍ଷିକ ଉତ୍ସବ ପାଳନ

## ଦେଶ ନିର୍ମାଣରେ ସାମାଜିକ ଅନୁଷ୍ଠାନର ଗୁରୁତ୍ୱ ଉପରେ ଆଲୋଚନା




ଭୁବନେଶ୍ୱର, : ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟୁଥ୍ ଫର ଭଲ୍ୟୁଟାରୀ ୱାର୍କ' ତରଫରୁ ଦୀର୍ଘ ୧୦ବର୍ଷ ଧରି ଦେଶ ନିର୍ମାଣରେ ଯୁବ ଓ ଛାତ୍ର ଭୂମିକା ସମ୍ପର୍କରେ ଆଲୋଚନା, ନିଶା ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ, ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର ଓ ସଚେତନତା, ଜଳସେବା ଶିବିର, ମାନବାଧିକାର, ଭିନ୍ନକ୍ଷମ ଅଧିକାର ଓ ଶିଶୁ ସୁରକ୍ଷା ପ୍ରଭୃତି କାର୍ଯ୍ୟକ୍ରମ କରିଆସୁଅଛି । ଅନୁଷ୍ଠାନ ଏହାର ଦଶମ ବାର୍ଷିକ ଉତ୍ସବ ଭୁବନେଶ୍ୱରସ୍ଥିତ ଶୀତଲ୍ ହୋଟେଲ୍ ପରିସରରେ ପାଳନ ହୋଇଯାଇଅଛି । ମୀର ଅହମ୍ମଦ ଅଲ୍ଲୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ମାନ୍ୟବର ପୂର୍ବତନ ଅର୍ଥ ମନ୍ତ୍ରୀ ଶ୍ରୀଯୁକ୍ତ ପ□ାନନ କାନୁନ୍‌ଗୋ, ବରିଷ୍ଠ ରାଜନେତା ଓ ଓଡ଼ିଶା ପାଇକ ଆଖଡ଼ା ମହାସଂଘ ସଭାପତି ଶ୍ରୀଯୁକ୍ତ ପ୍ରକାଶ ଶ୍ରୀଚନ୍ଦନ, ବି.କେ. ପବ୍ଲିକେସନ୍ ପ୍ରକାଶକ ଶ୍ରୀଯୁକ୍ତ ବିଜୟ କୁମାର ମହାପାତ୍ର, ବିଶିଷ୍ଟ ରାଜନେତା ଶ୍ରୀଯୁକ୍ତ ଜଗନ୍ନାଥ ପ୍ରଧାନ, ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ଡେପୁଟି କମାଣ୍ଡା□, ଲଲିତେନ୍ଦୁ ମହାନ୍ତି, ସାମାଜିକ କର୍ମୀ ନିବେଦିତା ଶତପଥୀ ପ୍ରମୁଖ ଯୋଗଦେଇ ଦେଶ ନିର୍ମାଣରେ ସାମାଜିକ ଅନୁଷ୍ଠାନର ଗୁରୁତ୍ୱ, ଯୁବ ସମାଜ-ପରିବ□ନର ବାହକ ସମ୍ବନ୍ଧରେ ଆଲୋଚନା କରିଥିଲେ । ଅନୁଷ୍ଠାନ ତରଫରୁ ଜାରି ରହିଥିବା କାର୍ଯ୍ୟକ୍ରମ ଗୁଡ଼ିକୁ ଅତିଥିବୃନ୍ଦ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଭିନେତା ଚନ୍ଦନ କର, ସମାଜସେବୀ ଲଡ୍ଡୁ ଗୋପାଳ ମହାପାତ୍ର, ସମାଜସେବୀ ନୀଳିମା ଦାସ, ଲୋପାମୁଦ୍ରା ସାହୁ, ପଦ୍ମିନୀ ପରିଡ଼ା ଓ ଯୁବନେତା ଦିବ୍ୟସିଂହ ସେଠୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ ଭାଗ୍ୟଶ୍ରୀ ମହାନ୍ତି, ବିନୋଦ କୁମାର ରାଉତ, କ୍ଷୀରୋଦ କୁମାର ଜେନା, ପିଆଲି ପ୍ରିୟଦର୍ଶିନୀ, ପ୍ରଜ୍ଞା ପରମିତା ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ସରୋଜ କୁମାର ପ୍ରଧାନ, ପିଆଲି ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ ।

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଅବସର କର୍ମଚାରୀ ସଂଘର ମିଶ୍ରଣ



ଭୁବନେଶ୍ୱର, : ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗତ ତା ୦୧.୦୫.୨୦୨୫ତାରିଖରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ମିଶ୍ରଣ ହୋଇ ନୂତନ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସୃଷ୍ଟି ହୋଇଅଛି । ଏହି ବ୍ୟାଙ୍କ ଓଡ଼ିଶାର ୩୦ଟି ଜିଲ୍ଲାରେ କାର୍ଯ୍ୟରତ । ସେହି ଅନୁସାରେ ଉକ୍ତ ଦୁଇ ବ୍ୟାଙ୍କର ଥିବା ଅବସର କର୍ମଚାରୀ ସଂଘର ମଧ୍ୟ ଜରୁରୀ । ଏଥିପାଇଁ ଗତକାଲି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଅବସର କର୍ମଚାରୀ ସଂଘର ଏକ କୋର୍ଡିନେସନ୍ ବୈଠକ ମିଳିତ ଭାବେ ସ୍ଥାନୀୟ ମିଲିଣ୍ଡ ପାଲେସ୍‌ଠାରେ ହୋଇଥିଲା। ଏଥିରେ ଦୁଇ ବ୍ୟାଙ୍କର ଅବସର କର୍ମଚାରୀଙ୍କ ମଧ୍ୟରୁ ଶ୍ରୀଯୁକ୍ତ ମନୋଜ ମହାନ୍ତି, ଶ୍ରୀଯୁକ୍ତ ବସନ୍ତ କୁମାର ଦାଶ, ଶ୍ରୀଯୁକ୍ତ ସ୍ୱରୂପ ବାସା, ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଭଞ୍ଜ, ଶ୍ରୀଯୁକ୍ତ ଗଣେଶ ଚନ୍ଦ୍ର ମିଶ୍ର, ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ମହାପାତ୍ର, ଶ୍ରୀଯୁକ୍ତ ଆଶୁତୋଷ ମିଶ୍ର, ଶ୍ରୀଯୁକ୍ତ ପ୍ରତାପ ଦାସ, ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ନେପାକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ନୂତନ ସଂଘର କାର୍ଯ୍ୟପନ୍ଥା ସ୍ଥିର କରିଥିଲେ । ଏହାର ପରବର୍ତୀ ସଭା ଆସନ୍ତା ତା ୧୨.୦୫.୨୦୨୫ରିଖ ଦିନ ସମ୍ବଲପୁରଠାରେ ହେବ ବୋଲି ସ୍ଥିର ହୋଇଥିଲା ।

## ରାଷ୍ଟ୍ରଦୀପ, ଅର୍ଗାନାଇଜର ଓ ପାଂଚଜନ୍ୟ ତରଫରୁ 'ପାଠକ ସମ୍ମିଳନୀ'

ଭୁବନେଶ୍ୱର, :ରାଷ୍ଟ୍ରୀୟ ବିଚାରଧାରା ଆଧାରିତ ସାପ୍ତାହିକ ପତ୍ରିକା ରାଷ୍ଟ୍ରଦୀପ, ଅର୍ଗାନାଇଜର ଓ ପାଂଚଜନ୍ୟ ତରଫରୁ ସୋମବାର ସଂଧ୍ୟାରେ ସରସ୍ୱତୀ ଶିଶୁ ମନ୍ଦିର, ୟୁନଟ-୬, ଭୁବନେଶ୍ୱର ଠାରେ ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ପାଠକ କିଶୋର ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରଜ୍ଞାପ୍ରବାହ, ଓଡିଶାର ରାଜ୍ୟ ଅଧକ୍ଷ ଦୁର୍ଯ୍ୟୋଧନ କାଠୁଆ ମୁଖ୍ୟବକ୍ତା ରୂପେ ଉପସ୍ଥିତ ରହି ପାଠକର ଧ୍ୟେୟ-ଅନୁଶାସନ ପ୍ରିୟ,ନୂତନ ପାଠକ ବୃଦ୍ଧି ଓ ପାଠକ ସଂରକ୍ଷଣ ଉପରେ ମତବ୍ୟକ୍ତ କରିଥିଲେ । ସେ କହିଥିଲେ ପ୍ରତ୍ୟେକ ପତ୍ରିକା ପାଇଁ ପାଠକ ହେଉଛନ୍ତି ଶ୍ରେଷ୍ଠ ପରାମର୍ଶଦାତା । ତେଣୁ ପାଠକମାନଙ୍କ ସହ ମତ ବିନିମୟ ପାଇଁ ରାଷ୍ଟ୍ରଦୀପ, ଅର୍ଗାନାଇଜର ଓ ପାଂଚଜନ୍ୟ ତରଫରୁ ଏହି ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱରର ୟୁନିଟ-୬,ୟୁନିଟ-୭,ୟୁନିଟ-୮, ସୂର୍ଯ୍ୟନଗର, ଖଣ୍ଡଗିରି, ଭିମଟାଙ୍ଗୀ,ପୁରୁଣା ଭୁବନେଶ୍ୱର, ଜାଗମରା ଆଦି ଅଂଚଳରେ ସାପ୍ତାହିକ ପତ୍ରିକା ବୃଦ୍ଧିରେ ସାହାର୍ଯ୍ୟ କରୁଥିବା ହିରଣମୟ ଦାସ,କିଶୋର ଚନ୍ଦ୍ର ଦାଶ,ମନୋଜ କୁମାର ଡାକୁଆ,ମାଳତୀ ମହାପାତ୍ର, ପାର୍ଥ ସାରଥି ସାହୁ, ପ୍ରକାଶ କୁମାର ଛାଟୋଇ, ଦିଲିପ କୁମାର ପ୍ରଧାନ, ଦେବୀ ପ୍ରସାଦ ମହାନ୍ତିଙ୍କୁ ଉତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ନୀଳମଣୀ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଜୟ କେତନ ସାହୁ, ଦିନବୁ ଷଡଙ୍ଗୀ,ସୁଦାମ ସାମନ୍ତ ସିଂହାର,ଦିପ୍ତିମୟୀ ନାୟକଙ୍କ ସମେତ ଅନେକ ପାଠକ ଏହି ସମ୍ମିଳନୀରେ ଉପସ୍ଥିତ ରହି ନିଜର ଅନୁଭୂତି ସହ ଗଠନ ମୂଳକ ମତାମତ ଦେଇଥିଲେ।

## ଭୁବନେଶ୍ୱରର ସହିଦନଗରଠାରେ ଖୋଲିଲା ଗୀତାଞ୍ଜଳି ଆୱାର୍ଡସର ନୂଆ ଏକ୍ସକ୍ଲୁସିଭ ଶୋ'ରୁମ

ଭୁବନେଶ୍ୱର : ଓଡିଶାର ଅଗ୍ରଣୀ ଆୱାର୍ଡସ ମାନୁଫ୍ୟାକ୍‌ଚରର ଗୀତାଞ୍ଜଳି ଆୱାର୍ଡସ ପ୍ରାଇଭେଟ ଲିମିଟେଡ, ଭୁବନେଶ୍ୱରର ସହିଦନଗରଠାରେ ଏକ ନୂଆ ଏକ୍ସକ୍ଲୁସିଭ ଶୋ'ରୁମର ଶୁଭାରମ୍ଭ ସହିତ ନିଜର ଉପସ୍ଥିତି ବିସ୍ତାର କରିଛି। ପୂର୍ବରୁ ଏହି ନୂଆ ଶୋ'ରୁମର




ସଫ୍ଟ ଲଂଚିଙ୍ଗରେ ଓଡିଶାର ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ। ୧୫୦୦ ବର୍ଗଫୁଟରୁ ଅଧିକ ଅଂଚଳରେ ପରିବ୍ୟାପ୍ତ ଏହି ଷ୍ଟୋରଟି କର୍ପୋରେଟ୍, ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ସଂଗଠନ ସମେତ ବିଭିନ୍ନ କ୍ଷେତ୍ରର ଗ୍ରାହକଙ୍କ ଅନନ୍ୟ ଆବଶ୍ୟକତା ପୂରଣ କରିବା ପାଇଁ ଅନେକ ଉତ୍କୃଷ୍ଟ ଭାବରେ ଡିଜାଇନ୍ ହୋଇଥିବା ଟ୍ରଫି, ପୁରସ୍କାର ଏବଂ ସ୍ମୃତିଚିହ୍ନ ପ୍ରଦାନ କରୁଛି । ଏହା ବ୍ୟତୀତ ଗୀତାଞ୍ଜଳି ଆୱାର୍ଡସ ଏକ ଅନ୍‌ଲାଇନ ପ୍ଲାଟଫର୍ମରେ ମଧ୍ୟ ପରିଚାଳନା କରୁଛି ଯାହା ଗ୍ରାହକଙ୍କୁ ଯେକୌଣସି ସମୟରେ ସୁବିଧାରେ ନିଜ ପସନ୍ଦର ସାମଗ୍ରୀ ଚୟନ କରି ଅର୍ଡର କରିବାକୁ ସକ୍ଷମ କରୁଛି। ଏହି ଶୋ'ରୁମର ଶୁଭାରମ୍ଭ ଅବସରରେ ଗୀତାଞ୍ଜଳି ଆୱାର୍ଡସର ପ୍ରତିଷ୍ଠାତା କ୍ରିଷ୍ଣ ମୋହନ ଟାଟା କହିଛନ୍ତି, "ସହିଦ ନଗରରେ ଆମର ଫ୍ଲାଗସିପ୍ ସୋ'ରୁମ୍ ଖୋଲିବା ନେଇ ଆମେ ଆନନ୍ଦିତ, ଯାହା ଦ୍ୱାରା ଆମର ଗ୍ରାହକମାନେ ଆମର ସ୍ୱତନ୍ତ୍ର ଟ୍ରଫି ଏବଂ ସ୍ମୃତିଚିହ୍ନ କୁ ପାଇବା ସହଜ ହେବ । ବୈଷୟିକ ଉନ୍ନତି ସହିତ ଯୋଡ଼ି ହୋଇ ରହିବା ପାଇଁ ଆମେ ଆମର କର୍ମଶାଳାକୁ କ୍ରମାଗତ ଭାବରେ ଅପଗ୍ରେଡ୍ କରୁଛୁ । ଗୀତାଞ୍ଜଳି ଆୱାର୍ଡସ ଆଇଆଇଟି ହାଇଦ୍ରାବାଦ ସହଯୋଗରେ ସମ୍ମାନଜନକ ଏନଆଇଆରଏଫ ଟ୍ରଫି ତିଆରି କରିଥିଲା ଏବଂ ନିଫ୍ଟ ସହ ମିଶି ଅନନ୍ୟ ୩ଡି ଟ୍ରଫି ଡିଜାଇନ୍ କରିଥିଲା । ଆମେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଡିଜାଇନ୍ ସହିତ ସମସ୍ତ ସ୍ୱୀକୃତି ଆବଶ୍ୟକତା ପୂରଣ କରିବାକୁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଅଛୁ ।"ସେହିଭଳି ଏହି ନୂତନ ଶୁଭାରମ୍ଭ ଉପରେ ମତବ୍ୟକ୍ତ କରି ଗୀତାଞ୍ଜଳି ଆୱାର୍ଡସର ସହପ୍ରତିଷ୍ଠାତା ଶ୍ରୀଯୁକ୍ତ ବୁଦ୍ଧ ପ୍ରକାଶ ମହାପାତ୍ର କହିଛନ୍ତି, "ଆମେ ଆମର ଟ୍ରେଡମାର୍କ ପଞ୍ଜୀକୃତ କରିଛୁ ଏବଂ ଆମର କିଛି ସ୍ୱତନ୍ତ୍ର ଡିଜାଇନଗୁଡିକୁ ପାଟେଂଟ କରିବା ଉପରେ କାର୍ଯ୍ୟ କରୁଛୁ। ସଠିକ ସମୟରେ ଡେଲିଭରି ଓ ଉଚ୍ଚ ଗୁଣବତା ଆମର ଶୀର୍ଷ ପ୍ରାଥମିକତା। ସ୍ଥାୟିତ୍ୱ ଓ ଉଦ୍ଭାବନ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତା ସହ ଜଡିତ ରହି ଆମେ ମଧ୍ୟ ହସ୍ତଶିଳ୍ପ ଏବଂ ପରିବେଶ ଅନୁକୂଳ ଗିଫ୍ଟିଙ୍ଗ ସଲ୍ୟୁଶନକୁ ସମ୍ପ୍ରସାରିତ ହୋଇଛୁ।ଗୀତାଞ୍ଜଳି ଆୱାର୍ଡସ ଏକ ସାଧାରଣ ସ୍ତରରୁ ପରିଚାଳନା ଆରମ୍ଭ କରିଥିଲା ଏବଂ ବର୍ତମାନ ମାନ୍ୟତା ଉତ୍ପାଦ ଶିଳ୍ପରେ ଏକ ବିଶ୍ୱସନୀୟ ନାମରେ ପରିଣତ ହୋଇଛି। ଶ୍ରୀଯୁକ୍ତ ଟାଟା ଓ ତାଙ୍କ ବନ୍ଧୁ ବୁଦ୍ଧ ପ୍ରକାଶ ମହାପାତ୍ର କର୍ପୋରେଟ ଚାକିରିରେ କାର୍ଯ୍ୟରତ ଥିବା ସମୟରେ ଏହି କ୍ଷେତ୍ରରେ ପ୍ରବେଶ କରିଥିଲେ। ଆରମ୍ଭ ଆହ୍ୱାନପୂର୍ଣ୍ଣ ଥିଲା କିନ୍ତୁ ଉତ୍ସର୍ଗୀକୃତତା ସହ ସେମାନେ ଆଗକୁ ବଢିଥିଲେ । ଆଜି ଏହି କମ୍ପାନୀ ଆକ୍ରିଲିକ, ଉଡ ଓ ମେଟାଲରେ ଏକ ବିସ୍ତୃତ ଶୃଙ୍ଖଳାର ମାନ୍ୟତା ଉତ୍ପାଦଗୁଡିକର ଡିଜାଇନ, ନିର୍ମାଣ ଓ ବିକ୍ରି କରୁଛି। ଏହା ପ୍ରାରମ୍ଭିକ ବିଚାରଠାରୁ ଆରମ୍ଭ କରି ଫାଇନାଲ ଡେଲିଭରି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରୁଛି।

## ଭ୍ରାମ୍ୟମାଣ ଜଳଛତ୍ର ସେବା ଉଦ୍‌ଘାଟିତ



ଭୁବନେଶ୍ୱର, : ଶ୍ରୀ ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର ସେବା ପଟିଆ ସ୍ଥିତ ଶିରିଡି ସାଇ ଛକ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଟ୍ରଷ୍ଟର ଅଧକ୍ଷ ତଥା ୧ ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଓ ୬ ନଂ ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବର୍ତମାନ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଏହି ଜଳସେବା ପଥିକ ମାନଙ୍କୁ ବେଶ ସହାୟକ ହେବ ବୋଲି କହିଥିଲେ । ଏହି ଭ୍ରାମ୍ୟମାଣ ଜଳସେବା ପଟିଆ ଛକଠାରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଯାତ୍ରା କରିବ । ପ୍ରତି ଛକରେ କିଛି ସମୟ ରହି ଦହିପାଣି ଓ ସାଧା ପାଣି ବ□ନ କରାଯିବ ବୋଲି ମିହିର ରାଉତ କହିଛନ୍ତି ।

## ମହାବିଦ୍ୟାଳୟ କର୍ମଚାରୀ ଙ୍କୁ ଅ୍ବସର କାଳୀନ ସମ୍ବର୍ଦ୍ଧନା

ପାଟଣା : ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ କାର୍ଯ୍ୟରତ ଜନପ୍ରିୟ କର୍ମଚାରୀ ଦୈତାରୀ ମହାନ୍ତ ଙ୍କୁ ଆଜି ମହାବିଦ୍ୟାଳୟ ପରିସରରେ ଅବସର କାଳୀନ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି ।ଅଧକ୍ଷ ବିରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ ,ମୁଖ୍ୟ ବକ୍ତା ଭାବେ ଏହି ବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର କୁଶଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଅ୍ବସର ଗ୍ରହଣ କରୁଥିବା ଶ୍ରୀ ମହାନ୍ତ ଙ୍କ କର୍ତ୍ତବ୍ୟ ନିଷ୍ଠାର ପ୍ରଶଂସା କରିବା ସହ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ